RNI No.ODIODI/2010/33031
୧୭ ବର୍ଷ Volume-17
ISSUE -162 ସଂଖ୍ୟା-୧୬୨
ଭୁବନେଶ୍ୱର, ବୁଧବାର ୦୯ ସେପ୍ଟେମ୍ବର ୨୦୨୬
Bhubaneswar, Wednesday 09 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଦାରା ସିଂ ମୁକ୍ତି ମାମଲାରେ ସୁପ୍ରିମକୋର୍ଟ ଦେଲେ ଶେଷ ସୁଯୋଗ

### ୧୭କୁ ଘୁଞ୍ଚିଲା ଶୁଣାଣି



ନୂଆଦିଲ୍ଲୀ,୮।୯: ସୁପ୍ରିମକୋର୍ଟରେ ଦାରା ସିଂ ମୁକ୍ତି ମାମଲାର ଶୁଣାଣି । ଆସନ୍ତା ୧୭ ତାରିଖକୁ ଶୁଣାଣି ଘୁଞ୍ଚାଇଲେ ସର୍ବୋଚ୍ଚ କୋର୍ଟ । ରାଜ୍ୟ ସରକାରଙ୍କୁ ଶେଷ ସୁଯୋଗ ଦେଲେ ସୁପ୍ରିମକୋର୍ଟ । ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ରିପୋର୍ଟ ଦାଖଲ କରି ନଥିବାରୁ ଶେଷ ସୁଯୋଗ ଦେଲେ ମାନ୍ୟବର କୋର୍ଟ ।

ଏହି ମାମଲାରେ ପୂର୍ବ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଓଡ଼ିଶାର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ମାମଲା ଉପରେ ନିଷ୍ପତ୍ତି ନେଇ କୋର୍ଟକୁ ଅବଗତ କରିବାକୁ କହିଥିଲେ। ବିଶେଷ କରି, ଦାରା ସିଂହଙ୍କ କ୍ଷମା-ଭିକ୍ଷା ସମ୍ବନ୍ଧୀୟ ଆବେଦନ ଉପରେ ରାଜ୍ୟ ସରକାରଙ୍କ ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ରହିଛି । ଲକ୍ଷ୍ୟବସ୍ତୁ କ'ଣ ନିଷ୍ପତ୍ତି ନେଇଛି ଏବଂ ସେହି ନିଷ୍ପତ୍ତି କୋର୍ଟ ସମ୍ମୁଖରେ ରଖାଯାଇଛି କି ନାହିଁ—ତାହା ଆଜି ଜଣାପଡିଥାନ୍ତା ।

ଉଲ୍ଲେଖଯୋଗ୍ୟ , ୧୯୯୯ ମସିହା ଜାନୁଆରୀ ୨୨ ତାରିଖ ରାତିରେ ଦାରା ସିଂହଙ୍କ ନେତୃତ୍ୱରେ ଉତ୍ତ୍ୟକ୍ତ ଜନତା କେନ୍ଦୁଝର ଜିଲ୍ଲାର ମନୋହରପୁର ଗାଁରେ ଏକ ଗାଡି ଭିତରେ ଶୋଇଥିବା ଅବସ୍ଥାରେ ଅଷ୍ଟ୍ରେଲୀୟ ଧର୍ମପ୍ରଚାରକ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳି ଦେଇଥିଲେ। ଏହି ହୃଦୟବିଦାରକ ହତ୍ୟାକାଣ୍ଡରେ ୨୦୦୩ ମସିହାରେ ଟ୍ରାଏଲ୍ କୋର୍ଟ ଦାରା ସିଂହଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ପରେ ଦାରା ସିଂ ମାମଲା ୨୦୦୫ରେ ଓଡିଶା ହାଇକୋର୍ଟ ଏହି ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ, ଯାହା ୨୦୧୧ ମସିହାରେ ସୁପ୍ରିମକୋର୍ଟ ମଧ କାଏମ ରହିଥିଲା।

ଏବେ ଦାରା ସିଂ ୨୬ବର୍ଷରୁ ଅଧିକ ସମୟ ଧରି ଜେଲରେ ରହିସାରିଛନ୍ତି। ରାଜ୍ୟ ସରକାରଙ୍କ ରିମିସନ ନୀତି ଅନୁସାରେ, ଫାଶୀ ଦଣ୍ଡରୁ ଆଜୀବନ କାରାଦଣ୍ଡ ପାଇଥିବା କଏଦୀମାନେ ୨୫ବର୍ଷ ଜେଲ୍ ଦଣ୍ଡ ଅବଧି ପୂରଣ କରିବା ପରେ ସେମାନଙ୍କ ସମୟପୂର୍ବ ମୁକ୍ତି ଆବେଦନ ଉପରେ ବିଚାର କରାଯାଇପାରିବ। ଦାରା ସିଂ ନିଜର ଦୁଇ ଓକିଲ ହରି ଶଙ୍କର ଜୈନ ଓ ବିଷ୍ଣୁ ଶଙ୍କର ଜୈନଙ୍କ ମାଧ୍ୟମରେ ଦାଏର କରିଥିବା ରିଟ୍ ଆବେଦନରେ ଦର୍ଶାଇଛନ୍ତି ଯେ, ଯୁବାବସ୍ଥାର କ୍ରୋଧ ଯୋଗୁଁ ସେ ସେହି ଅପରାଧ ଘଟାଇଥିଲେ ଓ ଏବେ ସେ ନିଜ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁତପ୍ତ । ଦଣ୍ଡର ସଂସ୍କାରମୂଳକ ନୀତି ତଥା ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ ମାମଲାରେ ୨୦୨୨ ମସିହାରେ ଦୋଷୀମାନଙ୍କୁ ମିଳିଥିବା ମୁକ୍ତି ରାୟର ଉଦାହରଣ ଦେଇ ଜଣେ ସଂସ୍କାରସମ୍ପନ୍ନ ବ୍ୟକ୍ତି ଭାବେ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ କୋର୍ଟଙ୍କ ନିକଟରେ ସେ ଆବେଦନ କରିଥିବା ଜଣାପଡିଛି।

## ୯ ଯୁବ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ନିଯୁକ୍ତି



ଭୁବନେଶ୍ୱର,୮।୯(ନି.ପ୍ର.); ଟ୍ରେନିଂ ଶେଷ ପରେ ୯ ଯୁବ ଓଏଏସ୍‌ଙ୍କୁ ଉପଜିଲ୍ଲାପାଳ ନିଯୁକ୍ତି । ଓଏଏସ୍ ଅନିମେଶ ପ୍ରଧାନଙ୍କୁ ଆଠଗଡ ଉପଜିଲ୍ଲାପାଳ ଦାୟିତ୍ୱ । ପ୍ରଜ୍ଞାନନ୍ଦନ ଗିରି ହେଲେ ତାଳଚେର ଉପଜିଲ୍ଲାପାଳ । କସ୍ତୁରୀ ଶାହାଙ୍କୁ ଭବାନୀପାଟଣା ଉପଜିଲ୍ଲାପାଳ ଦାୟିତ୍ୱ ।ଫାବି ରସିଦ୍ ହେଲେ କୋରାପୁଟ ଉପଜିଲ୍ଲାପାଳ । ମୃଣାଳିକା ରାଠୋଡ୍- ରାୟଗଡା, ସୁଭଦ୍ରା ପଣ୍ଡା- ଯାଜପୁର ।ପଠାନ କୁମାର- ଟିଟିଲାଗଡ, ଭଗତ ସାମଲ କଲ୍ୟାଣରାଓ- ପାରଳାଖେମୁଣ୍ଡି । ସନ୍ତୋଷ କୁମାର ପାତ୍ର ହେଲେ ବଣାଇଗଡ ଉପଜିଲ୍ଲାପାଳ ।

## ନନ୍ଦନକାନନ ଗଲେ ୫ ଓରାଙ୍ଗଓଟାନ

### ଇଣ୍ଟରନ୍ୟାସନାଲ୍ ସ୍ମଗଲିଂ ସନ୍ଦେହ, ତଦନ୍ତ ଆରମ୍ଭ



ଭୁବନେଶ୍ୱର,୮।୯(ନି.ପ୍ର.); ଉଦୟପୁର ଫରେଷ୍ଟ ଅଫିସ୍‌ରୁ ନନ୍ଦନକାନନ ବାହାରିଲେ ୫ ଓରାଙ୍ଗଉଟାନ । ସ୍ୱତନ୍ତ୍ର ବ୍ୟବସ୍ଥା ସହିତ କଡା ସୁରକ୍ଷା ମଧ୍ୟରେ ନନ୍ଦନକାନନକୁ ପଠାଗଲା ୫ ଓରାଙ୍ଗ ଓଟାନ। ଜଉଉରଙ୍କ ଉପସ୍ଥିତିରେ ସମସ୍ତ ଓରାଙ୍ଗ ଓଟାନ ନନ୍ଦନକାନନ ଯାଇଥିବାର ସୂଚନା ମିଳିଛି ।

ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଚିତ୍ରପୁର ଜଙ୍ଗଲରେ ୫ଟି ଓରାଙ୍ଗଉଟାନ ଠାବ ହୋଇଥିଲା। ଏକାଥରେ ୫ଟି ବିରଳ ପ୍ରଜାତିର ଜୀବ ଦେଖାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଜୀବଙ୍କୁ ଦେଖିବା ପାଇଁ ଜଙ୍ଗଲରେ ଲୋକଙ୍କ ଭିଡ ଜମିଥିଲା । ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଜୀବଗୁଡ଼ିକୁ ଉଦ୍ଧାର କରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ପଶୁ ଚିକିତ୍ସାଳୟକୁ ନିଆଯାଇଥିଲା ।

ଦେଖିବାକୁ ସେମାନେ ଅବିକଳ ବଣମଣିଷ ଭଳି। ଗଛ ଓ ଜଙ୍ଗଲ ମଧ୍ୟରେ ଏମାନଙ୍କ ଗତିବିଧି ଦେଖି ସ୍ଥାନୀୟ ଲୋକେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଏମାନେ ଓରାଙ୍ଗଉଟାନ ବୋଲି ଚର୍ଚ୍ଚା ହେବା ପରେ ଘଟଣାଟି ଅଧିକ ରୋଚକ ହୋଇଥିଲା। ଖବର ଚାରିଆଡ଼ ବ୍ୟାପିବା ପରେ ବିଚିତ୍ରପୁର ଜଙ୍ଗଲ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ଏଭଳି ଜୀବକୁ ଆଗରୁ କେବେ ଦେଖିନଥିବା ଲୋକେ ଦୂରରୁ ଠିଆ ହୋଇ ଏମାନଙ୍କୁ ଦେଖିବାକୁ ଚେଷ୍ଟା କରିଥିଲେ।

ବିଚିତ୍ରପୁରରେ ବନବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ଓରାଙ୍ଗ ଉଟାନ ଏବେ ଚିନ୍ତା ବଢାଇ ଦେଇଛି ସଭିଙ୍କର। ଏହି ପ୍ରଜାତିର ଜଂଗଲୀ ଜନ୍ତୁ ବିଶ୍ୱରେ ବିରଳ ଥିବାବେଳେ ମିଳିଥିବା ତଥ୍ୟ ଅନୁଯାୟୀ ଏହା ନନ୍ଦନକାନନରେ ବି ଗୋଟିଏ ୨୦୧୯ ମସିହାରେ ମୃତ ପରଠୁ ନାହିଁ। ଏଭଳି ସ୍ଥିତିରେ ବେଆଇନ ଭାବରେ ଏହା ଚାଲାଣ ହୋଇଥାଇ ପାରେ ବୋଲି ପୂର୍ବତନ ୱାଇଲ୍ଡ ଲାଇଫ ୱର୍ଡେନ କହିଛନ୍ତି ।

ସେହିପରି ସ୍ମଗଲିଂ ସନ୍ଦେହ ହେଉଛି ବୋଲି ପିସିସିଏଫ୍ ପ୍ରେମ୍ ଝା କହିଥିବାର ଦେଖିବାକୁ ମିଳିଛି । ଏହା ସହ ସେ କହିଛନ୍ତି, ବନ ବିଭାଗ ତଦନ୍ତ କରିବ, ପୋଲିସକୁ ମଧ ତଦନ୍ତ ପାଇଁ କୁହାଯାଇଛି । ଦେଶର ଦୁଇ ତିନୋଟି ସ୍ଥାନରେ କ୍ୱଚିତ୍ ଦେଖାଯାନ୍ତି । ଓଡିଶାରେ ଓରାଙ୍ଗଓଟାନ କେବେ ଦେଖାଯିବାର ନଜିର ନାହିଁ । ନନ୍ଦନକାନନରୁ ଗୋଟିଏ ଟିମ୍ ଭୋଗରାଇ ବାହାରି ସାରିଛି । ଉଦ୍ଧାର ୫ ଓରାଙ୍ଗଉଟାନଙ୍କୁ ନନ୍ଦନକାନନରେ କ୍ୱାରେଣ୍ଟାଇନ୍‌ରେ ରଖାଯିବ ବୋଲି ପିସିସିଏଫ୍ ପ୍ରେମ୍ ଝା କହିଛନ୍ତି ।

ଏହି ଘଟଣାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରତିକ୍ରିୟା ଦେଇଛନ୍ତି । ଓରାଙ୍ଗଉଟାନ କେଉଁଠୁ ଆସିଲେ ଏନେଇ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ତଦନ୍ତ କରିବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଏହା ପଛରେ ଅନ୍ତର୍ଜାତୀୟ ମାଫିଆ ଚାଲାଣ କରୁଥାଇପାରେ, ତେଣୁ ଏହି ମାମଲାରେ ତଦନ୍ତ କରାଯିବ। କାରଣ ଏହି ପ୍ରଜାତିର ଜୀବ ଭାରତରେ ନାହାନ୍ତି କି ଓଡ଼ିଶାରେ ନାହାନ୍ତି। ଏନେଇ ନିଜେ ପିସିଏଫ ମଧ ମନିଟରିଂ କରୁଛନ୍ତି। ବଜାରରେ ଗୋଟେ ଓରାଙ୍ଗଉଟାନର ଦାମ୍ ୨୫ ଲକ୍ଷ ଟଙ୍କା। ସେମାନଙ୍କର ବୟସ ବର୍ଷରୁ ଦୁଇ ବର୍ଷ ଭିତରେ ହେବ। ସେମାନଙ୍କୁ ନେଇ ରିସର୍ଚ୍ଚ କରାଯିବ । ଚେକ୍ ଦେବା ପାଇଁ ଏୟାରପୋର୍ଟ ଓ ରେଲୱେ ସହ କଥାବାର୍ତ୍ତା ମଧ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ।

## ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ସସ୍‌ପେଣ୍ଡ୍

ଭୁବନେଶ୍ୱର,୮।୯: ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ଦୁର୍ଗା ଛୁରିଆଙ୍କୁ ନିଲମ୍ବନ କରାଯାଇଛି। ସେ କନ୍ଧମାଳ ଡିଡିଓରେ ଓଏସଡି ଭାବେ କାର୍ଯ୍ୟ କରୁଥିଲେ। ଏହା ସହିତ ସେ ଭୁବନେଶ୍ୱର ସମବାୟ ମୁଖ୍ୟାଳୟରେ SARCS ଭାବେ କାର୍ଯ୍ୟ କରୁଥିଲେ। ରାଜନୀତିକ ସମ୍ପୃକ୍ତି ଅଭିଯୋଗରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ହୋଇଛି। ଓଡିଶା ସରକାରୀ ସେବା ଆଚରଣ ନିୟମ, ୧୯୫୯ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିବା ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନିର୍ଦ୍ଦେଶନାମା ଅନୁସାରେ ଏକ ରାଜନୀତିକ ଦଳ ସହ ଜଡିତ ରହିବା ଓ ତା'ର ବିଭିନ୍ନ କାର୍ଯ୍ୟକଳାପରେ ଭାଗ ନେଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ରହିଥିଲା।

## ତାମିଲନାଡୁ ବିଧାନସଭାରେ ହଙ୍ଗାମା

### ଡିଏମକେ ବିଧାୟକଙ୍କୁ ଟେକି ନେଇଗଲେ ମାର୍ଶଲ

ଚେନ୍ନାଇ,୮।୯: ତାମିଲନାଡୁ ବିଧାନସଭାରେ ହାଇଡ୍ରାମା। ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ବିଧାନସଭାରେ ବିରୋଧ କରି ତଡା ଖାଇଛନ୍ତି ଡିଏମକେର ଅନେକ ବିଧାୟକ। ଦିନକ ତଳେ ରାଜ୍ୟର ପୂର୍ବତନ ଡିଏମକେ ସରକାର ବିରୋଧରେ ଦୁର୍ନୀତି ଓ ଲାଞ୍ଚ ଅଭିଯୋଗ କରିଥିଲେ ବିଜୟ। ଆଜି ଏହାର ପ୍ରତିବାଦ ଡିଏମକେ ବିଧାୟକମାନେ ବିଧାନସଭା ମଧ୍ୟରେ କରିଛନ୍ତି। ସେମାନେ ଗୃହକୁ ଚାଲିବାକୁ ନ ଦେବାରୁ ବାଚସ୍ପତି ସମସ୍ତଙ୍କୁ ବିଧାନସଭାରୁ ସୁରକ୍ଷାକର୍ମୀ(ମାର୍ଶଲ) ଡାକି ବିଦା କରି ଦେଇଛନ୍ତି। ବିଧାନସଭାର ସୁରକ୍ଷାକର୍ମୀମାନେ ବଳପୂର୍ବକ ଡିଏମକେ ବିଧାୟକମାନଙ୍କୁ ବାହାରକୁ ଟେକି ନେବାର ଦୃଶ୍ୟ ମଧ ସାମ୍ନାକୁ ଆସିଛି।



ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଡିଏମକେର ମୁଖ୍ୟ ସଚେତକ ଇଭି ଭେଲୁ ସୋମବାର ବିଜୟ ଆଣିଥିବା ଲାଞ୍ଚ ଅଭିଯୋଗକୁ ବିଧାନସଭା ରେକର୍ଡରୁ ବାଦ ଦେବାକୁ ଦାବି କରିଥିଲେ। ବାଚସ୍ପତି ଏହାକୁ କର୍ଣ୍ଣପାତ ନ କରିବାରୁ ଡିଏମକେ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆଜି ହଟ୍‌ଟୋଗଳ କରିଥିଲେ।

ରାଜ୍ୟର ଆଇନ ମନ୍ତ୍ରୀ ଆର ନିର୍ମଳ କୁମାର ସିଧାସଳଖ ବିଜୟଙ୍କ ବୟାନକୁ ସମର୍ଥନ କରିଥିଲେ। ସାରକାରିଆ କମିଶନ ରିପୋର୍ଟ ଓ ଇଡି ଦସ୍ତାବିଜ ଆଧାରରେ ବିଜୟ ଦୁର୍ନୀତି ଅଭିଯୋଗ ଆଣିଥିବା ସେ କହିଥିଲେ। ତଥାପି ଡିଏମକେ ବିଧାୟକମାନେ କିଛି ବି ବୁଝି ନଥିଲେ। ସେମାନେ ନାରାବାଜୀ ଜାରି ରଖିଥିଲେ।

ବାଚସ୍ପତି ଜେସିଡି ପ୍ରଭାକର ନାରାବାଜୀ ସତ୍ତ୍ୱେ ବିଜୟଙ୍କ ବୟାନକୁ ବିଧାନସଭା କାର୍ଯ୍ୟରୁ ବାଦ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ। ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ ଡିଏମକେ ବିଧାୟକମାନେ ବିରୋଧ ପ୍ରଦର୍ଶନ ଜାରି ରଖିଥିଲେ।ଏତିକି ବେଳେ ଗୃହର ନେତା କେଏ ସେଙ୍ଗୋଟିୟାନ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ବାଚସ୍ପତି ପ୍ରଭାକର ବିରୋଧୀ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିବା ପାଇଁ ଗୋଟିଏ ମିନିଟ ସମୟ ଦେଇଥିଲେ। ଏଥିସହ ଡିଏମକେର କେଏନ ନେହରୁ କିମ୍ବା ଇଭି ଭେଲୁଙ୍କୁ ଗୃହରେ କହିବାକୁ ଅନୁମତି ଦେବେ ବୋଲି ମଧ ଘୋଷଣା କରିଥିଲେ। ତଥାପି ବିରୋଧ ଜାରି ରହିଥିଲା।ବାଚସ୍ପତିଙ୍କ ପୋଡିୟମ ଆଗରେ ବେଶ କିଛି ସମୟ ଧରି ନାରାବାଜୀ ଜାରି ରହିବାରୁ ଗୃହ କାର୍ଯ୍ୟ ଅଚଳ ହୋଇଯାଇଥିଲା। ଏହାକୁ ଦେଖି ବାଚସ୍ପତି ବିଧାନସଭା ମାର୍ଶଲମାନଙ୍କୁ ଡାକିଥିଲେ। ବିରୋଧ ପ୍ରଦର୍ଶନ କରୁଥିବା ଡିଏମକେ ବିଧାୟକଙ୍କୁ ଗୃହରୁ ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁସାରେ ମାର୍ଶଲମାନେ ବିରୋଧୀ ଡିଏମକେ ବିଧାୟକମାନଙ୍କୁ ଗୃହ ବାହାରକୁ ଟେକି ନେଇଥିଲେ। ବଳପୂର୍ବକ ବିଧାନସଭାରୁ ଟେକା ହୋଇ ଯିବା ବେଳେ ମଧ ଡିଏମକେ ବିଧାୟକମାନେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ନାରାବାଜୀ ଜାରି ରଖିଥିଲେ।

## ହସ୍ପିଟାଲ ଆକାଉଣ୍ଟାଣ୍ଟଙ୍କୁ ଉଠାଇନେଲା ଭିଜିଲାନ୍ସ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଫାଶୀମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆକାଉଣ୍ଟାଣ୍ଟ ମିର ଇନ୍‌ଆଜ ଅଲ୍ଲୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଉଠାଇଲା ନେଲା ସମ୍ବଲପୁର ଭିଜିଲାନ୍ସ ଟିମ । ଅଧିକ ପଚରା ଉଚରା ପାଇଁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଥିବାର ସୂଚନା ମିଳିଛି । ସରକାରୀ ଟଙ୍କା ଆତ୍ମସାତ ପରେ ଗତ ମାସ ୨୭ ତାରିଖରୁ ଫେରାର ଥିଲେ ଆକାଉଣ୍ଟାଣ୍ଟ । ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକୁ ଆସିଥିବାର ଖବର ପାଇ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ । ଏହା ପରେ ତାଙ୍କୁ କାବୁ କରି ନେଇଥିଲେ। ପ୍ରକୃତରେ କେତେ ଟଙ୍କା ଓ କିପରି ଆତ୍ମସାତ କରିଥିଲେ ତାହା ତଦନ୍ତ ପରେ ସାମ୍ନାକୁ ଆସିବ।

## ହଷ୍ଟେଲ ରୁମରେ ଝୁଲି ପଡିଲେ ଛାତ୍ରୀ

ବାଲେଶ୍ୱର,୮।୯: ଘରୋଇ ଇଞ୍ଜିନିୟରିଂ ହଷ୍ଟେଲ ରୁମରେ ଝୁଲି ପଡିଲେ ଛାତ୍ରୀ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଖନ୍ତପଡା ଥାନା ଅନ୍ତର୍ଗତ ସେରଗଡର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ । ହଷ୍ଟେଲ ରୁମ୍ ଭିତରେ ବେକରେ ରଶି ଲଗାଇ ଝୁଲି ପଡ଼ିଛନ୍ତି ଛାତ୍ରୀ।ମୃତ ଛାତ୍ରୀଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରଣ କରାଯାଇଛି। ମୃତ ଛାତ୍ରୀ ଜଣକ ଦିନ ବେଳା ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ କ୍ଲାସରେ ଅନୁପସ୍ଥିତ ଥିଲେ। ରୁମରୁ ବହୁତ୍ ସମୟ ଧରି ନବାହାରିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ରୁମ୍ ବାହାରେ ଡାକିଥିଲେ। ଭିତରୁ କୌଣସି ଶବ୍ଦ ନପାଇବା ପରେ କବାଟ ଭାଙ୍ଗି ଭିତରକୁ ପଶିଥିଲେ । ଏହା ପରେ ଛାତ୍ରୀଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାର ଦେଖି ମୃତଦେହକୁ ଉଦ୍ଧାର କରିଥିଲେ।

## ବିଦ୍ୟୁତ୍ ତାର ଲାଗି ମା-ଝିଅ ମୃତ

ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରୁ ଆସିଛି ଏକ ହୃଦୟବିଦାରକ ଘଟଣା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମା' ଓ ଝିଅଙ୍କ ମୃତ୍ୟୁ ଘଟିଛି। ଏହି ଅଭାବନୀୟ ଘଟଣା ଭବାନୀପାଟଣା ସଦର ଥାନା ଅଧୀନ କରଲାସୁଡ଼ା (କାର୍ଲାସୋଡା) ଗାଁରେ ଘଟିଛି। ମୃତକ ହେଲେ ଲଳିତା ନାଏକ ଓ ତାଙ୍କ ଝିଅ ଶୀତଳ ନାଏକ।

ସୂଚନା ଅନୁଯାୟୀ, ଘରେ ଲୁଗା ଶୁଖାଉଥିବା ସମୟରେ ଶୀତଳ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଝିଅକୁ ବଞ୍ଚାଇବା ପାଇଁ ଦୌଡ଼ି ଯାଇଥିବା ମା' ଲଳିତା ମଧ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଭୟଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରଥମେ ଝିଅ ଶୀତଳଙ୍କ ମୃତ୍ୟୁ ହୋଇଥିବାବେଳେ, ପରେ ଚିକିତ୍ସାଧୀନ ଅବସ୍ଥାରେ ମା' ଲଳିତାଙ୍କର ମଧ ଜୀବନ ଚାଲିଯାଇଥିଲା।ତେବେ ଏହି ଘଟଣା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ହସ୍ପିଟାଲରେ ଠିକ୍ ଭାବେ ଯାଞ୍ଚ ଓ ଚିକିତ୍ସା କରାଯାଇନଥିବାରୁ ଲଳିତାଙ୍କ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା ବିରୋଧରେ ସେମାନେ ଦୁଇ ମୃତଦେହକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। ନ୍ୟାୟ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପରିସ୍ଥିତିକୁ ନଜରରେ ରଖି ଜିଲ୍ଲାପାଳ କାର୍ଯ୍ୟାଳୟ ଓ ହସ୍ପିଟାଲ ପରିସରରେ ସଦର ଓ ଟାଉନ୍ ଥାନା ପୁଲିସ ମୁତୟନ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଦୁଗ୍ଧ ଚାଷୀଙ୍କୁ ଅଧିକ ୨ ଟଙ୍କା ଦେବ ଓମ୍‌ଫେଡ୍

ଭୁବନେଶ୍ୱର,୮।୯(ନି.ପ୍ର.): ଓମ୍‌ଫେଡ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ସେପ୍ଟେମ୍ବର ୧୧ ଠାରୁ ଚାଷୀମାନଙ୍କୁ କ୍ଷୀର ଲିଟର ପିଛା ୨ ଟଙ୍କା ଅଧିକ ଦେବ ଓମ୍‌ଫେଡ୍। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଉପକୃତ ହେବେ। ରାଜ୍ୟର ଦୁଗ୍ଧ ଚାଷୀମାନଙ୍କ ଜୀବିକା, ଆୟ ଓ ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଥିବା ମଙ୍ଗଳବାର ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି।

ଓମ୍‌ଫେଡ୍ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ନୋଟ୍‌ରେ କୁହାଯାଇଛି, ଗତ କିଛି ଦିନ ଧରି ବିଶ୍ୱ ବଜାରରେ ତୈଳ ଦରରେ କ୍ରମାଗତ ବୃଦ୍ଧି ଯୋଗୁଁ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଓ ପରିବହନ ଖର୍ଚ୍ଚରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ତୈଳ ଦର ବୃଦ୍ଧିର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ କୃଷି ଏବଂ ପଶୁପାଳନ କ୍ଷେତ୍ର ଉପରେ ମଧ ପଡ଼ିଛି। ଦୁଗ୍ଧ ଉତ୍ପାଦନ ସହ ଜଡ଼ିତ ପ୍ରାୟ ସମସ୍ତ ଉପାଦାନର ମୂଲ୍ୟ ବଢ଼ିଥିବାରୁ ଦୁଗ୍ଧ ଚାଷୀମାନଙ୍କ ଉପରେ ଆର୍ଥିକ ଚାପ ବୃଦ୍ଧି ପାଇଛି। ବିଶେଷକରି ଗୋଖାଦ୍ୟରେ ବ୍ୟବହୃତ କଞ୍ଚାମାଲ ଯଥା ମକା, De-Oiled Rice Bran (DORB), Rice Polish, ସୋରିଷ ପିଡ଼ିଆ ଆଦିର ମୂଲ୍ୟରେ ୧୫ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି। ଏଥିସହ ଗୋଖାଦ୍ୟ, ଘାସପୋଷା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ପାଇବା ଫଳରେ ଗୋପାଳନର ଦୈନିକ ଖର୍ଚ୍ଚ ମଧ ବଢ଼ିଛି। ଦୁଗ୍ଧ ଉତ୍ପାଦନ ଏକ ନିରନ୍ତର ପ୍ରକ୍ରିୟା। ଗୋରୁଙ୍କ ଖାଦ୍ୟ, ଚିକିତ୍ସା, ରକ୍ଷଣାବେକ୍ଷଣ, ଘାସପୋଷା, ପରିବହନ ଆଦି ବାବଦରେ ଚାଷୀମାନଙ୍କୁ ନିୟମିତ ଭାବେ ଖର୍ଚ୍ଚ କରିବାକୁ ପଡ଼। ଏହି ସମସ୍ତ ଖର୍ଚ୍ଚ ବୃଦ୍ଧି ପାଇବା ସତ୍ତ୍ୱେ ଦୁଗ୍ଧର କ୍ରୟ ମୂଲ୍ୟ ଅନୁପାତିକ ଭାବେ ବୃଦ୍ଧି ନ ହେଲେ ଚାଷୀଙ୍କର ବିଶେଷ ଲାଭ ହ୍ରାସ ପାଇବା ସ୍ୱାଭାବିକ। ଏହାର ପ୍ରଭାବରେ ଗୋପାଳନକୁ ଜୀବିକାର ମୁଖ୍ୟ ମାଧ୍ୟମ ଭାବେ ଗ୍ରହଣ କରିଥିବା ଦୁଗ୍ଧଚାଷୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ବନ୍ଧୁକ ଦେଖାଇ ଗ୍ରାମ୍ୟ ବ୍ୟାଙ୍କରୁ ୧୦ ଲକ୍ଷ ଲୁଟ୍

ବାଲେଶ୍ୱର,୮।୯(ନି.ପ୍ର); ବ୍ୟାଙ୍କ ଭିତରେ ପଶି ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ। ଏପରି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଦେଖିବାକୁ ମିଳିଛି । ଦୁର୍ବୃତ୍ତମାନେ ବ୍ୟାଙ୍କର କ୍ୟାସ କାଉଣ୍ଟରରୁ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନଗଦ ଲୁଟି ନେଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁସାରେ, ଆଜି ଦିନ ଦ୍ୱିପ୍ରହର ସମୟରେ ଏକ ବୋଲେରୋ ଗାଡ଼ିରେ ପ୍ରାୟ ୪-୬ ଜଣ ଦୁର୍ବୃତ୍ତ ଗ୍ରାହକ ବେଶରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। କିଛି ସମୟ ପରେ ହଠାତ୍ ସେମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଲୋକଙ୍କୁ ଭୟଭୀତ କରିଥିଲେ। ବିରୋଧ କରିବାରୁ ବ୍ୟାଙ୍କ ମ୍ୟାନେଜର ଓ କିଛି କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିଥିବାର ଅଭିଯୋଗ ହୋଇଛି। ପରେ ଦୁର୍ବୃତ୍ତମାନେ କ୍ୟାସ କାଉଣ୍ଟର ନିକଟକୁ ଯାଇ ସେଠାରେ ଥିବା ନଗଦ ଟଙ୍କା ଲୁଟି ନେଇଥିଲେ। ଲୁଟ ପରେ ସମସ୍ତ ଦୁର୍ବୃତ୍ତ ବୋଲେରୋ ଯୋଗେ ଘଟଣାସ୍ଥଳରୁ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟାଙ୍କ ମ୍ୟାନେଜର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ବାଲିଆପାଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ବ୍ୟାଙ୍କରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କ କର୍ମଚାରୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ୧୫ ଦିନରେ ଅସୁରକ୍ଷିତ କୋଠା ଚିହ୍ନଟ ନିର୍ଦ୍ଦେଶ



ଭୁବନେଶ୍ୱର,୮।୯(ନି.ପ୍ର.); ଦିଲ୍ଲୀରେ ଅଘଟଣ ପରେ ତତ୍ପର ହୋଇଛନ୍ତି ରାଜ୍ୟ ସରକାର। ସହରାଞ୍ଚଳରେ ବିଭିନ୍ନ ବିଲ୍ଡିଙ୍ଗ ଯାଞ୍ଚ କରିବେ ସରକାର। ବିପଦପୂର୍ଣ୍ଣ କୋଠା ବିରୋଧରେ ସରକାରଙ୍କ କଡା କାର୍ଯ୍ୟାନୁଷ୍ଠାନ । ଅସୁରକ୍ଷିତ ସରକାରୀ ଏବଂ ବେସରକାରୀ କୋଠା ଅନୁଧ୍ୟାନ କରାଯାଇ ନୋଟିସ କରାଯିବ। ନଗର ଉନ୍ନୟନ ବିଭାଗର କୋଠା ଦୁର୍ବଳ ଥିଲେ ତାକୁ ଭଙ୍ଗାଯାଇ ନୂଆ ନିର୍ମାଣ କରାଯିବ।

ଅନ୍ୟ ବିଭାଗର ସରକାରୀ କୋଠା ସେପରି ଥିଲେ ସମ୍ପୃକ୍ତ ବିଭାଗକୁ ଅବଗତ କରାଯିବ। ବେସରକାରୀ ହେଲେ ମଧ ସେମାନଙ୍କୁ ନୋଟିସ କରାଯିବ। ଗତକାଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୫ ଦିନ ଭିତରେ ଅସୁରକ୍ଷିତ କୋଠା ଚିହ୍ନଟ ପାଇଁ ନିର୍ଦ୍ଦେଶ ।

୧୫ ଦିନିଆ ଯାଞ୍ଚ ଓ ପରିଦର୍ଶନ ଅଭିଯାନ ହାତକୁ ନିଆଯାଇଛି କହିଲେ ନଗର ଉନ୍ନୟନ ମନ୍ତ୍ରୀ । ଏହା ସହ କଟକ ଓ ପୁରୀ ଭଳି ପୁରୁଣା ସହରଗୁଡ଼ିକରେ ଏହି ଯାଞ୍ଚ ଅଭିଯାନ ନିର୍ଦ୍ଦେଶ ଦିଆଯାଇଛି । ଯାଞ୍ଚକାରୀ ଦଳ ସନ୍ଦେହଜନକ ବିପଦପୂର୍ଣ୍ଣ କୋଠାଗୁଡ଼ିକର ବିସ୍ତୃତ ଯାଞ୍ଚ କରିବ ।

ସେମାନଙ୍କର ଗଠନାତ୍ମକ ସ୍ଥିତି ଓ ସୁରକ୍ଷାର ଆକଳନ କରିବ ଯାଞ୍ଚକାରୀ ଟିମ୍ । ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ । ଖୁବ୍ ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

### ଡାହୁକ



ସର୍ବଶିକ୍ଷା ବୋଲି ପିଟିଆଇ ଯାହା
ପଛରୁ ମାଇଲା ଝାମ
ନୀଳ ଶୃଗାଳଟା ପରି ଚୌକିଦାର
ପାଳିଲା ତାଙ୍କର ବାପ
ବୁଝି ଡାହୁକଙ୍କ ଦୁଃଖ
ପଦ୍ମ ପୋଖରୀରେ ବୁଡେଇ ଉଠେଇ
କରିଦେଲା ଭଦ୍ର ଲୋକ
-ବିଧୁ

## ସହରୀ ବର୍ଜ୍ୟରୁ ମିଳିବ ୧୫ ମେଗାୱାଟ ବିଜୁଳି

ଭୁବନେଶ୍ୱର,୮।୯(ନି.ପ୍ର.): ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟରୁ ପାଖପାଖି ୧୫ ମେଗାୱାଟ ବିଜୁଳି ଉତ୍ପାଦନ ହେବ । ଭୁଆଷୁଣି ଠାରେ ଏହି କାରଖାନା ପ୍ରତିଷ୍ଠାର ଯୋଜନା ରହିଥିବାବେଳେ ଏଠାରେ ଭୁବନେଶ୍ୱର, କଟକ, ଖୋରଧା ଓ ଜଟଣୀରୁ ବାହାରୁଥିବା ବର୍ଜ୍ୟର ବ୍ୟବହାର କରାଯିବ ।ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟ ଏବେ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଏଥିରୁ ବିଜୁଳି ଶକ୍ତି ବାହାର କରିବା ସହିତ ସହଜ ପରିଚାଳନା କରାଯାଇ ପାରିବ ତାହା ଉପରେ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ଡିପିଆର ପ୍ରସ୍ତୁତି ଚାଲିଥିବାବେଳେ ପ୍ରସ୍ତାବିତ କାରଖାନା ଭୁଆଷୁଣି ଠାରେ ହେବ ବୋଲି ଜଣାଯାଇଛି । ଏହାର କାର୍ଯ୍ୟକାରିତା ଓ ପରିଚାଳନା ଦାୟିତ୍ୱ ଭାରତୀୟ ତୈଳ ନିଗମ ହାତରେ ରହିବ । ଏଥିପାଇଁ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ଭାରତୀୟ ତୈଳ ନିଗମ ମଧ୍ୟରେ ଚଳିତ ମାସରେ ରାଜିନାମା ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।ଏଠାରେ ଉଲ୍ଲେଖ କରାଯାଇପାରେ ଯେ କେବଳ ଭୁବନେଶ୍ୱର ସହରରୁ ଦୈନିକ ୮୦୦ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଥିବାବେଳେ ଏହାକୁ ବିଭିନ୍ନ ଉପାୟରେ ପରିଚାଳନା କରାଯାଉଛି । ଓଦା ବର୍ଜ୍ୟରୁ ଖତ ପ୍ରସ୍ତୁତ ହେଉଥିବାବେଳେ ବର୍ଜ୍ୟରୁ ମିଳୁଥିବା ବିଭିନ୍ନ ଧାତବ ସାମଗ୍ରୀକୁ ବିକି ୪କୋଟିରୁ ଅଧିକ ଟଙ୍କା ଆୟ କରାଯାଉଛି । ସେହିଭଳି ପ୍ଲାଷ୍ଟିକ ଓ ଜରିମୁଣା ବର୍ଜ୍ୟକୁ କେତେକ ସିମେଣ୍ଟ କମ୍ପାନୀକୁ ପଠାଯାଉଛି । ଏହା ସତ୍ତ୍ୱେ ବି ସମସ୍ତ ବର୍ଜ୍ୟକୁ ପରିଚାଳନା କରିବା କାଠିକରପାଠ ହେଉଛି ।

ବର୍ତ୍ତମାନ ବର୍ଜ୍ୟରୁ ସମ୍ପଦ ଯୋଜନାରେ ଶକ୍ତି ଉତ୍ପାଦନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଣ୍ଟା ଭିଡିଛି । ଭୁଆଷୁଣି ନିକଟରେ ଶକ୍ତି ଉତ୍ପାଦନ ପ୍ଲାଣ୍ଟ ବସାଇବାକୁ ସ୍ଥିର ହୋଇଛି । ଏଥିରୁ ବାହାରିବାକୁ ଥିବା ଶକ୍ତିରୁ ବ୍ୟାପକ ଆର୍ଥିକ ଲାଭ ମିଳିବା ସହିତ ବର୍ଜ୍ୟ ଚିନ୍ତାରୁ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି ।କେବଳ ସେତିକି ନୁହେଁ, ସହରାଞ୍ଚଳରେ ବାହାରୁଥିବା ଆମିଷ ବର୍ଜ୍ୟ ଚିନ୍ତାରୁ ମୁକ୍ତି ପାଇଁ ମଧ ଭୁଆଷୁଣି ଠାରେ ଏକ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଠାରେ ଦୈନିକ ୫୦ ମେଟ୍ରିକ ଟନ୍ ଆମିଷ ବର୍ଜ୍ୟ ବିଶେଷକରି ମାଛ କାତି, କୁକୁଡା ପର ଓ ଅନ୍ୟାନ୍ୟ ବର୍ଜ୍ୟକୁ ବିଘଟନ କରାଯାଇ ପାରିବ । ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଏହି କାରଖାନା ପାଇଁ ଟେଣ୍ଡର ପ୍ରସ୍ତୁତ ସହିତ ୟୁଜର୍ସ ଦେୟ ବିଏମସି ପ୍ରସ୍ତୁତ କରୁଛି । ଏହାର ଅନୁମୋଦନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପଠାଯିବ । ସହରାଞ୍ଚଳ ବର୍ଜ୍ୟ ପରିଚାଳନା ପାଇଁ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରୁଥିବାବେଳେ ପ୍ଲାଷ୍ଟିକ ବର୍ଜ୍ୟର ପରିମାଣ କିନ୍ତୁ ଦିନକୁ ଦିନ ବଢିବାରେ ଲାଗିଛି । ବିଶେଷକରି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ୟାକେଟ, ଗୁଟ୍‌ଖା ଜରି, ଦୁଗ୍ଧଜାତ ସାମଗ୍ରୀ ଆସୁଥିବା ଜରି ଓ ଥଳି, ସରକାର ନିଷିଦ୍ଧ କରିଥିବା ଥର୍ମୋକୁଲ୍ ଓ ଏକକ ବ୍ୟବହାର ଯୋଗ୍ୟ ନିମ୍ନମାନର ଜରିମୁଣା ଏବେ ପୌରସଂସ୍ଥାଗୁଡିକର ଚିନ୍ତା ବଢାଇବାରେ ଲାଗିଛନ୍ତି ।



# ପ୍ରଦେଶ କଂଗ୍ରେସ ନୂତନ ଉପ ସଭାପତି ସତ୍ୟବ୍ରତଙ୍କୁ ଅଭିନନ୍ଦନ

ଅସ୍ତରଙ୍ଗ,୮।୯ :(ମନ୍ଥନ) କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ସଂଗଠକ ଓ ବର୍ତମାନ ନିମାପଡା ର ପ୍ରିୟ ନେତା ଶ୍ରୀଯୁକ୍ତ ସତ୍ୟବ୍ରତ ପାତ୍ର (ରମୁ ବାବୁ ) ଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ୍‌ଗେ, ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଙ୍କୁ ଅସ୍ତରଙ୍ଗ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ଉପ ସଭାପତି ବିକାଶ କୁମାର ବାରିକ୍ , ଜିଲ୍ଲା ସାଧାରଣ ସମ୍ପାଦକ ତୁଷାର କୁମାର ନାୟକ , ଦୀନବନ୍ଧୁ ବେହେରା ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି। ପ୍ରିୟ ରମୁ ବାବୁ ଙ୍କୁ ଏହି ନୂତନ ଦାୟିତ୍ୱ ପାଇଁ କାକଟପୁର ଓ ଅସ୍ତରଙ୍ଗ କଂଗ୍ରେସ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଅପରପକ୍ଷେ ଅସ୍ତରଂଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ା, ଉପସଭାନେତ୍ରୀ ମମତା ଜେନା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଜ୍ୟୋତିଶଙ୍କର ଦାଶ, ପ୍ରଶାନ୍ତ ଜେନା ଓ ପ୍ରିୟବ୍ରତ ମୁଦୁଲି ଏବଂ ସମସ୍ତ ସଦସ୍ୟ, ସଦସ୍ୟା ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଏହି ନିଯୁକ୍ତି ଆଗାମୀ ଦିନରେ କାକଟପୁର ନିର୍ବାଚନ ମଣ୍ଡଳୀର ସୁପ୍ତ କଂଗ୍ରେସ ଦଳ କୁ ସୁସଂଗଠିତ କରିବା ସହ କ୍ରିୟାଶୀଳ କରିବ ବୋଲି ବହୁ କଂଗ୍ରେସ କର୍ମୀ ଆଶା ପ୍ରକଟ କରିବା ସହ ଅଂଚଳବାସୀ ମଧ୍ୟରେ ଖୁସିରେ ଲହରୀ ଖେଳିଯାଇଛି ।

# ଶ୍ରୀ ସ୍ୱାମୀ ଶିବାନନ୍ଦଜୀଙ୍କ ୧୩୯ତମ ଜନ୍ମ ଜୟନ୍ତୀ ପାଳିତ

ବୁଗୁଡା,୮।୯ :(ମନ୍ଥନ)ସ୍ଥାନୀୟ ସ୍ୱାମୀ ଶିବାନନ୍ଦ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ଶ୍ରୀ ସ୍ୱାମୀ ଶିବାନନ୍ଦଜୀଙ୍କ ୧୩୯ତମ ଜନ୍ମ ଜୟନ୍ତୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପ୍ରାତଃରେ ପ୍ରାର୍ଥନା, ଜପ ଓ ଧ୍ୟାନ, ପାଦ ପୂଜା ଏବଂ ପୂର୍ବାହ୍ନରେ ହୋମ, ନଗର ଭ୍ରମଣ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ଜୟ ଗଣେଶ କୀର୍ତ୍ତନ , ଗୁରୁ ସ୍ତୋତ୍ର ଓ ଗୀତା ପାଠ କରାଯାଇଥିଲା । ଏଥି ସହ ସତସଙ୍ଗ କାଳରେ ଦୁର୍ଗା ପ୍ରସାଦ ଦାଶଙ୍କ ଦ୍ୱାରା ପ୍ରାରମ୍ଭିକ ଭଜନ ଗାନ ପରେ ସ୍ୱାମୀ ଶିବାନନ୍ଦଙ୍କ ବାଲ୍ୟ ଜୀବନୀ ଓ ସନ୍ନ୍ୟାସ ଜୀବନ ସମ୍ପର୍କେ ଆଲୋଚନା ସହ ବିଶ୍ୱଶାନ୍ତି ମନ୍ତ୍ର, ଶାନ୍ତିପାଠ କରାଯାଇଥିଲା । ସଭାପତି ରାଜନାଥ ସାହୁ ଓ ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ରୀନା ଚୌଧୁରୀ , ସାରଳା ସ୍ୱାଇଁ, ଲଳିତ ମୋହନ ପଟ୍ଟନାୟକ, ନେପାଳ ପାତ୍ର ଓ ରୁକ୍ମଣୀ ରଞ୍ଜନ ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗୀର,୮।୯ :(ମନ୍ଥନ) ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି. ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଗାଁରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ।

ଏହି ଶିବିରରେ ମୋଟ ୧୦୧ଟି ଅଭିଯୋଗପତ୍ର ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୮୦ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୨୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବେଳେ ୧୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଓଡିଶା ଫଲୋଫ ସଂସ୍ଥା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ

ଧାମନଗର୮।୯ :(ମନ୍ଥନ) ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ପକ୍ଷରୁ ଧାମନଗର ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବନ୍ୟା ଯୋଗୁଁ ସହରାଞ୍ଚଳରେ ବିଭିନ୍ନ ଅଞ୍ଚଳର ଅନେକ ଗାଁ ପ୍ରଭାବିତ ହୋଇଥିବାବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଅନେକ ପରିବାରଙ୍କ ଘରେ ପାଣି ପଶିବା ସହ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଜୀବନଯାପନ ସହ ଖାଦ୍ୟ, ପାନୀୟ ଜଳ ଓ ରହିବା ପାଇଁ ଆଶ୍ରୟକୁ ନେଇ ଲୋକେ ସମସ୍ୟାରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ବିପନ୍ନ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ପକ୍ଷରୁ ଗୁରୁବାର ୧୧ଟା ସମୟରେ ଶାମପୁର ସ୍ଥିତ ହାଟ ନିକଟରେ ନାରାୟଣ ପୋଥାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅନୁଷ୍ଠାନର ମୁଖ୍ୟ ତଥା ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ର ନିର୍ଦ୍ଦେଶକ ଡି ବି ହୃଦୟ,ସଂସ୍ଥା ମୁଖ୍ୟ କର୍ମକର୍ତ୍ତା ଦୀପକ କୁମାର ଦାସ,ପାର୍ବତୀ ଦାସ,ସ୍ଥାନୀୟ ସମାଜସେବୀ ସେକ ଅଜଗର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଶତାଧିକ ବନ୍ୟା ବିପନ୍ନ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ।

# ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଉଦ୍‌ଯାପିତ



ଖୋର୍ଦ୍ଧା, ୮।୯ :(ମନ୍ଥନ) ଖୋର୍ଦ୍ଧା ସହରର ହାବେଳି ପଡ଼ିଆରେ ସପ୍ତ ଦିନ ବ୍ୟାପୀ ଚାଲିଥିବା ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଭକ୍ତିମୟ ପରିବେଶରେ ସୋମବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ସର୍ଭିସ ସେଣ୍ଟର ଫର ଦି ଡିଭ୍ୟାଙ୍ଗ ପିପୁଲ୍ସ, ପୁରୀ ଆନୁକୂଲ୍ୟରେ ଏବଂ ବିଶ୍ୱ ହିନ୍ଦୁ ପରିଷଦ, ଖୋର୍ଦ୍ଧାର ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ମହାପ୍ରଭୁଙ୍କ ବିଭିନ୍ନ ବେଶର ଦର୍ଶନ ସହ ଭଜନ, ପ୍ରବଚନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା।ଉଦ୍ ?ଯାପନୀ ସନ୍ଧ୍ୟାରେ ଭିଏଚପିର ଜିଲା ଉପାଧକ୍ଷା ଡ ସୁକାନ୍ତି ମହାପାତ୍ର ଅଧ୍ୟକ୍ଷତା ରେ ଏହି କାର୍ଯ୍ୟକ୍ରମ ରେ ଆରଏସଏସ ବିଭାଗ ଘୋଷ ପ୍ରମୁଖ ଗିରିଜା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜିବୀ ସନତ ପଟ୍ଟନାୟକ, ଖବରଦାତା ଦିଲ୍ଲୀପ ପଟ୍ଟନାୟକ, ସାମାଜିକ କର୍ମୀ ଭଗବାନ ଦାସ, ଅନ୍ୟତମ ଉପାଧକ୍ଷ ସୁଦର୍ଶନ ରଥ, ଜିଲା କୋଷାଧ୍ୟକ୍ଷ ଅଭିମନ୍ୟ ଘଟୁଆଳ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଅସ୍ମିତା, ଆସ୍ଥା, ଭକ୍ତି ଓ ସଂସ୍କୃତିର ପ୍ରତୀକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସେ ଭାବର ଠାକୁର, ଭାବ ବିନୋଦିଆ କାଳିଆ ସାଆନ୍ତ । କୋଟି ଓଡିଆଙ୍କ ମଉଡମଣି, ଭକ୍ତ ର ଭଗବାନ। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା’ ସୁଭଦ୍ରା ବିଭିନ୍ନ ପର୍ବପର୍ବାଣୀ ଓ ତିଥି ଅନୁସାରେ ଅନେକ ପ୍ରକାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ବେଶ ଗୁଡ଼ିକ ମଧ୍ୟରେ ୩୨ ବେଶର ଏକ ବିଶେଷ ଧାର୍ମିକ ଓ ଆଧ୍ୟାତ୍ମିକ ମାହାତ୍ମ୍ୟ ରହିଛି। ପ୍ରତ୍ୟେକ ବେଶରେ ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ରୂପ, ଲୀଳା ଓ ତତ୍ତ୍ୱ ପ୍ରକାଶ ପାଏ। ଏହି ବେଶଗୁଡ଼ିକ ଭକ୍ତମାନଙ୍କ ମନରେ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରେ। ତେଣୁ ୩୨ ବେଶ କେବଳ ଅଳଙ୍କାର ନୁହେଁ, ଏହା ମହାପ୍ରଭୁଙ୍କ ବିଶାଳ ତତ୍ତ୍ୱ, ଲୀଳା ଓ ଭକ୍ତି ପରମ୍ପରାର ଏକ ଅମୂଲ୍ୟ ପ୍ରତୀକ ବୋଲି ଅତିଥି ମାନେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ସଭାପତି ଭବାନୀଚରଣ ପାଢୀଙ୍କ ସମେତ ସମସ୍ତ ଦିବ୍ୟାଙ୍ଗ ଭାଇ ଓ ଭଉଣୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ସପ୍ତାହ ବ୍ୟାପୀ ସେବା ଯୋଗାଇଥିବା ପଦ୍ମଚରଣ ସାହୁ, ନିର୍ମଳକାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବେହେରା, ବୈଦ୍ୟନାଥ ମହାପାତ୍ର, ବଟକୃଷ୍ଣ ସାହୁ, କାଶିନାଥ ପ୍ରଧାନ ଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଭାତ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ଜୟଘୋଷ ଓ ମନ୍ତ୍ରଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ଭକ୍ତମାନେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ କରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରିଥିଲେ।ଏହି ଅବସରରେ ଭଜନ ସମାରୋହ, ମହାପ୍ରଭୁଙ୍କ କଥାମୃତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୃଷ୍ଟିବାଧିତ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ପରିବେଷିତ ଭଜନ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା।

# କବିସୂର୍ଯ୍ୟନଗରରେ ଉଲ୍ଲାସ କାର୍ଯ୍ୟକ୍ରମ ସହ ସାକ୍ଷରତା ବାର୍ତ୍ତା ନେଇ ସଚେତନତା ରାଲି

କବିସୂର୍ଯ୍ୟନଗର,୮।୯ :(ମନ୍ଥନ)ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକରେ ଅନୁଷ୍ଠିତ ହୋଇଛି ‘ଉଲ୍ଲାସ’ କାର୍ଯ୍ୟକ୍ରମ। ଏହି ଅବସରରେ ବାଳିକା ହାଇସ୍କୁଲଠାରୁ ଏକ ବିଶାଳ ସଚେତନତା ରାଲି ବାହାରି ବିଇଓ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ବିଡ଼ିଓ ଏବଂ ତହସିଲଦାର ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଅନୁଷ୍ଠିତ ରାଲିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସାମିଲ ହୋଇ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଧରିଥିଲେ। ଶିକ୍ଷାର ଗୁରୁତ୍ୱ, ସାକ୍ଷରତାର ଆବଶ୍ୟକତା ଏବଂ ନିରକ୍ଷରତା ଦୂରୀକରଣ ନେଇ ଛାତ୍ରଛାତ୍ରୀମାନେ ଲୋକଙ୍କୁ ସଚେତନ କରିଥିଲେ।କବିସୂର୍ଯ୍ୟନଗର ବିଇଓ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ଏବଂ ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ରଙ୍କ ସମେତ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ।ଏହି ଅବସରରେ ସାକ୍ଷରତାର ଗୁରୁତ୍ୱ ଉପରେ ଆଲୋଚନା କରାଯିବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ଶିକ୍ଷା ସହ ଯୋଡ଼ିବା ପାଇଁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା।ସାକ୍ଷରତାର ବାର୍ତ୍ତା ନେଇ ଛାତ୍ରଛାତ୍ରୀଙ୍କ ଏହି ସଚେତନତା ରାଲି ଅଞ୍ଚଳବାସୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ଓ ସଚେତନତା ବଢ଼ାଇବାରେ ଏକ ସୁନ୍ଦର ପ୍ରୟାସ ପାଲଟିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।



# ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମିଳିବ ପ୍ରତିଷ୍ଠିତ ସ୍କଚ୍ ଆୱାର୍ଡ

ମାଲକାନଗିରି,୮।୯ :(ମନ୍ଥନ) ପ୍ରଶାସନିକ ଦକ୍ଷତା ଏବଂ ଜନକଲ୍ୟାଣକାରୀ ଅଭିନବ ପ୍ରୟାସ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଏକ ବଡ଼ ସଫଳତା ହାସଲ କରିଛି। ଜିଲ୍ଲାର ପ୍ରମୁଖ ଯୁବ ସଶକ୍ତିକରଣ କାର୍ଯ୍ୟକ୍ରମ ପ୍ରଗତି ପଥେ ଯୁବ ମାଲକାନଗିରି ପାଇଁ ଜିଲ୍ଲା ପ୍ରଶାସନକୁ ପ୍ରତିଷ୍ଠିତ ଜାତୀୟ ସ୍କଚ୍ ଆୱାର୍ଡ ପ୍ରଦାନ କରାଯିବ। ସ୍କଚ୍ ଗ୍ରୁପ୍ ପକ୍ଷରୁ କରାଯାଇଥିବା ସମସ୍ତ ଜଟିଳ ଓ ବହୁସ୍ତରୀୟ ମୂଲ୍ୟାୟନ ପ୍ରକ୍ରିୟାରେ ସଫଳ ହେବା ପରେ, ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ଏହି ପୁରସ୍କାର ସମ୍ପର୍କରେ ଆଧିକାରିକ ଭାବେ ଅବଗତ କରାଯାଇଛି। ଆସନ୍ତା ୨୦୨୬ ସେପ୍ଟେମ୍ବର ୨୬ ଅର୍ଥାତ୍ ଶନିବାର ଦିନ ନୂଆଦିଲ୍ଲୀର ଲୋଧି ରୋଡ୍ ସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଆୟୋଜିତ ହେବାକୁ ଥିବା ୧୧୦ତମ ସ୍କଚ୍ ସମିଟ୍‌ରେ ଜିଲ୍ଲା ପ୍ରଶାସନକୁ ଆନୁଷ୍ଠାନିକ ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ।ଏହି ଗୌରବମୟ ସଫଳତା ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି ଯେ, ଏହି ଜାତୀୟ ସ୍ୱୀକୃତି ମାଲକାନଗିରିର ସମଗ୍ର କ୍ଷେତ୍ରସ୍ତରୀୟ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ, ସ୍ଥାନୀୟ ଯୁବପିଢ଼ିଙ୍କ ସକ୍ରିୟ ସହଭାଗିତା ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ମାର୍ଗଦର୍ଶନର ପରିଣାମ ଅଟେ। ଏହି ପ୍ରୟାସ ଜିଲ୍ଲାର ଯୁବ ସମାଜକୁ ସଶକ୍ତ କରିବା ସହ ସେମାନଙ୍କୁ ପ୍ରଗତି ପଥରେ ଆଗେଇ ନେବାରେ ସହାୟକ ହୋଇଛି। ଏହି ପୁରସ୍କାର ଆଗାମୀ ଦିନରେ ଜିଲ୍ଲାବାସୀଙ୍କ ସେବା ଓ ବିକାଶମୂଳକ କାର୍ଯ୍ୟକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆମକୁ ପ୍ରେରଣା ଯୋଗାଇବ।ଏହି ଅଭୁତପୂର୍ବ ସଫଳତା ପରେ ସମଗ୍ର ଜିଲ୍ଲାରେ ଏକ ଖୁସିର ଲହରୀ ଖେଳିଯାଇଛି। ଏକ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା, ପ୍ରେରଣାଦାୟୀ ନେତୃତ୍ୱ ଏବଂ ଜିଲ୍ଲାପାଳଙ୍କ ନିରନ୍ତର ମାର୍ଗଦର୍ଶନ ସହ ସମଗ୍ର ମାଲକାନଗିରି ଟିମ୍‌ର ଉତ୍ସର୍ଗୀକୃତ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ବଡ଼ ସଫଳତା ସମ୍ଭବ ହୋଇପାରିଛି ବୋଲି ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଏହି ଅଭିନବ ପ୍ରୟାସ, ସଫଳ ଯୋଜନା ଓ ଦୃଢ଼ ନେତୃତ୍ୱ ପାଇଁ ସମସ୍ତେ ଜିଲ୍ଲାପାଳଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ଟିମ୍ ମାଲକାନଗିରିର ଏହି ଦୂରଦୃଷ୍ଟି, ନେତୃତ୍ୱ, ସହଭାଗିତା ଏବଂ ଶ୍ରେଷ୍ଠତାକୁ ଉଚ୍ଚ ପ୍ରଶଂସା କରିଛନ୍ତି।



# ୧୯୮୦ ବ୍ୟାଚ୍ ଛାତ୍ରଙ୍କ ପକ୍ଷରୁ ଗୁରୁ ବନ୍ଦନା ଉତ୍ସବ ୨୦୨୬ ପାଳିତ

ଖୋର୍ଦ୍ଧା,୮।୯ :(ମନ୍ଥନ) ଶନିବାର ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ୧୯୮୦ ମସିହା ମେଟ୍ରିକ୍ ଛାତ୍ରଙ୍କ ପକ୍ଷରୁ ବି ଜେ ବି ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁଦିବସ ଅବସରରେ ଗୁରୁ ବନ୍ଦନା ଉତ୍ସବ ୨୦୨୬ ମହାଆଡମ୍ବର ସହ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ୧୯୮୦ ବ୍ୟାଚ ଛାତ୍ରଙ୍କ ପକ୍ଷରୁ ଧୀରେନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶନାରେ ଆୟୋଜିତ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଧବଳେଶ୍ୱର ଆଚାର୍ଯ୍ୟ, ସୂର୍ଯ୍ୟ ପ୍ରସାଦ ପତି, ନାରାୟଣ ଦୋରା, କାଳୁ ସାହୁ, ବିଜୟ ମହାପାତ୍ର, ଲଳିତ ସ୍ୱାଇଁ, ତପୁ ମହାନ୍ତି, ପ୍ରଭାତ ରାଉତରାୟ, ସୟଦ ଅନସର ଅଲ୍ଲୀ, ଭାବେସ ତ୍ରିପାଠୀ, ସୁବାସ ପତ୍ର ପ୍ରମୁଖ ସହଯୋଗ କରିଥିଲେ। ଅତିଥି ରୂପେ ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଯୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା ଯୋଗ ଦେଇଥିଲେ। ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଯୋଗାଯୋଗ କରି ଏହି ଗୁରୁ ବନ୍ଦନା ଉତ୍ସବକୁ ନିମନ୍ତ୍ରିତ କରି ତାଙ୍କୁ ପାଛୋଟି ଆଣି ଗୁରୁ ବନ୍ଦନା ଉତ୍ସବରେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନନିତ ସହ ସମ୍ବର୍ଦ୍ଧନା କରାଯାଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଶ୍ରୀ ଶ୍ରୀକୃଷ୍ଣ ମିଶ୍ର , ଶ୍ରୀ କୃଷ୍ଣ ଚନ୍ଦ୍ର ବାହିନୀପତି, ଶ୍ରୀ କିଶୋର ଚନ୍ଦ୍ର ଦାଶ, ଶ୍ରୀ ଦୟାନିଧି ସାହୁ, ଶ୍ରୀ ଗଙ୍ଗାଧର ପୃଷ୍ଟି, ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ ଓ ଶ୍ରୀମତୀ ଆରତୀ ରଥଙ୍କୁ ଆମ ଗହଣରେ ପାଇ ଅତି ଆନନ୍ଦ ସହକାରେ ଏହି ଉତ୍ସବକୁ ପାଳନ କରାଯାଇଥିଲା। ପ୍ରଥମେ ଯେଉଁ ଶିକ୍ଷକ ଓ ଛାତ୍ରବନ୍ଧୁ ଆମକୁ ଛାଡ଼ି ଆରପାରିକୁ ଚାଲି ଯାଇଛନ୍ତି ଆମ ଗହଣରେ ଆଉ ନାହାନ୍ତି ତାଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସ୍ୱାଗତ ଭାଷଣ ଦେଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଏହାପରେ ସମ୍ବର୍ଦ୍ଧିତ କାର୍ଯ୍ୟ କ୍ରମପରେ କିଛି ଛାତ୍ରମାନେ ସ୍କୁଲ ମଧ୍ୟରେ ବିତିଥିବା ଅତୀତ କଥାକୁ ବଖାଣି ଥିଲେ ପରେ ଗୁରୁଜି ମାନେ କିପରି ଛାତ୍ର ମାନଙ୍କୁ ଶିକ୍ଷା ଦାନ କରିଥିଲେ ତାହା ନିଜ ବକ୍ତବ୍ୟରେ ଛାତ୍ରଙ୍କ ସହ ବିତିଥିବା ସମୟ ବିଷୟରେ ଉପଦେଶ ଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ର ଯୋଗଦେଇ ଆନନ୍ଦ ଉଲାସ ସହ ସହଯୋଗ କରିଥିଲେ।

# ଗଞ୍ଜାମ ଜିଲ୍ଲାରେ ବର୍ଷକୁ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଲଘୁଖଣିଜ ଲୁଟ




କବିସୂର୍ଯ୍ୟନଗର,୮।୯ :(ମନ୍ଥନ) ଆଜି ଗଞ୍ଜାମ ଜିଲ୍ଲା ଫରୱାର୍ଡ ବ୍ଲକ ପକ୍ଷରୁ କବିସୂର୍ଯ୍ୟନଗରର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା।ଗଞ୍ଜାମ ଜିଲ୍ଲାରେ ଲଘୁଖଣିଜ ଚୋରି ବଢି ଚାଲିଛି ।ଧର୍ମକୁ ଆଖିଠାର ଭଳି ଗାଡି ଧରାଯାଉଛି । ଲଘୁଖଣିଜ ଲୁଟ ଘଟଣାରେ ମାଫିଆ,ଅଧିକାରୀ ଓ ନେତାଙ୍କ ସଂପୃକ୍ତି ରହୁଛି । ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା,ବାହୁଦା,ବଡ ନଦୀ ଓ ବାଘୁଆ ନଦୀ ଉପରେ ମାଫିଆଙ୍କ ନଜର ପଡିଛି । ମାଫିଆ ମାନେ ବେଆଇନ ବାଲି ଚାଲଣ ସହିତ ବିଭିନ୍ନ ରାସ୍ତାର ପାର୍ଶ୍ୱରେ ବାଲିର ପାହାଡ ଭଳି ବାଲି ଗଦା କରିଛନ୍ତି । ଅଧିକାଂଶ ନକଲି ଓ୍ୱାଇ ଫର୍ମରେ ବାଲି ଚାଲଣ ହେଉଛି ବୋଲି ଫରୱାର୍ଡ ବ୍ଲକ ପକ୍ଷରୁ ଅଭିଯୋଗ କରାଯାଇଛି। କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଦେଓ ଗାଁ ପାହାଡରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ଦ୍ୱାରା ଶବ୍ଦ ପ୍ରଦୂଷଣ ସହିତ ଦେଓ ଗାଁ ଓ ବୁଢାମ୍ବର କିଛି ସାହିରେ ଘର କାନ୍ଥ ମାନଙ୍କରେ ଫାଟ ସୃଷ୍ଟି ହୋଇଛି । ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କବିସୂର୍ଯ୍ୟନଗର ତହସିଲଦାରଙ୍କୁ ଲିଖିତ ଦରଖାସ୍ତ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଦେଓ ଗାଁ ପାହାଡ ତଳେ ଏକ ଶିକ୍ଷାନୁଷ୍ଠାନ ରହିଛି । ଉକ୍ତ ଅଞ୍ଚଳରେ କୃଷ୍ଣସାର ମୃଗ,ମୟୁର,ବାରାହା, ଝିଙ୍କ,ବଜ୍ରକାପ୍ତା ଭଳି ବନ୍ୟଜନ୍ତୁଙ୍କ ବିଚରଣ ସ୍ଥଳୀ ହୋଇଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି । କ୍ରସର ୟୁନିଟର ଧୂଳି ଓ ପଥର ବ୍ଲାଷ୍ଟିଙ୍ଗ ସମୟରେ ପଥର ଗଡି ଚାଷ ଜମିରେ ପଡି ଫସଲ ନଷ୍ଟ ହେବା ସହିତ ଚାଷ ଜମିରେ କାର୍ଯ୍ୟରତ ଚାଷୀ ଓ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହିଛି । କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଯାଞ୍ଚ ସହିତ କ୍ରସର ୟୁନିଟ ପାଇଁ କେଉଁ ପାହାଡରୁ ପଥର ଉତ୍ତୋଳନ ଓ କେତେ ପରିମାଣର ଉତ୍ତୋଳନ ହୋଇଛି ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଭାଟଖାଲି ପାହାଡରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ସହିତ ସେଠାରେ ବେଆଇନ କ୍ରସର, ବେଆଇନ ବାଲିର ପାହାଡ ରହିଛି । କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଓ କେଉଁ ପାହାଡରୁ କେତେ ପରିମାଣର ପଥର ଉତ୍ତୋଳନ ପାଇଁ ଅନୁମତି ରହିଛି ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ପଥର ବ୍ଲାଷ୍ଟିଙ୍ଗ ଦ୍ୱାରା ବନ୍ୟଜନ୍ତୁ ଓ ଜନଜୀବନ ପ୍ରତି ବିପଦ ରହିଛି । ବିଗତ ଦିନରେ ଭାଟଖାଲି ପାହାଡକୁ ନେଇ ପୁଲିସ ନିର୍ଯ୍ୟାତନାରେ ଜଣେ ବିକଳାଙ୍ଗ ଯୁବକର ମୃତ୍ୟୁ ହୋଇ ଥିଲା । କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଜରଡ କ୍ରସର ୟୁନିଟ ନିକଟରେ ଗତ କିଛି ଦିନ ତଳେ କଲରାପତ୍ରିଆ ବାଘ ଶିକାର ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଜରଡ କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଯାଞ୍ଚ ସହିତ ପଥର ଉତ୍ତୋଳନ ପରମାଣ ଯାଞ୍ଚ କରାଯାଉ । ସେହିଭଳି ଗୁଡିଆଳି,ଜରଡ,ବଡଆଗୁଳ,ଖଇରପଲ୍ଲୀ ପହାଡରେ କମ୍ପ୍ରସର ଲଗାଇ ବାରୁଦ ବ୍ୟବହାର କରି ବେଆଇନ ପଥର ବ୍ଲାଷ୍ଟିଙ୍ଗ କରାଯାଉଛି । ଗୋଲମୁଣ୍ଡଳା ନିକଟ ବାଘୁଆ ନଦୀର ଉଭୟ ପଟୁ ବେଆଇନ ବାଲି ଚାଲଣ କରାଯାଉଛି ।ଖଲ୍ଲିକୋଟ, ଛତ୍ରପୁର, ପୁରୁଷୋତ୍ତମପୁର, କୋଦଳା,ଆସିକା,ପୋଲସରା, ଧରାକୋଟ,ଶେରଗଡ, ହିଞ୍ଜିଳିକାଟୁ, କୁକୁଡାଖଣ୍ଡି,କନିଷି,ଚିକିଟି ତହସିଲ ସମେତ ଅନ୍ୟ ତହସିଲ ଅଞ୍ଚଳରେ ଲଘୁଖଣିଜ ବର୍ଷକୁ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଲୁଟ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶିତ ହୋଇଛି । ଖଣି ଉପ ନିର୍ଦ୍ଦେଶକ,ବ୍ରହ୍ମପୁର କାର୍ଯ୍ୟାଳୟକୁ ସୂଚନା ତଥ୍ୟ ମାଗିଲେ ତଥ୍ୟ ମିଳିବାକୁ ନାହିଁ । ବେଆଇନ ବାଲି,ପଥର ଓ ମୋରମ ଚାଲଣ ଏବଂ ବେଆଇନ କ୍ରସର ୟୁନିଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ତଥା ଫରୱାର୍ଡ ବ୍ଲକର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ,ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଇସ୍ପାତ ଓ ଖଣି ବିଭାଗ,ଓଡ଼ିଶା,ଖଣି ନିର୍ଦ୍ଦେଶକ,ଭିଜିଲାନ୍ସ ବିଭାଗ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ,ସମ୍ପାଦକ ସପନେଶ୍ୱର ପାଣିଗ୍ରାହୀ,କୋଷାଧ୍ୟକ୍ଷ ମିଥୁନ ବେହେରା,ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ଓ ଜିଲ୍ଲା କମିଟି ସଦସ୍ୟ ବାଉରୀ ବଂଧୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି ଯେ ଓଡିଶାର ସବୁଠାରୁ ଅଧିକ ଭ୍ରଷ୍ଟ ଖଣି ବିଭାଗ । ଗଞ୍ଜାମ ଜିଲ୍ଲାର ଲଘୁଖଣିଜ ଲୁଟ ଘଟଣାରେ ମାଫିଆ,ଅଧିକାରୀ ଓ ନେତା ସାମିଲ ଥିବାରୁ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

# ଅର୍ବାନ୍ ପିଏଚ୍.ସି ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ମଣ୍ଡଳ ନୂତନ କାର୍ଯ୍ୟାଳୟ ଓ କ୍ୱାର୍ଟର ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ

ବ୍ୟାସନଗର, ୮।୯ :(ମନ୍ଥନ) ଆଜି ସକାଳ ୧୧ ଘଟିକା ସମୟରେ ବ୍ୟାସନଗର ପୌରପରିଷଦ ପାନ୍ଥିକା ଠାରେ ଅର୍ବାନ୍ ପି.ଏଚ୍.ସି.ର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ ଶ୍ରୀଯୁକ୍ତ ଆକାଶ ଦାସନାୟକ, ମାନ୍ୟବର ବିଧାୟକ କୋରେଇ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ । ତା’ପରେ ସିଟି ଏବଂ ଜି.ଏସ୍.ଟି. ଅଫିସ୍ ଠାରେ ନୂତନ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ମଣ୍ଡଳ, ଯାଜପୁର, ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତନ ଏକକ, ଯାଜପୁର ରୋଡ ନୂତନ କାର୍ଯ୍ୟାଳୟର ୧୨ ଗୋଟି ସି-ଟାଇପ୍ କ୍ୱାର୍ଟର, ୧୨ ଗୋଟି ଇ-ଟାଇପ୍ କ୍ୱାର୍ଟର, ୧ ଗୋଟି ୫ ଆର୍-ଟାଇପ୍ କ୍ୱାର୍ଟର ନିର୍ମାଣ ନିମନ୍ତେ ମାନ୍ୟବର ବିଧାୟକ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ମଣ୍ଡଳ, ଯାଜପୁର, ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତନ ଏକକ, ଯାଜପୁର ରୋଡ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ୪ କୋଟି ୪୮ ଲକ୍ଷ ଟଙ୍କା ଅର୍ଥ ମଂଜୁର ହୋଇଅଛି । ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର କ୍ଷେତ୍ରୀୟ ଚକଲା, ଯାଜପୁର, ଯାଜପୁର ରୋଡ ଠାରେ ୧୨ ଗୋଟି ସି-ଟାଇପ୍ କ୍ୱାର୍ଟର ନିର୍ମାଣ ନିମନ୍ତେ ୯ କୋଟି ୯ ଲକ୍ଷ ଟଙ୍କା ଅର୍ଥ ମଂଜୁର ହୋଇଅଛି । ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର କ୍ଷେତ୍ରୀୟ ଚକଲା, ଯାଜପୁର, ଯାଜପୁର ରୋଡ ଠାରେ ୧୨ ଗୋଟି ଇ-ଟାଇଫ୍ କ୍ୱାର୍ଟର ନିର୍ମାଣ ନିମନ୍ତେ ୩ କୋଟି ୨୭ ଲକ୍ଷ ଟଙ୍କା ଅର୍ଥ ମଂଜୁର ହୋଇଅଛି । ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର କ୍ଷେତ୍ରୀୟ ଚକଲା, ଯାଜପୁର, ଯାଜପୁର ରୋଡ ଠାରେ ୧ ଗୋଟି ୫ ଆର୍-ଟାଇପ୍ କ୍ୱାର୍ଟର ନିର୍ମାଣ ନିମନ୍ତେ ୧ କୋଟି ଟଙ୍କା ଅର୍ଥ ମଂଜୁର ହୋଇଅଛି । ବ୍ୟାସନଗର ପୌରପରିଷଦ ଅର୍ବାନ ପି.ଏଚ୍.ସି. ନିର୍ମାଣ ନିମନ୍ତେ ୧ କୋଟି ୧୮ ଲକ୍ଷ ଟଙ୍କା ଅର୍ଥ ମଂଜୁର ହୋଇଅଛି । ଏହି ପ୍ରକଳ୍ପ ଗୁଡିକୁ ଶ୍ରୀଯୁକ୍ତ ଆକାଶ ଦାସନାୟକ ମାନ୍ୟବର ବିଧାୟକ କୋରେଇ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ କରକମଳରେ ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବଳ, ଶ୍ରୀଯୁକ୍ତ ମୁକ୍ତିରଞ୍ଜନ ଆଚାର୍ଯ୍ୟ, ଓ.ଏଫ୍.ସି. (ଏନ୍.ଏ.ଜି.) ଅତିରିକ୍ତ ବାଣିଜ୍ୟକର ଏବଂ ସେବାକର ଆୟୁକ୍ତ କ୍ଷେତ୍ରୀୟ ଚକଲା, ଯାଜପୁର, ଯାଜପୁର ରୋଡ, ଶ୍ରୀଯୁକ୍ତ ଲାଲ୍ ବାହାଦୁର ବିଶ୍ୱାଳ, ଓ.ଏଫ୍.ଏସ୍.-୧ (ଏସ୍.ଜି), ଯୁଗ୍ମ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ, ଯାଜପୁର ମଣ୍ଡଳ, ଯାଜପୁର ରୋଡ, ଟ୍ୟାକ୍ସ ବାର୍ ଆସୋସିଏସନ୍ ସଭାପତି ବିବେକାନନ୍ଦ ମହାନ୍ତି, ସଂପାଦକ ଧନେଶ୍ୱର ବାରିକ, ବଣିକ ସଂଘ ସଭାପତି ସଦାଶିବ ଦାଶ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ବ୍ୟାସନଗର ବିଧାୟକ ପ୍ରତିନିଧି ଶିଶିର କୁମାର ସାହୁ, ବ୍ୟାସନଗର ସାଂସଦ ପ୍ରତିନିଧି ନିରଞ୍ଜନ ଘଡାଇ, ଜିଲ୍ଲା ସଂପାଦକ ଅଯୋଧ୍ୟା ଜେନା, ବ୍ୟାସନଗର ପୌର ପରିଷଦର କାଉନସିଲର ମଣିନ୍ଦ୍ର କୁମାର ସାହୁ, ଅଶୋକ କୁମାର ରାଉତ, ରଶ୍ମିତା ରାଉତ, ଭରତ ଓଝା, ବ୍ୟାସଦେବ ମଣ୍ଡଳ ଯୁବ ସଭାପତି ଜିତେନ୍ଦ୍ର ବେହୁରା, ଯାଜପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଦୀପ୍ତିମୟୀ କୁଅଁର, ବ୍ୟାସଦେବ ମଣ୍ଡଳ ସଂପାଦକ ପ୍ରଶାନ୍ତ ବୋଇତାଇ, ଜିଲ୍ଲା ମହିଳା ମୋର୍ଚ୍ଚା ସଂପାଦିକା ସ୍ୱର୍ଣ୍ଣପ୍ରଭା ନାୟକ, ପ୍ରୀତିରଞ୍ଜନ ସାହୁ, ପ୍ରିୟବ୍ରତ ସାହୁ, ସୁନିଲ ବଳ, ଗୌରାଙ୍ଗ ସାହୁ, ଅଜିତ ପରିଡା, ସୁଶିଲ ମଲ୍ଲିକ, ତରୁଣ ଦାସ, ସପନ ଖୁଂଟିଆ, ରାଣୀ ସାମଲ, ଆଶା ମହାନ୍ତି, ନିବେଦିତା ଜେନା, ତିଳୋତମା ସେଠୀ, ସନ୍ଧ୍ୟାରାଣୀ ସାହୁ, କୃଷ୍ଣଚନ୍ଦ୍ର ରାଉତ, ପ୍ରଦୀପ ମଲ୍ଲିକ, ସନ୍ଦୀପ ପରିଡା, ପ୍ରକାଶ ଧଳ, ରାକେଶ ଜେନା ପ୍ରମୁଖ ଯୋଗଦେଇଥିଲେ ।



# ରାସ୍ତା ଜବରଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖଣ୍ଡପଡା, ୮।୯ :(ମନ୍ଥନ)ଖଣ୍ଡପଡା ବ୍ଲକ ଆଦିବାସୀ ଅଧ୍ୟୁଷିତ ସିଙ୍ଘାପଡା ପଞ୍ଚାୟତ ଅଧୀନନୂଆପଲ୍ଲୀ ଗ୍ରାମରେ ରାସ୍ତା ଜବରଦଖଲ ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇସାହି ବାସିନ୍ଦା ଜିଲ୍ଲାପାଳଙ୍କୁ ଫେରାଦ ହେବା ସହ ନ୍ୟାୟ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀନୂଆପଲ୍ଲୀ ଗ୍ରାମର ଅନୁସୂଚିତ ସାହି ବାସିନ୍ଦା ବର୍ଷ ବର୍ଷ ଧରି ଉକ୍ତ ଅଞ୍ଚଳରେ ରହିଆସୁଛନ୍ତି।ତେବେ ଗ୍ରାମର ମୁଖ୍ୟ ରାସ୍ତାରୁ ସାହିକୁ ସଂଯୋଗ କରୁଥିବା ରାସ୍ତା ସେମାନଙ୍କ ପାଇଁ ମୁଣ୍ଡବ୍ୟଥାପାଲଟିଛି। ଉକ୍ତ ରାସ୍ତାକୁ ଗ୍ରାମର ଜୈନେକ ବ୍ୟକ୍ତି ସେଟଲମେଣ୍ଟ ସମୟରେ ନିଜ ନାମରେ ପଟାକରିନେଇଥିବା ଯୋଗୁଁ ନାନା ସମସ୍ୟାରେ ପଡିଛନ୍ତି।



ବିଶେଷକରି ଗ୍ରାମର ପ୍ରାୟ ୧୫ ପରିବାର ଏହିରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଏବେ ଚିନ୍ତାରେ ପଡିଛନ୍ତି। ବିଭିନ୍ନ ସମୟରେ ସମ୍ପୃକ୍ତବ୍ୟକ୍ତି ମଧ ଧମକଚମକ ଦେଉଥିବା ଅଭିଯୋଗ ଆଣିଛନ୍ତି ଅନୁସୂଚିତ ସାହି ବାସିନ୍ଦା। ଘଟଣାସମ୍ପର୍କରେ ସାହିର ମହିଳା ଓ ପୁରୁଷ ମିଳିତ ଭାବେ ନୟାଗଡ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବାବେଳେ ରାସ୍ତାକୁ ସାହି ବାସିନ୍ଦାଙ୍କୁ ହସ୍ତାନ୍ତର ନିମନ୍ତେ ଦାବି କରିଛନ୍ତି। ସାହିକୁ ସଂଯୋଗ କରିବାକୁରାସ୍ତା ଏକମାତ୍ର ମାଧମ ହୋଇଥିବା ବେଳେ ଯଦି ପ୍ରଶାସନ ନ ଶୁଣେ ତେବେ ଆଗାମୀ ଦିନରେଆନ୍ଦୋଳନାତ୍ମକ ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୮।୯ :(ମନ୍ଥନ) ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୩୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୭ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୯୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ



ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଯାଜପୁର ସଦର ହରିପୁର ଗ୍ରାମର ସନାତନ ବେହେରାଙ୍କୁ ଶ୍ରବଣ ସହାୟକ ଯନ୍ତ୍ର ପ୍ରଦାନ କରାଯାଇଛି। ଏହି ଶ୍ରବଣ ଯନ୍ତ୍ର ତାଙ୍କର ଶ୍ରବଣ ସମସ୍ୟା ଦୂର କରିବା ସହ ଦୈନନ୍ଦିନ ଜୀବନରେ ଯୋଗାଯୋଗକୁ ସହଜ କରିବାରେ ସହାୟକ ହେବ। ଶ୍ରବଣ ଯନ୍ତ୍ର ପାଇ ସନାତନ ବେହେରା ଆନନ୍ଦ ପ୍ରକାଶ କରିବା ସହ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧି ଙ୍କ ସହ ବୈଠକ

ଯାଜପୁର,୮।୯ :(ମନ୍ଥନ)ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବର୍ତମାନ ସ୍ଥିତି ଏବଂ ପରବର୍ତୀ କାର୍ଯ୍ୟସୂଚୀ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀର ଚିଠା ଭୋଟର ତାଲିକାରେ ତ୍ରୁଟି, ନାମ ବାଦ ପଡ଼ିବା, ସଂଶୋଧନ ଆବଶ୍ୟକତା ଓ ଚିହ୍ନଟ ଅସଙ୍ଗତି ସମ୍ପର୍କିତ ଦାବି ଏବଂ ଆପତି ଉପରେ ନୋଟିସ ପ୍ରଦାନ ସହ ଶୁଣାଣୀ ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଭୋଟର ତାଲିକାରେ ସ୍ୱଚ୍ଛତା, ନିର୍ଭୁଲତା ଓ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ସମସ୍ତ ଦାବି ଓ ଆପତିର ଯାଂଚ ଏବଂ ନିଷ୍ପତି ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ଆସନ୍ତା ସେପ୍ଟେମ୍ବର ୨୧ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଏଜେଂଟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ସି ଡି ଓ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପଜିଲ୍ଲାପାଳ, ଅତିରିକ୍ତ ସିଡିଓ,ଡେପୁଟି କଲେକ୍ଟର, ନିର୍ବାଚନ, ଅଶୋକ କୁମାର ଦେହୁରୀ, ବିଭାଗୀୟ ଅଧିକାରୀ ଦେବେନ୍ଦ୍ର ନାଥ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

# ପ୍ରହସନ ପାଲଟିଛି ମିଳିତ ଜନଶୁଣାଣି ଶିବିର

ଖଣ୍ଡପଡା,୮।୯ :(ମନ୍ଥନ)ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ଏଣିକି ପ୍ରତି ସୋମବାର ବ୍ଲକ ସ୍ତରରେ ଜନ ଅଭିଯୋଗ ଶୁଣାଣି କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ବ୍ଲକ ପ୍ରଶାସନର ଅପାରଗତା ଯୋଗୁଁ ମାତ୍ର ହାତ ଗଣତି ଲୋକ ଅଭିଯୋଗ କରିବାକୁ ଆସିଲେ।



ପ୍ରଚାର ପ୍ରସାର ଅଭାବରୁ ଲୋକେ ଅଭିଯୋଗ ଶୁଣାଣି ବାବଦରେ ଜାଣିନଥିବା ବେଳେ ଅଧିକାରୀ ମାନେ ଗପସପ କରି ଫେରିଯାଇଥିଲେ। ଖଣ୍ଡପଡା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଆଜି ପୂର୍ବାହ୍ନରେ ବିଡିଓ ଅଙ୍କୁର ଅଭିଳାଷ ଓ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏ ଅବସରରେ ମାତ୍ର ୨୦ ଜଣଙ୍କ ଅଭିଯୋଗ ଆସିଥିବା ବେଳେ ଏହାର ସମାଧାନ ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ତେବେ ଏଭଳି କାର୍ଜ୍ୟକ୍ରମ ବାବଦରେ ବ୍ଲକ ପ୍ରଶାସନର ବ୍ୟାପକ ପ୍ରଚାର ପ୍ରସାର ଅଭାବ ଯୋଗୁଁ ହତଗଣତି ଲୋକ ଆସିଥିବା ଜନପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି।

# ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଅନିର୍ବାଣ ଆଲୋକ ଓଡ଼ିଆ ଜାତିକୁ ଚିରଦିନ ଆଲୋକିତ କରୁଥିବ - ଉପଜିଲ୍ଲାପାଳ

ରଘୁନାଥପୁର,୮।୯ :(ମନ୍ଥନ))ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଅନିର୍ବାଣ ଆଲୋକ ଓଡ଼ିଆ ଜାତିକୁ ଚିର ଦିନ ଆଲୋକିତ କରୁଥିବ ବୋଲି ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପରିସର ରେ ବସାଯାଇଥିବା ପଣ୍ଡିତ ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତୀ କୁ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ସଭାପତି ପ୍ରଶାନ୍ତ କୁମାର ତରାଇ ଉନ୍‌ମୋଚନ କରି ଏହା କହିଥିଲେକ୍ଷ ଉପଜିଲ୍ଲାପାଳ ଶ୍ରୀ ତରାଇ ଆହୁରି କହିଲେ ଯେ,ଛାତ୍ର ଛାତ୍ରୀ ମାନେ ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଏଥିରେ କଲେଜ ଅଧକ୍ଷ ପ୍ରତାପ କୁମାର ଲେଙ୍କା ପୌରୋହିତ୍ୟ କରିଥିଲେ । ଏହି ଉତ୍ସବ ରେ ମୁଖ୍ୟବକ୍ତାଭାବେ ଆଗାମୀ ଓଡିଶା ପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନଥିଲେ ସେ



ସମୟରେ ଲକ୍ଷ ଲକ୍ଷ ବିପନ୍ନ ଲୋକ ମାନେ ଅନାହାର ରେ ମୃତ୍ୟୁ ବରଣ କରିଥାନ୍ତେ, ସେ ତ୍ୟାଗ ଓ ସେବା ର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ ।ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ୍ ଚନ୍ଦ୍ର ରାଉତ, ସମାଜସେବୀ ବିଜନ ମହାପାତ୍ର, ସରୋଜ କୁମାର ରାୟ, ଶରତ ଚନ୍ଦ୍ର ମହାପାତ୍ର,ଅଧାପିକା ଗୀତା ରଥ, ସର୍ବେଶ୍ୱର ପଣ୍ଡା,ପ୍ରାଣ କୃଷ୍ ନାୟକ, ବିଶ୍ୱନାଥ ବାରିକ, ନିରଞ୍ଜନ ବାରିକ, ରମାରଞ୍ଜନ ସ୍ୱାଇଁ, ସଂଜୀବ ଦାସ ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁ ଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ସ୍ୱର୍ଣ୍ଣପ୍ରଭା ମଲ୍ଲିକ ବେଦପାଠ କରିଥିବା ବେଳେ କବିତା ବେହେରା ବିବରଣୀ ପାଠ କରିଥିଲେ । କଲେଜ ର ୪୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିରକୁ ଝିଲି ପାତ୍ର, ବାଦଲ ପ୍ରସାଦ ସିଂହ, ରଞ୍ଜନ କୁମାର ମହାନ୍ତି, ହିମାଂଶୁ ଜେନା, ସ୍ମିତା ରାଣୀ ପ୍ରଧାନ, ସମରେନ୍ଦ୍ର ନାୟକ ଆଲୋକ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ କ୍ଷ ଶେଷରେ ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜ ର ୪୦ ତମ ପ୍ରତିଷ୍ଠା ଦିବସ ଅବସରରେ କଲେଜ ର ପ୍ରତିଷ୍ଠାତା ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏନ ଏ ସି ରେ ଫର୍ମ-୭ ମାଧ୍ୟମରେ ଭୋଟରଙ୍କ ନାମ ବାଦ୍ କୁ ନେଇ ଝଡ଼ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ

ଧାମନଗର,୮।୯ :(ମନ୍ଥନ) ଧାମନଗର ଏନ୍ଏସିରେ ଭୋଟର ତାଲିକା ସଂଶୋଧନକୁ ନେଇ ବିବାଦ ତୀବ୍ର ହୋଇଛି। ଫର୍ମ-୭ ମାଧ୍ୟମରେ ଭୋଟରଙ୍କ ନାମ ବାଦ୍ ଦେବାରେ ଅନିୟମିତତା ଓ ନିୟମ ଉଲ୍ଲଂଘନ ହେଉଥିବା ଅଭିଯୋଗ ଆଣି ବିଜେଡି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଆର୍?ଓ ସନ୍ତୋଷ କୁମାର ନାୟକ ବିଏଲ୍ଓମାନଙ୍କ ଉପରେ ଚାପ ପକାଇ ଫର୍ମ-୭ ଜରିଆରେ ପ୍ରାୟ ୩ହଜାରରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦେବାକୁ ଉଦ୍ୟମ କରୁଥିବା ବିଜେଡି ଅଭିଯୋଗ କରିଛି। ବିଏଲ୍ଓମାନଙ୍କଠାରୁ ଓଟିପି ନେଇ ଆବେଦନ ପ୍ରକ୍ରିୟା ଚଳାଇବା ଏବଂ ନିର୍ଦ୍ଦେଶ ପାଳନ ନକଲେ ଶୋ-କଜ୍ ନୋଟିସ୍ ଓ ଦଣ୍ଡବିଧାନର ଧମକ ଦିଆଯାଉଥିବା ନେଇ ମଧ ଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଆହୁରି ଗୁରୁତର କରିଛି ବିଏଲ୍ଓମାନଙ୍କ ଥାନାରେ ଲିଖିତ ଅଭିଯୋଗ ପରେ ଘଟଣାକୁ ଗମ୍ଭୀର କରିଛି। ତେବେ ଅଭିଯୋଗଗୁଡ଼ିକର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ଏହାକୁ ନେଇ



ଧାମନଗରରେ ଭୋଟର ତାଲିକାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି।ଏହି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ଓ ସମୟସୀମାବଦ୍ଧ ତଦନ୍ତ କରିବା ସହ ତଦନ୍ତ ଶେଷ ପର୍ଯ୍ୟନ୍ତ ସମ୍ପୃକ୍ତ ଏଆର୍ଓଙ୍କୁ ଏସ୍ଆଇଆର୍- ୨୦୨୬ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ବିଜେଡି ଦାବି କରିଛି। ଏଥିସହ ଏନ୍ଏସିର ସମସ୍ତ ଫର୍ମ-୭ ଆବେଦନ,ଓଟିପି ରେକର୍ଡ ଓ ଡିଜିଟାଲ୍ ଲଗ୍ ଯାଞ୍ଚ କରିବା,ବାଦ୍ ପଡ଼ିଥିବା ଭୋଟରଙ୍କ ନାମର ପୁନଃ ଯାଞ୍ଚ ଏବଂ ଅଭିଯୋଗକାରୀ ବିଏଲ୍ଓଙ୍କୁ ସୁରକ୍ଷା ଦେବାକୁ ଦଳ ଦାବି କରିଛି। ସେପ୍ଟେମ୍ବର ୧୭ରେ ନୋଟିସ୍ ନିଷ୍କାସନର ଶେଷ ତାରିଖ ଓ ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାରୁ ଏହା ପୂର୍ବରୁ ଅଭିଯୋଗର ଦ୍ରୁତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ଦାବି ଜଣାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା,ମୁଖପାତ୍ର ଲେନିନ୍ ମହାନ୍ତି,ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ,ଧାମନଗର ଏନ୍ଏସି ଅଧକ୍ଷା ନିବେଦିତା ଜେନା,ଉପାଧକ୍ଷ ଓସିମ ଏଜଦାନି କାଦିରୀ,ନଗର ସଭାପତି ବିଜୟ କେତନ ସାହୁ,ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତ,ଏମ୍ଡି ଫକିରୁଦ୍ଦିନ,କାଉନସିଲର ଏମଡି ଜୟନୁଲ ହକ୍, ରହିମା ଖାତୁନ,ନଜମା ଖାତୁନଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ପୋଲିସର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା,୮।୯ :(ମନ୍ଥନ)ମାସିକ ଶୂନ୍ୟ ମୃତ୍ୟୁ ସପ୍ତାହର ଅଂଶ ସ୍ୱରୂପ ବୁଗୁଡ଼ା ପୋଲିସ ଥାନା ପକ୍ଷରୁ ବାଲିପଦରଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଟର ଚାଳକ, ଆରୋହୀ ଏବଂ ସାଧାରଣ ଲୋକଙ୍କୁ ସୁରକ୍ଷିତ ରାସ୍ତା ବ୍ୟବହାର ଅଭ୍ୟାସ ସମ୍ପର୍କେ ସଚେତନ କରିବା ପାଇଁ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କରାଯାଇଥିଲା। ଲୋକମାନଙ୍କୁ ଟ୍ରାଫିକ ନିୟମର କଠୋର ପାଳନ, ହେଲମେଟ୍ ଏବଂ ସିଟ୍ ବେଲ୍ଟ ପିନ୍ଧିବା , ଦ୍ରୁତ ଗତି ଏବଂ ବିପଦପୂର୍ଣ୍ଣ ଗାଡ଼ି ଚାଳନାରୁ ନିବୃତ୍ତ ରହିବା , ମଦ୍ୟପାନ କରି ଗାଡ଼ି ନଚଳାଇବା , ଗାଡ଼ି ଚାଳନା ସମୟରେ ମୋବାଇଲ୍ ଫୋନର ବ୍ୟବହାର ନକରିବା ଆଦି ଦିଗରେ ଯତ୍ନବାନ ହେବା ନିମନ୍ତେ




ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ବୁଗୁଡା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

# ପରିବେଶ ସୁରକ୍ଷା ପାଇଁ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସାଇକେଲ୍ ରାଲି ଓ ସଚେତନତା ଅଭିଯାନ

କଳିଙ୍ଗନଗର,୮।୯ :(ମନ୍ଥନ)'ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନ' ବିଷୟବସ୍ତୁକୁ ନେଇ ଚାଲିଥିବା ପରିବେଶ ସୁରକ୍ଷା ଅଭିଯାନ (୭-୧୬ ସେପ୍ଟେମ୍ବର) ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ତଥା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି।କଳିଙ୍ଗନଗର ଟାଉନସିପ୍?ସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଆୟୋଜିତ 'ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା' ରାଲିରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ମଦନ ମୋହନ ସାହୁ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍ କର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ଟିଏସକେ, ନୀଳାଚଳ ଇସ୍ପାତ ନିଗମ ଏବଂ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମସ୍ତ ଅଂଶଗ୍ରହଣକାରୀମାନେ 'ମିଶନ ଲାଇଫ୍' ଶପଥ ପାଠ କରିଥିଲେ । ଅଣ-ଯାନ୍ତ୍ରିକ ପରିବହନକୁ ପ୍ରୋତ୍ସାହିତ କରିବା, ବାୟୁ ଗୁଣବତ୍ତା ମାନରେ ଉନ୍ନତି ଆଣିବା ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ସେହିପରି ସେପ୍ଟେମ୍ବର, ୭ ତାରିଖ ଦିନ ଯାଜପୁର ଜିଲ୍ଲା ଡୁବୁରୀସ୍ଥିତ ଗୋଳାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ମଧ 'ମିଶନ ଲାଇଫ୍' ଶପଥ ଗ୍ରହଣ କରିଥିଲେ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସଠିପୁର ବ୍ରଜନଗର ଗଡା ଲକ୍ଷ୍ମୀ ମନ୍ଦିର ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା

ଯାଜପୁର,୮।୯ :(ମନ୍ଥନ) ଜାତୀୟ ରାଜପଥ ୧୬ ଅନ୍ତର୍ଗତ ଯାଜପୁର ସଠିପୁର ବ୍ରଜନଗର ଗଡା ଲକ୍ଷ୍ମୀ ମନ୍ଦିର ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ସ୍କୁଲ ଛାଡିବାକୁ ଯାଉଥିବା ସମୟରେ ବାଇକକୁ ପିଟିଲା କାର। ଅବିଭାବକଙ୍କ ସହ ତିନିଜଣ ଜଣ ଛାତ୍ରଛାତ୍ରୀ ଗୁରୁତର। ଯାଜପୁର ବ୍ଲକ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରଙ୍କୁ ପିଲାମାନଙ୍କୁ ଛାଡ଼ିବାକୁ ଯାଉଥିବା ସମୟରେ ହୋଇଛି ଏଭଳି ଦୁର୍ଘଟଣା। ଗୁରୁତର ଅବିଭାବକ ହେଲେ ଅଶୋକ ସାହୁ ଓ ତାଙ୍କ ପୁଅ ଆଶୀଷ ସାହୁ ଝିଅ ଆଦ୍ୟାଶା ସାହୁ ଏବଂ ଅନ୍ୟଜଣେ ଛାତ୍ର ସାଇଲ ଓଝା । ଅଶୋକ ନିଜ ପୁଅ ଝିଅ ସହ ଅନ୍ୟଜଣେ ଛାତ୍ରଙ୍କୁ ଏକ ବାଇକ ଯୋଗେ ବିଦ୍ୟାଳୟ ନେଇ ଯାଉଥିବା ବେଳେ ଜାତୀୟରାଜପଥରେ ଏକ କାର ଦୃତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସମସ୍ତେ ପଡି ରକ୍ତଜୁଡୁବୁଡୁ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟଚିକିତ୍ସାଳୟ କୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୋଟ ଚାରିଜଣଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତରିତ କରାଯାଇଛି ।

# ରାହୁଅ ଗ୍ରାମରେ ମିଳୁନି ପାନୀୟ ଜଳ ଯୋଗାଣ,ପର୍ଯ୍ୟାପ୍ତ ଜଳସେଚନ ଓ ଶୋଚନୀୟ ରାସ୍ତାଘାଟ ସମସ୍ୟା

ଡେଲାଙ୍ଗ,୮।୯ :(ମନ୍ଥନ)ଡେଲାଙ୍ଗ ବ୍ଲକ୍ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ରାହୁଅ ଗ୍ରାମର ଗ୍ରାମବାସୀମାନେ ବହୁବିଧ ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି।ସ୍ୱାଧୀନତାର ୮୦ ବର୍ଷ ବିତିଯାଇଥିଲେ ହେଁ ଗ୍ରାମବାସୀଙ୍କ ସର୍ବ ନିମ୍ନ ଆବଶ୍ୟକତା ସମ୍ପର୍କରେ ପ୍ରଶାସନ ଅଣଦେଖା କରିବାସହ ଗ୍ରାମବାସୀଙ୍କୁ ଗଭୀର ଦୁଃଖ ଦେଇଛି। ଗ୍ରାମରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଉକ୍ତ ପାନୀୟ ଜଳ ଯୋଗାଣ ସମସ୍ୟା ସହ କେନାଲ ଉପଲବ୍ଧ ଥାଇ ମଧ ଚାଷୀମାନେ ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାହୁଅ ଛକଠାରୁ ଶିଶୁଆପଡ଼ା ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଛି। ଏ ନେଇ ଗ୍ରାମର ସମାଜସେବୀ ଡଃ ବିଶ୍ୱରଞ୍ଜନ ଜେନା ଓ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଉକ୍ତ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ଆଜକୁ ମାସାଧିକ କାଳ ଅତିବାହିତ ହୋଇଥିଲେ ହେଁ ଯଥା ପୂର୍ବଂ ତଥା ପରଂ ନୀତିରେ ଆଜି ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇ ନ ଥିବାରୁ ରାହୁଅ ଗ୍ରାମବାସୀମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।ବିଭିନ୍ନ ଖବରକାଗଜରେ ଗ୍ରାମର ସମସ୍ୟା ନେଇ ସମ୍ବାଦ ପରିବେଷଣ ହେବା ଏବଂ ପିପିଲି ଟୁଇଟର କ୍ଲବ ଜରିଆରେ ମୁଖ୍ୟମନ୍ତ୍ରୀ ଓଡିଶା, ରାଜସ୍ୱ ମନ୍ତ୍ରୀ,ଚିଫ ସେକ୍ରେଟାରୀ ଓଡିଶା,ବିଡ଼ିଓ, ତହସିଲଦାର ଡେଲାଙ୍ଗଙ୍କୁ ଘଟଣା ସମ୍ପର୍କ ରେ ଅବଗତ କରିବା ପରେ ପୁରୀ ଜିଲ୍ଲାପାଳ ତତ୍ପରତା ପ୍ରକାଶ କରି କୈଫିୟତ ତଲବ କରିବା ପରେ ଗତ ଅଗଷ୍ଟ ୧୧ ତାରିଖରେ ଡେଲାଙ୍ଗ ବ୍ଲକ୍ ସହକାରୀ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାମନ୍ତରାୟ ଚତୁରତା ଢଙ୍ଗରେ ଡେଲାଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତଥାକଥିତ ପ୍ରମୁଖ ତିନୋଟି ସମସ୍ୟା ସମ୍ପର୍କରେ ବ୍ଲକ୍ ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ପତ୍ର ଖଣ୍ଡିଏ ଲେଖିଦେଇ ଚୁପ୍ ହୋଇ ବସିଛନ୍ତି।ଏପରିକି ରାସ୍ତା ଅବସ୍ଥା ଶୋଚନୀୟ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଇବା,କେନାଲରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଆସୁ ନ ଥିବା ସମସ୍ୟାରେ ଜଳସେଚନ ବିଭାଗର ହସ୍ତକ୍ଷେପ ତଥା ଗ୍ରାମରେ ଲାଗି ରହିଥିବା ଉକ୍ତ ପାନୀୟୀ ଜଳ ଯୋଗାଣ ସମସ୍ୟାର ନିରାକରଣ ପାଇଁ ଜଳ ଓ ପରିମଳ ବିଭାଗକୁ ସୁପାରିଶ କରିବା କାର୍ଯ୍ୟ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କ ଅନଭିଜ୍ଞତା ତଥା ଅସହାୟତାକୁ ପଦାରେ ପକାଇଛି। ଏ ସଂକ୍ରାନ୍ତରେ ଡେଲାଙ୍ଗ ବିଡିଓ ସମୀର କୁମାର ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି,କେବଳ ଜଳ ଓ ପରିମଳ ବିଭାଗ ଅଧୀନ ସମସ୍ୟା ଦିଗରେ ସେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମତାମତ ଦେଇଥିବାବେଳେ ରାସ୍ତାର ଦୁରାବସ୍ଥା ଓ ଜଳସେଚନ ସମସ୍ୟା ବିଭାଗୀୟ ଦପ୍ତର ବୁଝିବେ ବୋଲି ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।ପ୍ରକାଶ ଯୋଗ୍ୟ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ହେଉ ଅଥବା ପଞ୍ଚାୟତ ସମିତି ବୈଠକ ଏବଂ ଯେ କୌଣସି ନେତାମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମରେ ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ସ୍ତରୀୟ ଅଧିକାରୀଙ୍କୁ ଖୋଦ୍ ବିଡିଓ ମହାଶୟ ଆଗୁଆ ଅବଗତ କରାଇବାକୁ ଉଚିତ୍ ମଣୁ ଥିବାବେଳେ ରାହୁଅ ଗ୍ରାମବାସୀଙ୍କ ଦୀର୍ଘ ଦିନର ବହୁବିଧ ସମସ୍ୟା ସମାଧାନ ଦିଗରେ ନିଜ ଉପରୁ ଦୋଷ ଛଡ଼ାଇ ସମ୍ପୃକ୍ତ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିବା ବିଡିଓଙ୍କ ଅସହାୟତା ତଥା ଅପାରଗତାକୁ ପଦାରେ ପକାଇଛି।ତେବେ ସେ ଯାହା ହେଉନା କାହିଁକି,ଆଗାମୀ ୭ ଦିନ ମଧ୍ୟରେ ଗ୍ରାମର ସମସ୍ୟା ସମାଧାନ ଦିଗରେ ଯଦି ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ରାହୁଅ ଗ୍ରାମବାସୀ ଡେଲାଙ୍ଗ - କଣାସ ପୂର୍ତ୍ତ ବିଭାଗ ରାସ୍ତାର ରାହୁଅ ଛକରେ ଏକଜୁଟ୍ ହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

# କୁଶଙ୍ଗ ଡିଗ୍ରୀ କଲେଜରେ ସାଇବର କ୍ରାଇମ ସଚେତନତା ଶିବିର

ବଲାଙ୍ଗିର,୮।୯ :(ମନ୍ଥନ) ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଶଙ୍ଗ ଡିଗ୍ରୀ କଲେଜ ପରିସରରେ ଶକ୍ତିଶ୍ରୀ ଯୋଜନା ତରଫରୁ ସାଇବର କ୍ରାଇମ ସଚେତନତା ଶିବିର ଡକ୍ଟର ବିଜୟ କୁମାର କଳେଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସ୍ଥାନୀୟ କୁଶଙ୍ଗ ଷ୍ଟେଟ ବ୍ୟାଙ୍କର ମ୍ୟାନେଜର ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାଇବର କ୍ରାଇମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷ ଷଡଯନ୍ତ୍ର, ଟଙ୍କା ଚୋରି, ମିଥ୍ୟା ଅପବାଦ, ଜନସାଧାରଣଙ୍କୁ ସାଇବର ଅପରାଧୀଙ୍କ ଚକ୍ରାନ୍ତ ଓ ହଇରାଣ ଉପରେ ଉଦାହରଣ ସହ ମତଗୁଡ଼ିକ ପ୍ରକାଶ ପାଇଥିଲା ।ଏଥି ପ୍ରତି ସଚେତନ ହେବା ସହିତ ଅନ୍ୟମାନେ ମଧ ଭ୍ରମିତ ନ ହେବା ପାଇଁ ସହଯୋଗ କରିବାକୁ ଶକ୍ତିଶ୍ରୀ ସେଲ ର ସଂଯୋଜିକା ବିଧିତନୟା ତ୍ରିପାଠୀ କହିଥିଲେ । ମଞ୍ଚରେ ବରିଷ୍ଠ ଅଧ୍ୟାପକ ଶମ୍ଭୁ ପ୍ରସାଦ ସାହୁ, ଡକ୍ଟର ଲକ୍ଷ୍ମଣ ମେହେର, ବିଜ୍ଞଶ୍ରୀ ଗୁରୁ, ଲିସାରାଣୀ କଠାର ଉପସ୍ଥିତ ରହି ନିଜ ନିଜର ମତଗୁଡ଼ିକ ରଖିଥିଲେ । ଶେଷରେ ଅଧ୍ୟାପକ ସଂଜୀବ ସାହୁ ଧନ୍ୟବାଦ ଦେଇଥିଲେ ।କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀ ଯୋଗ ଦେଇ ଶୃଙ୍ଖଳିତ ପରାମର୍ଶ ପାଇଁ କୃତଜ୍ଞତା ଜଣାଇଥିଲେ ।

# ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ଘଟଣାର ରାୟ ପ୍ରକାଶ

ଯାଜପୁର,୮।୯ :(ମନ୍ଥନ) ବହୁ ଚର୍ଚ୍ଚିତ ବିଂଝାରପୁର ଥାନା ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ଘଟଣାର ରାୟ ପ୍ରକାଶ। ୨୦୨୫ମସିହା ବିଂଝାରପୁର ଥାନା ଅଂଚଳରେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ଘଟଣାର ରାୟ ପ୍ରକାଶ ପାଇଲା । ମୁଖ୍ୟ ଅଭିଯୁକ୍ତ ବିଂଝାରପୁର ଥାନା ନାଉପାଳ ଗ୍ରାମ ଛୁଞ୍ଚିଆ ମଲ୍ଲିକଙ୍କ ପୁଅ ବିରେନ୍ଦ୍ର ମଲ୍ଲିକ ଙ୍କୁ ୧୨ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ । ୬ ଜଣ ସାକ୍ଷ ପ୍ରମାଣ ଓ ୫ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୧୨ ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ପାଇଁ ଜେଲଦଣ୍ଡ ନିର୍ଦ୍ଦେଶ ଦେଲେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ। ଏହି ମାମଲା ଟିକୁ ସରକାରୀ ଓକିଲ କୁଳମଣି ନାୟକ, ଅତିରିକ୍ତ ସରକାରୀ ଓକିଲ ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ। ଜିଲ୍ଲା ଆଭିଯୋଜନ ନିର୍ଦ୍ଦେଶାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଉପ ନିର୍ଦ୍ଦେଶିକା ଅଭିଯୋଜିକା ରଶ୍ମିତା ମହାପାତ୍ର।

# ୧୫ବର୍ଷିୟ ନାବାଳିକାକୁ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ

ଯାଜପୁର, ୮।୯ :(ମନ୍ଥନ)୨୦୨୫ମସିହା କଳିଙ୍ଗ ନଗର ଥାନା ଅଂଚଳରେ ୧୫ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଲା । ଅଭିଯୁକ୍ତ କେନ୍ଦୁଝର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୀର୍ତନ ପାଟିଆ ଗାଁର ବିଜୟ ମୁଣ୍ଡାଙ୍କ ପୁଅ ସଂଗ୍ରାମ ମୁଣ୍ଡାଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ପୋକସୋ ସ୍ପେସାଲ ଅଦାଲତ । ୨୧ଜଣ ସାକ୍ଷ ପ୍ରମାଣ ଓ ୧୩ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ପାଇଁ ଜେଲଦଣ୍ଡ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ପୋକସୋ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତର ବିଚାରପତି ଅଭିଳାଷ ସେନାପତି। ଏହି ମାମଲା ଟିକୁ ସ୍ୱତନ୍ତ୍ର ସରକାରୀ ଓକିଲ ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ। ଜିଲ୍ଲା ଆଭିଯୋଜନ ନିର୍ଦ୍ଦେଶାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଉପ ନିର୍ଦ୍ଦେଶିକା ଅଭିଯୋଜିକା ରଶ୍ମିତା ମହାପାତ୍ର। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅଭିଯୋଜନ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶିକା ପ୍ରତିମା ଓଝା, ସହକାରୀ ନିର୍ଦ୍ଦେଶକ ହିନ୍ଦୁ ହାଂସଦା ଉପସ୍ଥିତଥିଲେ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଦିଲ୍ଲୀ ଘଟଣା ପରେ ଓଡିଶାରେ କଡା ସତର୍କତା : ପ୍ରତ୍ୟେକ ଜୀବନ ମୂଲ୍ୟବାନ

ଦିଲ୍ଲୀର ମୋତି ବାଗରେ କୋଠା ଭୁଶୁଡିବା ଭଳି ଘଟଣା ସମଗ୍ର ଦେଶ ପାଇଁ ଏକ ଗୁରୁତ୍ୱର ସତର୍କ ସଙ୍କେତ । ଏଭଳି ଘଟଣା ପରେ ଓଡିଶାରେ ମଧ୍ୟ ଭବନ ସୁରକ୍ଷା, ଅଗ୍ନି ସୁରକ୍ଷା, ପୁରୁଣା ଓ ଜରାଜୀର୍ଣ୍ଣ କୋଠା, ନିର୍ମାଣଧୀନ ଅଟ୍ଟାଳିକା, ବିଦ୍ୟୁତ ବ୍ୟବସ୍ଥା ଏବଂ ଆପତକାଳୀନ ଉଦ୍ଧାର ବ୍ୟବସ୍ଥା ଉପରେ କଡା ନଜରଦାରି ଆବଶ୍ୟକ ହୋଇପଡିଛି । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସହରରେ ଦ୍ରୁତ ନଗରୀକରଣ ସହ ନୂଆ ଘର, ଆପାର୍ଟମେଂଟ, ବାଣିଜ୍ୟିକ କୋଠା, ହସ୍ପିଟାଲ, ହୋଟେଲ, ମଲ୍, ଗୋଦାମ ଓ ଅନ୍ୟାନ୍ୟ ବଡ ନିର୍ମାଣ ବଢୁଥିବା ବେଳେ ନିର୍ମାଣର ଗତି ସହ ସୁରକ୍ଷା ମାନଦଣ୍ଡ ମଧ୍ୟ ସମାନ ଭାବେ କଡା ହେବା ଦରକାର । ପୁରୁଣା ଓ ଜରାଜୀର୍ଣ୍ଣ କୋଠାଗୁଡିକର ନିୟମିତ ଗଠନାତ୍ମକ ଯାଂଚ କରାଯାଇ ଫାଟ, ଦୁର୍ବଳ ସ୍ତମ୍ଭ, ଖସୁଥିବା ପ୍ଲାଷ୍ଟର, ଦୁର୍ବଳ ଛାତ କିମ୍ବା ଅନ୍ୟ କୌଣସି ଗୁରୁତର ତ୍ରୁଟି ଥିଲେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନିଆଯିବା ଆବଶ୍ୟକ । ଯେଉଁ କୋଠା ମରାମତି ଯୋଗ୍ୟ, ସେଗୁଡିକର ଆବଶ୍ୟକ ମରାମତି କରାଯାଉ ଏବଂ ଯେଉଁ କୋଠା ମରାମତି ଯୋଗ୍ୟ, ସେଗୁଡିକର ଆବଶ୍ୟକ ମରାମତି କରାଯାଉ ଏବଂ ଯେଉଁ କୋଠା ଅତ୍ୟନ୍ତ ବିପଦପୂର୍ଣ୍ଣ, ସେଠାରେ ଲୋକଙ୍କ ଜୀବନକୁ ପ୍ରାଥମିକତା ଦେଇ ଉଚିତ ପଦକ୍ଷେପ ନିଆଯାଉ । ସେହିପରି ନିର୍ମାଣଧୀନ କୋଠାଗୁଡିକରେ ମଧ୍ୟ ସୁରକ୍ଷା ନିୟମର କଡା ପାଳନ ହେବା ଦରକାର । ଉଚ୍ଚତାରେ କାମ କରୁଥିବା ଶ୍ରମିକଙ୍କୁ ହେଲମେଟ୍, ସେଫ୍ଟି ବେଲ୍ଟ, ସୁରକ୍ଷା ଜାଲ, ହାତମୋଜା ଓ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯିବା ସହ ସ୍କାଫୋଲ୍ଡିଂ, ଲିଫ୍ଟିଂ ଯନ୍ତ୍ରପାତି ଓ ଅସ୍ଥାୟୀ ଢାଂଚାର ନିୟମିତ ଯାଂଚ କରାଯିବା ଦରକାର । କାମ ଶୀଘ୍ର ଶେଷ କରିବା କିମ୍ବା ଖର୍ଚ୍ଚ କମାଇବା ପାଇଁ ସୁରକ୍ଷାକୁ କେବେ ବି ଅଣଦେଖା କରାଯିବା ଉଚିତ ନୁହେଁ । ଭବନ ସୁରକ୍ଷା ସହ ଅଗ୍ନି ସୁରକ୍ଷା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ହସ୍ପିଟାଲ, ହୋଟେଲ, ସପିଂ ମଲ, ବଜାର, ଗୋଦାମ, କାରଖାନା, ଶିକ୍ଷାନୁଷ୍ଠାନ ଓ ଉଚ୍ଚ ଅଟ୍ଟାଳିକାରେ ଫାୟାର ଆଲାର୍ମ, ଅଗ୍ନିନିର୍ବାପକ ଯନ୍ତ୍ର, ହାଇଡ୍ରାଂଟ ଧୂଆଁ ଚିହ୍ନଟ ବ୍ୟବସ୍ଥା,ଜରୁରୀକାଳୀନ ଆଲୋକ ଓ ସୁରକ୍ଷିତ ନିର୍ଗମ ପଥ କାର୍ଯ୍ୟକ୍ଷମ ଅଛି କି ନାହିଁ, ତାହା ନିୟମିତ ଯାଂଚ କରାଯିବା ଦରକାର । କେବଳ କାଗଜପତ୍ରରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଥିବା ଦର୍ଶାଇଲେ ହେବ ନାହିଁ, ଆବଶ୍ୟକ ସମୟରେ ସେଗୁଡିକ ପ୍ରକୃତରେ କାମ କରୁଛି କି ନାହିଁ, ତାହାର ଯାଂଚ ଅତ୍ୟନ୍ତ ଜରୁରୀ । ଅନେକ ସ୍ଥାନରେ ଜରୁରୀକାଳୀନ ଦ୍ୱାର ବନ୍ଦ ରହିବା, ନିର୍ଗମ ପଥରେ ସାମଗ୍ରୀ ରଖାଯିବା କିମ୍ବା ଅଗ୍ନିନିର୍ବାପକ ଯନ୍ତ୍ରର ରକ୍ଷଣାବେକ୍ଷଣ ନହେବା ଭଳି ଅବହେଳା ଦେଖାଯାଏ, ଯାହା ଆପତ୍କାଳୀନ ସମୟରେ ବଡ ବିପଦର କାରଣ ହୋଇପାରେ । ତେଣୁ ଏପରି ଅବହେଳା ବିରୋଧରେ ପ୍ରଶାସନକୁ କଡା ପଦକ୍ଷେପ ନେବା ଦରକାର । ବିଦ୍ୟୁତ୍ ସୁରକ୍ଷା ମଧ୍ୟ ଅଗ୍ନିକାଣ୍ଡ ରୋକିବାର ଏକ ମୁଖ୍ୟ ଅଂଶ । ପୁରୁଣା ତାର, ଅତ୍ୟଧିକ ବିଦ୍ୟୁତ ଲୋଡ୍, ଅସୁରକ୍ଷିତ ତାର ଯୋଡା ଓ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ଅଗ୍ନିକାଣ୍ଡର ଆଶଙ୍କା ବଢାଇପାରେ । ତେଣୁ ପୁରୁଣା ବଜାର, ଗୋଦାମ, କାରଖାନା, ବ୍ୟବସାୟିକ ପ୍ରତିଷ୍ଠାନ ଓ ଭିଡଭାଡ ଅଂଚଳରେ ନିୟମିତ ବିଦ୍ୟୁତ୍ ସୁରକ୍ଷା ଅଡିଟ୍ କରାଯିବା ଆବଶ୍ୟକ ବଡ ହସ୍ପିଟାଲ, ସ୍କୁଲ, କଲେଜ, ମଲ୍, ସିନେମା ହଲ୍, ହୋଟେଲ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ନିୟମିତ ଅଗ୍ନି ସୁରକ୍ଷା ଅଭ୍ୟାସ କିମ୍ବା ମକ୍ ଡ୍ରିଲ୍ କରାଯିବା ଦରକାର, ଯାହା ଫଳରେ ଆପତ୍କାଳୀନ ସମୟରେ ଲୋକମାନେ ଭୟଭୀତ ନହୋଇ ସୁରକ୍ଷିତ ଭାବେ ବାହାରିପାରିବେ । ଏହା ସହିତ ଅଗ୍ନିଶମ ବାହିନୀ, ପୁଲିସ, ଆମ୍ବୁଲାନ୍ସ, ଓଡ୍ରାଫ୍ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଜରୁରୀକାଳୀନ ସମନ୍ୱୟକୁ ଆହୁରି ସୁଦୃଢ କରାଯିବା ଦରକାର । କୌଣସି ଭବନରେ ଅଗ୍ନିକାଣ୍ଡ, ଗଠନାତ୍ମକ ଦୁର୍ଘଟଣା କିମ୍ବା କୋଠା ଭୁଶୁଡିବା ଘଟଣା ଘଟିଲେ ପ୍ରଥମ କିଛି ମିନିଟ୍ ଅତ୍ୟନ୍ତ ମୂଲ୍ୟବାନ ହୋଇଥାଏ । ତେଣୁ ଦ୍ରୁତ ସୂଚନା, ଶୀଘ୍ର ଉଦ୍ଧାର ଓ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଅନେକ ଜୀବନ ବଂଚାଇପାରେ । ଏହି ସମଗ୍ର ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ସଚେତନତା ମଧ୍ୟ ଅତ୍ୟନ୍ତ ଜରୁରୀ । କୌଣସି ଭବନରେ ବଡ ଫାଟ, ଦୁର୍ବଳ ସ୍ତମ୍ଭ, ଖସୁଥିବା ଛାତ, ଅସୁରକ୍ଷିତ ବିଦ୍ୟୁତ୍ ତାର, ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଅଭାବ କିମ୍ବା ଅବରୋଧିତ ନିର୍ଗମ ପଥ ଦେଖାଗଲେ ତାହାକୁ ଅଣଦେଖା ନକରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଦରକାର । ଗୋଟିଏ ଛୋଟ ସତର୍କତା ମଧ୍ୟ ଗୋଟିଏ ବଡ ଦୁର୍ଘଟଣାକୁ ରୋକିପାରେ । ଦିଲ୍ଲୀର ମୋତି ବାଗ ଘଟଣା ଆମକୁ ଶିଖାଏ ଯେ ବିପଦ ଘଟିବା ପରେ ଉଦ୍ଧାର କାର୍ଯ୍ୟ କରିବାଠାରୁ ବିପଦକୁ ଆଗରୁ ଚିହ୍ନଟ କରି ରୋକିବା ଅଧିକ ଜରୁରୀ । ଓଡିଶାରେ ପୁରୁଣା ଓ ଜରାଜୀର୍ଣ୍ଣ କୋଠା, ନିର୍ମାଣଧୀନ ଅଟ୍ଟାଳିକା, ଅଗ୍ନି ସୁରକ୍ଷା, ବିଦ୍ୟୁତ୍ ବ୍ୟବସ୍ଥା, ବଜାର, ହସ୍ପିଟାଲ, ହୋଟେଲ, ଗୋଦାମ ଓ ଶିଳ୍ପ ପ୍ରତିଷ୍ଠାନ ଉପରେ ନିୟମିତ ଓ କଡା ନଜରଦାରି ଏବେ ସମୟର ଆବଶ୍ୟକତା । ବିକାଶ ନିଶ୍ଚିତ ଭାବେ ଦରକାର, କିନ୍ତୁ ସୁରକ୍ଷିତ ବିକାଶ ତାଠାରୁ ଅଧିକ ଜରୁରୀ । କୋଠା ପୁଣି ତିଆରି ହୋଇପାରେ, ସମ୍ପତି ପୁଣି ଅର୍ଜନ କରାଯାଇପାରେ, କିନ୍ତୁ ହରାଇଥିବା ଜୀବନ କେବେ ଫେରିଆସେ ନାହିଁ । ତେଣୁ ପ୍ରଶାସନ ସଚେତନ ହେଉ, ନିର୍ମାଣକାରୀ ଦାୟିତ୍ୱବାନ ହୁଅନ୍ତୁ, ପ୍ରତ୍ୟେକ ପ୍ରତିଷ୍ଠାନ ଅଗ୍ନି ଓ ଭବନ ସୁରକ୍ଷା ନିୟମକୁ କଡାକଡିରେ ପାଳନ କରୁ ଏବଂ ଜନସାଧାରଣ ମଧ୍ୟ ସତର୍କ ରୁହନ୍ତୁ–କାରଣ ପ୍ରତ୍ୟେକ ଜୀବନ ମୂଲ୍ୟବାନ ।

# ଚାପ-ଗ୍ରସ୍ତ ଛାତ୍ରତ୍ୱର କାରୁଣ୍ୟ !

**ଅରୁଣ କୁମାର ମହାରଣା ■**

ମାନବ ସଭ୍ୟତାର ସୁଦୀର୍ଘ ଇତିହାସରେ ଛାତ୍ର ଜୀବନକୁ ସବୁଠାରୁ ସ୍ୱର୍ଣ୍ଣିମ, ସୁକୁମାର, ଅନାବିଳ ଏବଂ ସୃଜନଶୀଳ ଅଧ୍ୟାୟ ଭାବେ ଅଭିହିତ କରାଯାଏ, ଯେଉଁଠାରେ ମାନସିକ ଚେତନାର ବିକାଶ ଘଟେ ଓ ଜ୍ଞାନର ଅମୃତ ଆଲୋକରେ ନୂତନ ସ୍ୱପ୍ନର ନବକଳେବର ସୃଷ୍ଟି ହୁଏ । ଏହା ହେଉଛି ସେହି ପବିତ୍ର ପ୍ରାତଃକାଳ ଯେଉଁଠାରେ ମାନବିକ ମୂଲ୍ୟବୋଧର ବିଜାରୋପଣ ହୁଏ, ସାମାଜିକ ଦାୟିତ୍ୱବୋଧର ଅଭ୍ୟୁଦୟ ଘଟେ, ନୈତିକ ଚରିତ୍ର ଗଠନର ଅମୂଲ୍ୟ ଭିତ୍ତିପ୍ରସ୍ତର ସ୍ଥାପିତ ହୁଏ ଏବଂ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ଉତ୍କର୍ଷତା ପ୍ରତିପାଦିତ ହୋଇଥାଏ । ଏହି ଅଧ୍ୟାୟରେ ହିଁ ମାନସିକ ଜଗତର କଳ୍ପନାଶକ୍ତି ପ୍ରସାରିତ ହୋଇ ଜଣେ ଶିକ୍ଷାର୍ଥୀକୁ ଭବିଷ୍ୟତର ଜଣେ ଯୋଗ୍ୟ ନାଗରିକ ତଥା ଦିଗଦର୍ଶକ ଭାବେ ଗଢ଼ିତୋଳିବାର ମହାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ, ଯାହା ସମଗ୍ର ସୃଷ୍ଟିକୁ ନୂତନ ଚେତନା ପ୍ରଦାନ କରେ । ମାତ୍ର ସାମ୍ପ୍ରତିକ ସମୟର ଅତି-ପତିଯୋଗିତାମୂଳକ, ଯାନ୍ତ୍ରିକ, ଜଟିଳ ତଥା କୃତ୍ରିମ ସହରୀ ଜୀବନଶୈଳୀ ମଧ୍ୟରେ ଏହି ବିକାଶର ସୁବର୍ଣ୍ଣ ଯୁଗ ଧୀରେ ଧୀରେ ଏକ ଭୟଙ୍କର ମାନସିକ ଅବସାଦ, ଦୁର୍ବାର ଅସ୍ଥିରତା, ତୀବ୍ର ହୀନମନ୍ୟତା ଓ ନିରାଶାର କରାଳ ଗର୍ଭକୁ ଠେଲି ହୋଇଯାଉଛି । ମାର୍କ ଏବଂ ଗ୍ରେଡ୍ ପଛରେ ଧାବିତ ହେବାର ଏହି ପ୍ରାଣଘାତୀ ଅନ୍ଧ ଦୌଡ଼ ଏବଂ କୃତ୍ରିମ ସଫଳତାର ସର୍ବୋଚ୍ଚ ଶୀର୍ଷ ସ୍ୱର୍ଶ କରିବା ପାଇଁ ପାରିପାର୍ଶ୍ୱିକ ଚାପ ଆଜିର କୋମଳମତି ଶିକ୍ଷାର୍ଥୀମାନଙ୍କ ମାନସିକ ସ୍ୱାଧୀନତା, ସ୍ୱାଭାବିକ କଳ୍ପନାଶକ୍ତି ଏବଂ ମାର୍ମିକ ପ୍ରଫୁଲ୍ଲତାକୁ ସମ୍ପୂର୍ଣ୍ଣ ଭାବେ ନିଷ୍ପେଷିତ କରିଦେଉଛି । ପିଲାମାନଙ୍କର ନିଷ୍ପାପ ମନ ଆଜି ଶିକ୍ଷାର ପ୍ରକୃତ ଆନନ୍ଦ ଉପଭୋଗ କରିବା ପରିବର୍ତ୍ତେ ନିରନ୍ତର ଏକ ଅଜ୍ଞାତ ଭୟ ଏବଂ ଆଶଙ୍କାର ବାତାବରଣ ମଧ୍ୟରେ ଶ୍ୱାସରୁଦ୍ଧ ହୋଇପଡୁଛି । ଯେଉଁ ବୟସରେ ମନ ମୁକ୍ତ ବିହଙ୍ଗ ଭଳି ଆକାଶରେ ଉଡ଼ିବା କଥା, ସେହି ବୟସରେ ଆଜିର ଅସହାୟ ଯୁବପିଢ଼ି ଅଦୃଶ୍ୟ ମାନସିକ ଶୃଙ୍ଖଳରେ ଆବଦ୍ଧ ହୋଇ ନିଜ ଅସ୍ତିତ୍ୱ ?ରାଇ ହନ୍ତସନ୍ତ ହେଉଛନ୍ତି, ଯାହା କେବଳ କୌଣସି ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ହୋଇ ରହିନାହିଁ, ବରଂ ଏକ ସାମାଜିକ ବ୍ୟାଧି ଭାବେ ସମଗ୍ର ରାଷ୍ଟ୍ରର ମାନସିକ ସ୍ୱାସ୍ଥ୍ୟକୁ ସଙ୍କଟାପନ୍ନ କରିଛି ।

ଏହି ବିଷାଦଗ୍ରସ୍ତ ପରିସ୍ଥିତିର ମୂଳଦୁଆ ଆଧୁନିକ ଶିକ୍ଷା ବ୍ୟବସ୍ଥାର ସେହି ପୁସ୍ତକଗତ ବୋଝ, ଦୀର୍ଘାୟିତ ପାଠ୍ୟକ୍ରମ ଏବଂ ଶୁଷ୍କ ତଥା ରୁଢ଼ ମୂଲ୍ୟାୟନ ପଦ୍ଧତି ଉପରେ ପର୍ଯ୍ୟବସିତ, ଯାହା ଶିକ୍ଷାର୍ଥୀର ଭିନ୍ନ ସୃଜନଶୀଳ ଦକ୍ଷତା ଓ ବହୁମୁଖୀ ପ୍ରତିଭାକୁ ଆଦୌ ସ୍ୱୀକୃତି ପ୍ରଦାନ ନକରି କେବଳ କାଗଜର କିଛି ସଂଖ୍ୟା ବା ନମ୍ବର ଆଧାରରେ ତାର ଯୋଗ୍ୟତା ନିରୂପଣ କରେ । ଆଜିର ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିର ମାନବିକ ଗୁଣାବଳୀ ବିକାଶ କରିବା ଏବଂ ଜୀବନର ପ୍ରକୃତ ଦର୍ଶନ ଶିଖାଇବା ପରିବର୍ତ୍ତେ ଏକ ଶିଳ୍ପସଂସ୍ଥା ଭଳି କାର୍ଯ୍ୟ କରୁଛି, ଯେଉଁଠାରେ କେବଳ ତଥ୍ୟ ଗୋଗ୍ରାସେ ଗିଳି ପରୀକ୍ଷା ଖାତାରେ ଉଦ୍‌ଗାରଣ କରିବାର କଳାକୁ ଉଚ୍ଚ ପ୍ରଶଂସା କରାଯାଏ, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଜ୍ଞାନ ଆହରଣର ପ୍ରକୃତ ମହତ୍ତ୍ୱ ଓ ସହଜ ଆନନ୍ଦ ହରାଇ ବସିଛନ୍ତି । ପରୀକ୍ଷା ବୋଲି କହିଲେ ଆଜି ଆତ୍ମ-ସମୀକ୍ଷା କିମ୍ବା ଜ୍ଞାନର ସମୃଦ୍ଧ ଆକଳନ ବୁଝାଉନାହିଁ, ବରଂ ଏକ ଭୟଙ୍କର ରକ୍ତପାତହୀନ ମାନସିକ ଯନ୍ତ୍ରଣାଶାଳା ବୁଝାଉଛି ଏବଂ ଏହି କଠୋର ବ୍ୟବସ୍ଥା ମଧ୍ୟରେ ପିଲାମାନେ ନିଜର ଜନ୍ମଗତ ସୃଜନଶୀଳତାକୁ ବଳିଦାନ ଦେଇ କେବଳ ଏକ ମେକାନିକାଲ ସୂଚନା ସଂଗ୍ରହକାରୀ ଯନ୍ତ୍ରରେ ପରିଣତ ହେଉଛନ୍ତି, ଯାହା ସେମାନଙ୍କର ପ୍ରଜ୍ଞା ବିକାଶକୁ ଅବରୁଦ୍ଧ କରୁଛି ।

ଶିକ୍ଷାର୍ଥୀଙ୍କ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାର ପ୍ରୟାସ ଏବଂ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ, ଯେଉଁଠାରେ ବର୍ତ୍ତମାନର ଶିକ୍ଷା ନୀତିରେ ବ୍ୟାପକ ପରିବର୍ତ୍ତନ ଅଣାଯାଉଛି । ସରକାରୀ ସ୍ତରରେ ଜାତୀୟ ଶିକ୍ଷା ନୀତି (NEP) ମାଧ୍ୟମରେ କେବଳ ପୁସ୍ତକଗତ ବୋଝକୁ ହ୍ରାସ କରିବା ଏବଂ ଗ୍ରେଡ୍ ବଦଳରେ ପିଲାଙ୍କ ବ୍ୟବହାରିକ ଦକ୍ଷତା (Skill Development) କୁ ମୂଲ୍ୟାୟନ କରିବାର ବ୍ୟବସ୍ଥା ଆରମ୍ଭ ହୋଇଛି । ସ୍କୁଲ ଏବଂ କଲେଜଗୁଡ଼ିକରେ ସରକାରଙ୍କ ପକ୍ଷରୁ 'ମାନସିକ ସ୍ୱାସ୍ଥ୍ୟ ସପ୍ତାହ' ଏବଂ 'ଟେଲି-ମାନସ' ଭଳି ମାଗଣା ମାନସିକ ସହାୟତା ହେଲ୍ପଲାଇନର ବ୍ୟବସ୍ଥା କରାଯାଉଛି, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ପରୀକ୍ଷା ସମୟରେ ବିନା କୌଣସି ଭୟରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରୁଛନ୍ତି । ଏହା ସହିତ ସରକାରୀ ବିଦ୍ୟାଳୟଗୁଡ଼ିକରେ କେବଳ ଗୋଟିଏ ଶ୍ରେଣୀଗୃହର ପାଠପଢ଼ା ମଧ୍ୟରେ ସୀମିତ ନରହି ଖେଳକୁଦ, ଶାରୀରିକ ଶିକ୍ଷା, ଏବଂ ନିୟମିତ ଯୋଗ ପ୍ରଶିକ୍ଷଣକୁ ପାଠ୍ୟକ୍ରମର ଅନିବାର୍ଯ୍ୟ ଅଂଶ କରାଯାଉଛି । ତଥାପି ଏହି ସରକାରୀ ଯୋଜନାଗୁଡ଼ିକୁ କେବଳ କାଗଜପତ୍ର ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର ପ୍ରତ୍ୟେକଟି ବିଦ୍ୟାଳୟ ସ୍ତରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ଏବଂ ବିଦ୍ୟାଳୟରେ ପେଶାଦାର ମାନସିକ ପରାମର୍ଶଦାତା (Counselor) ନିଯୁକ୍ତ କରିବା ସରକାରୀ ଶିକ୍ଷା ପ୍ରଣାଳୀ ପାଇଁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି ।

ଏହି ସମସ୍ୟାକୁ ଅଧିକ ଜଟିଳ, ସାଂଘାତିକ ଏବଂ ବେଗଗାମୀ କରୁଛି ଆମର ପାରିବାରିକ ମନୋଭାବ ଓ ସାମାଜିକ ସଂସ୍କୃତି, ଯେଉଁଠାରେ ଅଭିଭାବକମାନଙ୍କର ଅମାପ, ଅଯୌକ୍ତିକ, ଦୂରଭିସନ୍ଧିମୂଳକ ମାହାତ୍ୱାକାଂକ୍ଷା ଅନେକ ସମୟରେ ସୁକୁମାର ପିଲାମାନଙ୍କ ପାଇଁ ଅଭିଶାପ ପାଲଟିଯାଏ । ବାପା-ମାଆମାନେ ନିଜ ଜୀବନର ଅପୂର୍ଣ୍ଣ ସ୍ୱପ୍ନ, ହାସଲ ହୋଇପାରିନଥିବା ଆକାଂକ୍ଷା ଓ ସାମାଜିକ ଅସଫଳତାକୁ ନିଜ ସନ୍ତାନମାନଙ୍କ ଉପରେ ଜୋର ଜବରଦସ୍ତ ଲଦି ଦିଅନ୍ତି ଏବଂ ସମାଜରେ ପ୍ରତି ମୁହୂର୍ତ୍ତରେ ଚାଲିଥିବା ନିର୍ମମ ତୁଳନାତ୍ମକ ମନୋଭାବ ପିଲାଟିର ଅନ୍ତର୍ନିହିତ ଆତ୍ମବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦିଏ । ସମକକ୍ଷଙ୍କ ସହ ଏହି ଅସୁସ୍ଥ, କ୍ରୁର ପ୍ରତିଯୋଗିତା ଶିକ୍ଷାର୍ଥୀକୁ ଏକ ଅସମାପ୍ତ ମାନସିକ ଯୁଦ୍ଧକ୍ଷେତ୍ରକୁ ଠେଲିଦିଏ, ଯେଉଁଠାରେ ସାମାନ୍ୟ ପଛରେ ପଡ଼ିଯିବାର କାଳ୍ପନିକ ଭୟ ତାକୁ ପ୍ରତି ମୁହୂର୍ତ୍ତରେ ଦଂଶନ କରିଥାଏ । ଆଧୁନିକ ଟେକ୍ନୋଲୋଜି, ସ୍ମାର୍ଟଫୋନ୍ ?ର ସମ୍ପ ?ହନ ଓ ସାଇବର ଦୁନିଆର ଅନିୟନ୍ତ୍ରିତ ପ୍ରଭାବ ଏହି ଅଗ୍ନିରେ ଘୃତ ଆହୁତି ସଦୃଶ କାର୍ଯ୍ୟ କରି ପିଲାମାନଙ୍କୁ ପ୍ରକୃତିର ଶାନ୍ତ ସ୍ୱର୍ଶ, ପାରମ୍ପରିକ ଖେଳକୁଦ ଓ ବାସ୍ତବ ସାମାଜିକ ସମ୍ପର୍କ ଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିଦେଉଛି, ଯାହା ସେମାନଙ୍କୁ ନିଜ ପରିବାର ଏବଂ ନିଜ ଆତ୍ମୀୟମାନଙ୍କ ଠାରୁ ଦୂରେଇ ନେଇ ଏକ ଗଭୀର ନିଃସଙ୍ଗ ଗହ୍ୱର ଓ ଛଦ୍ମ ଦୁନିଆ ଆଡ଼କୁ ଆକର୍ଷିତ କରୁଛି ।

ଏହି ଦୁର୍ବାର, ଦୀର୍ଘସ୍ଥାୟୀ ତଥା ଅଦୃଶ୍ୟ ମାନସିକ ଚାପର ଭୟାବହ ପରିଣାମ ସ୍ୱରୂପ ଆଜିର ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ସାଂଘାତିକ ବିପର୍ଯ୍ୟୟ ଓ ଅବକ୍ଷୟ ଦେଖାଯାଉଛି, ଯାହା ସେମାନଙ୍କ ବ୍ୟବହାରରେ ତୀବ୍ର ମାନସିକ ଅସ୍ଥିରତା, ଅହେତୁକ ଚିଡ଼ିଚିଡ଼ି ଭାବ, ସାମାନ୍ୟ କଥାରେ କ୍ରୋଧ, ମାନସିକ ବିକ୍ଷିପ୍ତତା ଏବଂ ଧୈର୍ଯ୍ୟହୀନତା ଆକାରରେ ପ୍ରକାଶ ପାଉଛି । ଏହା ସହିତ ଭୟାବହ ଅନିଦ୍ରା, ଦୀର୍ଘକାଳୀନ ମୁଣ୍ଡବିନ୍ଧା, ଭୋକ ନହେବା, ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଏବଂ କ୍ରମାଗତ କ୍ଳାନ୍ତି ଓ ଅବସାଦ ଭଳି ଶାରୀରିକ ବ୍ୟାଧି ସେମାନଙ୍କ ତେଜସ୍କ୍ରିୟତାକୁ କ୍ଷୀଣ କରିଦେଉଛି ଏବଂ ଯେତେବେଳେ ଏହି ଅସହ୍ୟ ମାନସିକ ବୋଝ ସହ୍ୟ ସୀମାର ସର୍ବୋଚ୍ଚ ସୀମା ପାର୍ ହୋଇଯାଏ, ସେତେବେଳେ ପିଲାମାନେ ଜୀବନ ପ୍ରତି ବିତୃଷ୍ଣା ଭାବ ପୋଷଣ କରି ଚରମ ନିରାଶାର ବଶବର୍ତ୍ତୀ ହୋଇ ଅତ୍ୟନ୍ତ ଦୁଃଖଦାୟକ ଓ ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପଛାନ୍ତି ନାହିଁ, ଯାହା ଯେକୌଣସି ପ୍ରଗତିଶୀଳ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଏବଂ ଚିନ୍ତାଜନକ ବିଷୟ ଅଟେ ।

ଏଭଳି ଜଟିଳ ମାନସିକ ସଙ୍କଟଜନକ ପରିସ୍ଥିତିରୁ ଆମର ଆଗାମୀ ଭବିଷ୍ୟତ ପିଢ଼ିକୁ ମୁକ୍ତ କରିବା ପାଇଁ ସର୍ବପ୍ରଥମେ ଅଭିଭାବକମାନଙ୍କୁ ନିଜର ସଂକୀର୍ଣ୍ଣ ପାରମ୍ପରିକ ମାନସିକତା ବଦଳାଇବାକୁ ହେବ ଏବଂ ପିଲାଙ୍କ ସହ ସ୍ନେହପୂର୍ଣ୍ଣ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ବାରମ୍ବାର ଏହା ବିଶ୍ୱାସ ଦେବାକୁ ହେବ ଯେ ଜୀବନର ଯାତ୍ରାରେ ପରୀକ୍ଷାର ମାର୍କ ଅପେକ୍ଷା ସେମାନଙ୍କର ଅସ୍ତିତ୍ୱ, ସ୍ୱାସ୍ଥ୍ୟ ଏବଂ ଆନ୍ତରିକ ଖୁସି ଅତି ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ମଧ୍ୟ କେବଳ ଯାନ୍ତ୍ରିକ ଢଙ୍ଗରେ ପାଠ୍ୟକ୍ରମ ସମାପ୍ତ କରିବା ଓ ପରୀକ୍ଷା ଶେଷ କରିବା ମାନସିକତାରୁ ଉର୍ଦ୍ଧ୍ୱକୁ ଉଠି ପାଠ୍ୟକ୍ରମ ସହିତ ଖେଳକୁଦ, ସୃଜନଶୀଳ କଳା, ସଙ୍ଗୀତ, ସାହିତ୍ୟ ଚର୍ଚ୍ଚା ଏବଂ ପେଶାଦାର ମନସ୍ତାତ୍ତ୍ୱିକ କାଉନସେଲିଂ ବ୍ୟବସ୍ଥାକୁ ବିଦ୍ୟାଳୟ ପରିସର ମଧ୍ୟରେ ଅନିବାର୍ଯ୍ୟ କରିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ନିଜେ ମଧ୍ୟ ନିଜର ଦୈନନ୍ଦିନ ଜୀବନଶୈଳୀରେ ସନ୍ତୁଳନ ରକ୍ଷା କରି ପ୍ରତିଦିନ ସଠିକ୍ ସମୟରେ ଶୋଇବା, ପ୍ରକୃତି ସହ ସମୟ ବିତାଇବା, ପୁଷ୍ଟିକର ପ୍ରାକୃତିକ ଖାଦ୍ୟ ଗ୍ରହଣ କରିବା ଏବଂ ମନ ଓ ଶରୀରକୁ ପ୍ରଶାନ୍ତ ଓ ସ୍ଥିର ରଖିବା ପାଇଁ ପ୍ରତିଦିନ କିଛି ସମୟ ଶାରୀରିକ ବ୍ୟାୟାମ କିମ୍ବା ଯୋଗ ଓ ଗଭୀର ପ୍ରାଣାୟାମ କରିବା ଅତ୍ୟନ୍ତ ଆବଶ୍ୟକ ।

ସର୍ବୋପରି, ଆଜିର ଯୁବପିଢ଼ି ହିଁ ଆମ ରାଷ୍ଟ୍ରର ପ୍ରକୃତ ସମ୍ପଦ, ଅଖଣ୍ଡ ମେରୁଦଣ୍ଡ, ସମୃଦ୍ଧିର ପ୍ରତୀକ ଏବଂ ଆଗାମୀ କାଲିର ବିଶ୍ୱ ନେତୃତ୍ୱ ହୋଇଥିବାରୁ, ଯଦି ଦେଶର ଏହି ଅମୂଲ୍ୟ ଭବିଷ୍ୟତ ହିଁ ମାନସିକ ଭୟ, ପ୍ରତିଯୋଗିତାର ଚିନ୍ତା ଓ ଅବସାଦର ଘନ କଳା କୁହୁଡ଼ି ଭିତରେ ନିଜ ସ୍ୱପ୍ନ ହରାଇ ବସିବ, ତେବେ ଏକ ସୁସ୍ଥ, ସଶକ୍ତ, ଝାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ମାନବ ସମାଜର କଳ୍ପନା କରିବା ସମ୍ପୂର୍ଣ୍ଣ ବୃଥା ଓ ନିରର୍ଥକ ଅଟେ । ମାର୍କର ଅନ୍ଧ ଦୌଡ଼ରେ ସେମାନଙ୍କ ସୁନ୍ଦର, କୋମଳ ଓ ସ୍ପନ୍ଦିତ ଜୀବନକୁ ଏକ ରୋବୋଟିକ୍ ପ୍ରତିଯୋଗିତାର କଂସେଇଖାନାରେ ପରିଣତ ନକରି, ସେମାନଙ୍କୁ ଏକ ସ୍ୱାଧୀନ, ଭୟମୁକ୍ତ, ଆନନ୍ଦଦାୟକ ଏବଂ ପ୍ରେ ?ଣାଦାୟୀ ଚାପମୁକ୍ତ ଶିକ୍ଷା ପରିବେଶ ପ୍ରଦାନ କରିବା ଆମ ସମସ୍ତଙ୍କର ସାମୂହିକ ସାମାଜିକ ଦାୟିତ୍ୱ ତଥା ପରମ କର୍ତ୍ତବ୍ୟ, ଯେପରି ପ୍ରତ୍ୟେକ ଶିକ୍ଷାର୍ଥୀର ଜୀବନ କେବଳ ପାଠ୍ୟପୁସ୍ତକର ଶବ୍ଦରେ ନୁହେଁ ବରଂ ପ୍ରକୃତ ଜ୍ଞାନର ଆଲୋକରେ ଉଦ୍ଭାସିତ ହେବ ଏବଂ ମାନସିକ ଚାପର କଳାବାଦଲରୁ ସଦା ସର୍ବଦା ମୁକ୍ତ ରହି ବିଶ୍ୱ ଦରବାରରେ ଜୟଯାତ୍ରା କରିପାରିବ ।


ଶିକ୍ଷକ ମୁକ୍ତେଶ୍ୱର ପଂଚାୟତ ରାଜ ଉଚ୍ଚବିଦ୍ୟାଳୟ.
ଜଗତସିଂହପୁର ।


ଆରକ୍ଷଣ - ୩

# ଶିକ୍ଷା ଓ ଆର୍ଥିକ ସ୍ଥିତି ସହିତ ସାମାଜିକ ବୈଷମ୍ୟତାର ସଂପର୍କ

**ପଙ୍କଜ କୁମାର ପାଣିଗ୍ରାହୀ**

ଗଭୀର ଶିକ୍ଷା ଓ ଅସୀମ ଆର୍ଥିକ ସମ୍ଭାର ମଧ୍ୟରେ ରହିଥିବା ଜଣେ ଆଦିବାସୀ ପରିବାର ସହିତ– କୌଣସି ଦଳିତ ପରିବାର, ପାରିବାରିକ ସଂପର୍କ ସ୍ଥାପନ କରିବା ପାଇଁ ସ୍ୱଇଚ୍ଛାରେ ଗ୍ରହଣ କରିପାରିବେ କି ? ସେମିତି ଦଳିତ ପରିବାର ସହିତ ଅନ୍ୟାନ୍ୟ ପଛୁଆ ବର୍ଗର ପାରିବାରିକ ସମ୍ବନ୍ଧ ସମ୍ଭବ ହେବ କି ? ଏହା ଅନୁସନ୍ଧାନ ସାପେକ୍ଷ ! ଆମ ଅନୁମାନରେ ଏହା ଆଦୌ ସମ୍ଭବ ନୁହେଁ ! ୮୦ ବର୍ଷର ଆରକ୍ଷଣ ପାଇବା ପରେ ଏକବିଂଶ ଶତାବ୍ଦୀରେ ଯଦି ସେମାନଙ୍କ ମଧ୍ୟରେ ମାନସିକତାରେ କୌଣସି ପରିବର୍ତନ ହେଉନାହିଁ ତାହେଲେ ସବର୍ଣ୍ଣ ସହିତ ସେମାନଙ୍କ ପାରିବାରିକ ସଂପର୍କ ଯୋଡିବା ବିଷୟ ଭାବନା ବହିର୍ଭୁତ ରହିବା କଥା !

ଠିକ ସେହିଭଳି ପଛୁଆ ବର୍ଗର ସବୁ ଗୋଷ୍ଠୀ ମଧ୍ୟରେ ପାରିବାରିକ ସଂପର୍କ ସ୍ଥାପନ ହେଉନଥିବା ମଧ୍ୟ କୌଣସି ଅଲୌକିକ ଆଶ୍ଚର୍ଯ୍ୟ ବିଷୟ ନୁହେଁ ଯାହା ଆମେ ସମସ୍ତେ ଦେଖୁଛେ, ଜାଣିଛେ ! ଭିନ୍ନ ସ୍ୱରର ମତଦାତାଙ୍କୁ ଏହା ପଚାରିବା ଆବଶ୍ୟକ ଯେ ସେମାନେ ଏହା ସମ୍ଭବ କରି ଦେଖାଇ ପାରିବେ କି ? ଏହା ପଛର ରହସ୍ୟ– କେବଳ ଭିନ୍ନ ଭିନ୍ନ ଗୋଷ୍ଠିଗତ ସାମାଜିକ / ପାରିବାରିକ ସଂସ୍କାର ଜନିତ ସ୍ୱାଭିମାନ କାରଣରୁ । ଏଠାରେ ସଦ୍ୟ ପ୍ରମାଣିତ ହୁଏ ଯେ କେତେ ଶିକ୍ଷାଗତ ଯୋଗ୍ୟତା ହେଉ କି ଆର୍ଥିକ ସ୍ୱଚ୍ଛଳାବସ୍ଥା ରହିଥିଲେ ମଧ୍ୟ ସମଭାବାପନ୍ନ ବୈଚାରିକ ସଂସ୍କାରର ତାଳମେଳ ନହେବା ପର୍ଯ୍ୟନ୍ତ ଗୋଷ୍ଠିଗତ ବୈଷମ୍ୟତା ଦୂର ହେବନାହିଁ । ଏହି ପରୀକ୍ଷା ଆସନ୍ତା ୫୦୦୦ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିଲେ ମଧ୍ୟ ମାନସିକ ସ୍ତରରେ ପରିବର୍ତନ କରିବା ସମ୍ଭବ ହେବନାହିଁ ଯାହା ଏକ ପ୍ରାକୃତିକ ମନସ୍ତତ୍ତ୍ୱ ।

ତେଣୁ ଶିକ୍ଷା ଓ ସଂସାଧନ; ସାମାଜିକ ବୈଷମ୍ୟତାର କାରଣ ନୁହେଁ ବୋଲି ସମସ୍ତେ ବୁଝିବାକୁ ହେବ । ଭାରତରେ ସାମାଜିକ ବୈଷମ୍ୟତାର ଏକମାତ୍ର କାରଣ ହେଉଛି ଗୋଷ୍ଠିଗତ ବୈଚାରିକ ସଂସ୍କାର ଯାହା ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ରତାର ପରିଚୟ ଦିଏ । ଏମିତି କି ତଥା କଥିତ ସବର୍ଣ୍ଣଙ୍କ ମଧ୍ୟରେ ଅନେକ ଗୋଷ୍ଠିଗତ ବୈଷମ୍ୟତା ରହିଛି ଯାହା ସେମାନଙ୍କ ମଧ୍ୟରେ ମଧ୍ୟ ପାରିବାରିକ ସଂପର୍କକୁ ଅସ୍ୱୀକାର କରିଥାଏ ! ଅର୍ଥାତ ଏଠାରେ ପଛୁଆ-ସବର୍ଣ୍ଣ ମଧ୍ୟରେ କେବଳ ଗୋଷ୍ଠିଗତ ବିଭେଦ ରହିଥିବା ନୁହେଁ; ବରଂ ପ୍ରତ୍ୟେକ ସ୍ୱତନ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଅନେକ ବିଭେଦତା ଦେଖିବାକୁ ମିଳେ ଯାହା ସବୁ ସମାପ୍ତ ହେବାପାଇଁ ହୁଏତ କେତେଯେ ବର୍ଷ ଲାଗିବ – କିମ୍ବା ହେବ କି ନାହିଁ ମଧ୍ୟ ଆକଳନ କରିବା ସମ୍ଭବ ନୁହେଁ !

ଉପସ୍ଥିତ ସମୟର ସାମାଜିକ ଆବଶ୍ୟକତା :

ସାମାଜିକ ମାନ୍ୟତା ଓ ଗ୍ରହଣୀୟତା କ୍ଷେତ୍ରରେ ଶିକ୍ଷା କିମ୍ବା ଆର୍ଥିକ ସମୃଦ୍ଧି ଆଦୌ ସହଯୋଗ କରିବ ନାହିଁ; ଯେପର୍ଯ୍ୟନ୍ତ ମଣିଷର ବୌଦ୍ଧିକ ଚେତନା ଜାଗ୍ରତ ହୋଇନାହିଁ । ଅତଏବ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଯଦି ପଛୁଆ ବର୍ଗଙ୍କୁ କେବଳ ଶିକ୍ଷା ଏବଂ ତା ମାଧ୍ୟମରେ ରୋଜଗାର ଦେବା ଲକ୍ଷ ରଖିଥାଏ ଏବଂ ସାମାଜିକ ଅସମାନତା ଉପରେ କୌଣସି ଆବଶ୍ୟକତା ନଥାଏ ତାହେଲେ ଏହା ରହିବା କୌଣସି ଅଯୌକ୍ତିକ ନୁହେଁ । ଏହିଭଳି ବ୍ୟବସ୍ଥା ମାଧ୍ୟମରେ ୫୦୦୦ ବର୍ଷ ଅପେକ୍ଷା କଲେ ମଧ୍ୟ ସେମାନଙ୍କ ସାମାଜିକ ଭେଦଭାବ ଜନିତ ଅଗ୍ରହଣୀୟତା ସମାପ୍ତ ହେବା ସମ୍ଭାବନା ଦିଶୁନାହିଁ । କାରଣ ପୂର୍ବରୁ ଆମେ ଅନୁଶୀଳନ କରିଛେ ଯେ ସାମାଜିକ ଭେଦଭାବ / ମାନ୍ୟତା; ଶିକ୍ଷା ଆଉ ରୋଜଗାର ନୁହେଁ ବରଂ ବୌଦ୍ଧିକ ଚେତନାରେ ସଂସ୍କାର ଜନିତ ହେଉଥିବା ପରିଦୃଷ୍ଟିତ ।

ବର୍ତମାନ କଥା ଆସିଲା ଯେ ଆମେ ସେମାନଙ୍କ ସାମାଜିକ ଭେଦଭାବ ସମାପ୍ତ କରି / ମାନ୍ୟତା ବିକାଶ କରିବା ଲକ୍ଷ ରଖି କାର୍ଯ୍ୟ କରିବା ବିଧେୟ କି ନୁହେଁ । ପୂର୍ବରୁ ଯେଉଁମାନେ ଉପସ୍ଥିତ ବ୍ୟବସ୍ଥା ଉପରେ ଦୃଷ୍ଟିପାତ କରିଥିଲେ ସେମାନଙ୍କ ଏହି ବିଚାର ରହିଥିଲା କି ନାହିଁ ? କେବଳ ଶିକ୍ଷା ଏବଂ ରୋଜଗାର ଦେଇ ସମାଜରେ ଅସମାନତା / ଭେଦଭାବ ରହିବା ଦ୍ୱାରା ରାଷ୍ଟ୍ରୀୟ ବିକାଶରେ ଏକତା ସୃଷ୍ଟି ହେବା ସମ୍ଭାବନାକୁ ସେମାନେ କିପରି ଦେଖିଥିଲେ ? ନା ସବୁ ଜାଣିଶୁଣି କୌଣସି ସ୍ୱାର୍ଥ ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା ଲାଗୁ କରିଥିଲେ ? ଅଥବା ବୌଦ୍ଧିକ ସଂସ୍କାର ଜାଗ୍ରତ କରି ପଛୁଆ ବର୍ଗଙ୍କ ଉତ୍ଥାନ କରିବା ମାର୍ଗ ଦିଶୁନଥିଲା ସେମାନଙ୍କୁ ? କିମ୍ବା ଅନ୍ୟ କୌଣସି ସାମାଜିକ ପ୍ରତିବନ୍ଧକ ରହିଥିଲା ତା ଉପରେ ଆଲୋଚନା କରିବା ପାଇଁ ? ନା ଏହା ଏକ ରାଜନୈତିକ ସ୍ୱାର୍ଥାନ୍ଧ ବ୍ୟବସାୟର ପରିପନ୍ଥୀ ସାଜିଲା ? ଏହା ରାଷ୍ଟ୍ରୀୟ ବିକାଶ ମାଗଦର୍ଶୀ ନା ଏକ ସ୍ୱତନ୍ତ୍ର ଗୋଷ୍ଠିଗତ ସ୍ୱାର୍ଥ ପାଇଁ ଆଧାରିତ ? ଏମିତି ଅସଂଖ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ଏହି ଆରକ୍ଷଣ ବ୍ୟବସ୍ଥା ପ୍ରକୃତରେ ସର୍ବସାଧାରଣଙ୍କ ଓ ରାଷ୍ଟ୍ରୀୟ ବିକାଶର ବାର୍ତ୍ତାବହ ନା ସେମାନଙ୍କ ଅବନତିର ପନ୍ଥା ?

ଏସବୁର ଉତ୍ତର ନପାଇବା ପର୍ଯ୍ୟନ୍ତ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଉପରେ ଆଲୋଚନା କରିବା ସଂପୂର୍ଣ୍ଣ ବ୍ୟର୍ଥ ହୋଇପାରେ ବୋଲି ଆମ ବିଚାର । ବୌଦ୍ଧିକ ବିକାଶର ମାଧ୍ୟମ କଣ ଏବଂ ତହିଁରୁ ପଛୁଆ ବର୍ଗ କେମିତି ଓ କାହିଁକି ବିରତ ରହିଛନ୍ତି– ଅଧିକନ୍ତୁ କଣ କରାଗଲେ ସେମାନେ ସମାନ୍ତରାଳ ହୋଇପାରିବେ ? ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ତାପାଇଁ କେତେଦୂର ଉପଯୁକ୍ତ; ନା ଅନ୍ୟ କୌଣସି ଉପାୟରେ ତାହା ସମ୍ଭବ ବିଚାର କରାଯିବା ଆବଶ୍ୟକ ।

ଗୋଷ୍ଠିଗତ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର :

ଆମ ଦେଶର ସାମ୍ବିଧାନିକ ମାଧୁର୍ଯ୍ୟତା କାରଣରୁ ପ୍ରାରମ୍ଭରୁ ଏପର୍ଯ୍ୟନ୍ତ କେତେଯେ ମହାନ ବ୍ୟକ୍ତିତ୍ୱ ଅଦ୍ୟାବଧି ଆଶାତୀତ ପ୍ରଗତିର ପ୍ରଳୟ ସୃଷ୍ଟି କରି ଆସୁଛନ୍ତି – ତା ଉପରେ କୌଣସି ମନ୍ତବ୍ୟ ଦେବା ଆବଶ୍ୟକ ନାହିଁ ବରଂ ସମସ୍ତେ ଭୁକ୍ତଭୋଗୀ ! ଉପର ଚର୍ଚ୍ଚିତ ବିଷୟ ଗୁଡିକୁ ସାମାନ୍ୟ ନିରବ ଅନୁଧ୍ୟାନ କରି ବିଶ୍ଲେଷଣ କଲେ ବୁଝି ହେଉଛି ଯେ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥାର ରୂପରେଖ କେବଳ ଏକ ପ୍ରୟୋଗାତ୍ମକ ନମୁନା ଭାବେ ଯୋଜନା ପ୍ରସ୍ତାବିତ କରାଯାଇ ଥିଲା । ତାପରେ ତା'ର ଫଳାଫଳକୁ ସୂକ୍ଷ୍ମଭାବେ ଯାଞ୍ଚ କରି ଆଗକୁ ବଢିବା ଲକ୍ଷ ରଖାଯାଇଥିଲା ।

ସମୟର ଧାରାରେ ପ୍ରୟୋଗକାରୀ ତ ସଂସାର ପରିତ୍ୟାଗ କଲେ– ହେଲେ ଯୋଜନାର ସମୟ ଅବଧି ଅନ୍ତେ ତାହାର ଫଳାଫଳ ଉପରେ କୌଣସି ବିଶ୍ଲେଷଣାତ୍ମକ ଯାଞ୍ଚ ନକରି; ଆଗନ୍ତୁକ ଏହି କାର୍ଯ୍ୟର ବିନିଯୋଗ ହୁଏତ ଦଳୀୟ ସ୍ୱାର୍ଥକୁ ଆଧାର କରି ତା'ର ସମୟ ସୀମା ବୃଦ୍ଧି କରିବାରେ ଲାଗିଲେ ! ବର୍ତମାନ ସୁଦ୍ଧା ଏହି ଯୋଜନାର ଶେଷ ସଫଳତା ଉପରେ କୌଣସି ଶ୍ୱେତପତ୍ର ଜାରି କରାଯାଇ ନାହିଁ ! ଏହା ସାମାଜିକ ଅବଶ୍ୟକତାର ମୂଳ ଆଧାରକୁ ସଂପୂର୍ଣ୍ଣ କରୁଛି କି ନାହିଁ ତାର ବିଶ୍ଲେଷଣାତ୍ମକ ଆଲୋଚନା ହୋଇନାହିଁ ! ପୁନର୍ବାର –ସମୟ ଅବଧି ସହିତ ଅନେକ ଆଇନ କାନୁନ ଯୋଡି ଯୋଜନାର ଭିତ୍ତି ଭୂମିକୁ ସୁଦୃଢ଼ କରାଯିବାରେ କାହାର ସ୍ୱାର୍ଥ ସାଧନ ହେଉଛି ଦେଖିବା ଜରୁରୀ ?!

ଏହାଦ୍ୱାରା ସମାଜରେ ଜାତିଗତ / ଗୋଷ୍ଠିଗତ ବୈଷମ୍ୟତା ଦୂର ହେଉଛି / ହେବ କି ? ସଂପୂର୍ଣ୍ଣ ଅସମ୍ଭବ ଆମେ ଯାହାର ବିଶ୍ଲେଷଣାତ୍ମକ ଅନୁଶୀଳନ କରି ଦେଖିଛେ ପୂର୍ବରୁ ! ଏହାଦ୍ୱାରା ସମଗ୍ର ପଛୁଆ ବର୍ଗ ସମୂହଙ୍କ ସାମାଜିକ / ଆର୍ଥିକ / ବୌଦ୍ଧିକ ବିକାଶ ହୋଇଛି / ହେଉଛି କି ? ଏହାଦ୍ୱାରା ରାଷ୍ଟ୍ରୀୟ ବିକାଶରେ ସହଯୋଗ ମିଳିଛି / ମିଳୁଛି କି ? ପରୀକ୍ଷା କରି ଦେଖାଯିବା ଆବଶ୍ୟକ । ଯଦି ଏସବୁ ପ୍ରଶ୍ନର ଉତ୍ତରରେ ଯୁକ୍ତାତ୍ମକ / ଯୌକ୍ତିକ ଉତ୍ତର ମିଳିବ ତାହେଲେ ଏହି ଯୋଜନାକୁ ବଳବତ୍ତର ରଖାଯିବା ବିଧେୟ । ଯଦି ନାହିଁ ତାହେଲେ ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ବିକାଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଏହାର ସଂଶୋଧନାତ୍ମକ ପରିବର୍ତନ କରାଯିବା ଏକାନ୍ତ ଆବଶ୍ୟକ ।

ସିଦ୍ଧାନ୍ତ:

ରାଜନୈତିକ ସ୍ୱାର୍ଥ ଦୃଷ୍ଟିକୋଣରେ ରଖି ଏହି ଯୋଜନା ଉପରେ ଦିଆଯାଉଥିବା କାହାର କୌଣସି ପ୍ରକାର ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ । ଏହି ସବୁ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର ନକରି ଦେଶର ସାମ୍ବିଧାନିକ ଆଇନ ମାଧ୍ୟମରେ ସଂଶୋଧନ କରାଯିବା ଆବଶ୍ୟକ । ଏଥିରେ ସବୁ ବର୍ଣ୍ଣର ଲୋକଙ୍କୁ ଆହ୍ୱାନ କରି ସଂଶ୍ଳିଷ୍ଟ କରାଯିବା ଆବଶ୍ୟକ । ଏହା କୌଣସି ଗୋଟିଏ କିମ୍ବା କେତେକ ଗୋଷ୍ଠୀଙ୍କୁ ପ୍ରଭାବିତ ନକରି ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରୁଥିବା ବିଶେଷ ବିଶ୍ଲେଷଣାତ୍ମକ ମନ୍ତବ୍ୟ ପ୍ରଦାନ କରାଯିବା ଗୁରୁତ୍ୱପୂର୍ଣ୍ଣ । ରାଜନୈତିକ ସ୍ୱାର୍ଥାନ୍ଧ ସାଧାରଣ ନିର୍ବୋଧଙ୍କୁ ଅଯୌକ୍ତିକ / ବିପରୀତମୁଖୀ ଚେତନା ପ୍ରଦାନ ପୂର୍ବକ ମାନସିକ ଅସନ୍ତୁଳନ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି ! ସାଧାରଣ ନିର୍ବୋଧ ସେମାନଙ୍କ ସ୍ୱାର୍ଥାନ୍ଧ ମୁଖା ଆଢୁଆଳର ଅସଲ ଚେହେରା ଦେଖିବାରେ ଅସମର୍ଥ ରହି ; ସେମାନଙ୍କ ଷଡ଼ଯାନ୍ତ୍ରୀକ ଭାଷଣରେ ଉତକ୍ଷିପ୍ତ ହେଉଥିବା ଦେଖିବାକୁ ମିଳୁଛି ! ସମଗ୍ର ଦେଶବାସୀଙ୍କ ସ୍ୱାର୍ଥରେ ଗୋଷ୍ଠିଗତ ସ୍ୱାର୍ଥ ଜନିତ ଲାଭାଂଶ ଅଧିଗ୍ରହଣ କରାଯାଉଥିବା ବିଷୟର ପର୍ଦାଫାଶ କରାଯିବା ଅତ୍ୟନ୍ତ ଜରୁରୀ ।

ଏଠାରେ ଏକ ସାମାନ୍ୟ ଉଦାହରଣ ନେଇ ବୁଝିବାକୁ ହେବ ଯେ ଯଦି ଆରକ୍ଷଣ ମାଧ୍ୟମରେ ନିମ୍ନ ସ୍ତରର ଜଣେ ଛାତ୍ରକୁ କୌଣସି ସାର୍ବଜନୀନ କ୍ଷେତ୍ରରେ ନିଯୋଜିତ କରାଯିବ-- ତାହେଲେ ସେହି ବ୍ୟକ୍ତିର ବ୍ୟକ୍ତିଗତ ପାରିବାରିକ ସମସ୍ୟା ଦୂର ହୋଇଯାଇ ପାରେ ! କିନ୍ତୁ ତାର କାର୍ଯ୍ୟକ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ଦ୍ୱାରା; ତା ନିଜ ପରିବାର, ସଂପ୍ରଦାୟ ସହିତ ସର୍ବସାଧାରଣଙ୍କ କ୍ଷତି ହେବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ବାଧକ ହେବ ଯାହା ହୁଏତ ଆମ ଦେଶକୁ ପଶ୍ଚାତ୍ପଦ କରିବ ! ତେଣୁ ସାର୍ବଜନୀନ କ୍ଷେତ୍ରରେ ଉପଯୁକ୍ତ କ୍ଷମତା ଆଧାରରେ ନିଯୋଜନ ବ୍ୟବସ୍ଥା ଗୋଟିଏ ରାଷ୍ଟ୍ର ଗଠନର ମୂଳଦୁଆ ହୋଇଥାଏ । ଆରକ୍ଷିତ ଆସନ ତାର ବିପରୀତରେ କାର୍ଯ୍ୟ କରିଥାଏ ଯାହା ସର୍ବସାଧାରଣଙ୍କ କ୍ଷତିର କାରଣ ହେବା ସହିତ ରାଷ୍ଟ୍ରୀୟ ବିକାଶକୁ ବାଧିତ କରିଥାଏ । ସେମିତି ହେଉଛି ମଧ୍ୟ ଯାହା ସବୁ ଆମେ ସମସ୍ତେ ଦେଖି ଆସୁଅଛେ ।

ପରାମର୍ଶ :

ସୁଚିନ୍ତିତ ମାନବିକ ?ଚାର ମଧ୍ୟରେ ଉପରୋକ୍ତ ସମସ୍ତ ବିଷୟ ଗୁଡିକୁ ଅନୁଧ୍ୟାନ କରି ଦେଖିଲେ ଜାଣି ହେଉଛି ଯେ; ଆରମ୍ଭରୁ ଅଦ୍ୟାବଧି– ରାଷ୍ଟ୍ରୀୟ ନାଗରିକ ସମୂହଙ୍କୁ ଏକାକାର ନକରି ବିଭାଜିତ କରାଯାଇ ଆସୁଅଛି । ଏହା କୌଣସି ଗୋଷ୍ଠୀ / ସମୂହ ଦ୍ୱାରା ହେଉ, କିମ୍ବା ରାଜନୈତକ ଦଳୀୟ ସ୍ୱାର୍ଥ କାରଣରୁ– କୌଣସିମତେ ଗ୍ରହଣୀୟ ନୁହେଁ । ଆଜି ଏକବିଂଶ ଶତାବ୍ଦୀରେ ପୃଥିବୀର ସର୍ବ ପ୍ରଥମ ସଭ୍ୟତାର ଧ୍ୱଂସାଭିମୂଖୀ ପରିସ୍ଥିତିକୁ ଗ୍ରହଣ କରାଯିବା ଆଦୌ ସ୍ପୃହଣୀୟ ନୁହେଁ ! ଏକ ସାମାନ୍ୟ ଗୋଷ୍ଠୀ ଦେଶର ସମଗ୍ର ସଂସାଧନକୁ ବ୍ୟବହାର / ଉପଭୋଗ କରୁଥିବା ବେଳେ ପ୍ରାୟତଃ ୮୦ ପ୍ରତିଶତ ଲୋକ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶା ଜନିତ ଅଭାବନୀୟ ପରିସ୍ଥିତିରେ ବଂଚୁଥିବା ସମସ୍ତେ ଜାଣୁଛନ୍ତି । ତେଣୁ ଆର୍ଥିକ ଅନଗ୍ରସର ପରିସ୍ଥିତିରେ ବଞ୍ଚୁଥିବା ସବୁ ଲୋକଙ୍କୁ ଶ୍ରେଣୀଭୁକ୍ତ କରି ଅତ୍ୟାବଶ୍ୟକ ପରିସ୍ଥିତରେ ରହିଥିବା ମଣିଷଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ରୋଜଗାର ଦିଗରେ ବ୍ୟାପକ ସହଯୋଗ କରି ସମାନ୍ତରାଳ ପରିବେଶ ସୃଷ୍ଟି କରିବା ଏକ ରାଷ୍ଟ୍ରୀୟ ଲକ୍ଷ ହେବା ଅତ୍ୟନ୍ତ ଜରୁରୀ । ସର୍ବସାଧାରଣ ଏହି କାର୍ଯ୍ୟରେ ନିଜକୁ ସଂଯୋଜିତ କରି ସହଯୋଗ କରିବା ଆଜିର ଆହ୍ୱାନ ।


ୟୁଟ୍ୟୁବ୍ - ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗଞ୍ଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



# ଆଉ ଥରେ ଘୁଞ୍ଚିଲା ଦାରା ସିଂଙ୍କ ମୁକ୍ତି ଶୁଣାଣି
# ପୁଣି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୮ ।୯ (ଏଜେନ୍ସି):** ଅଷ୍ଟ୍ରେଲିୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ମୁକ୍ତି ଆବେଦନ ଉପରେ ଶୁଣାଣି ପୁଣି ଘୁଞ୍ଚିଛି । ଦାରା ସିଂ ଓ ଅନ୍ୟମାନଙ୍କ ଜେଲରୁ ମୁକ୍ତି ମାମଲାର ଶୁଣାଣି ଜଷ୍ଟିସ୍ ମନୋଜ ମିଶ୍ର ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କ ଡିଭିଜନ୍ ବେଞ୍ଚରେ ଲଗାତାର ଜାରି ରହିଛି । ମଙ୍ଗଳବାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଳମ୍ବର କାରଣ ଦର୍ଶାଯାଇଥିବା ବେଳେ କୋର୍ଟ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବୋଲି ଦାରା ସିଂଙ୍କ ଓକିଲ ସୂଚନା ଦେଇଛନ୍ତି ।



ପୂର୍ବରୁ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ମିଟିଂ ଆଧାରରେ ରିହାତି ପ୍ରକ୍ରିୟା ଶେଷ ହେବା କଥା ଥିଲା । ଅଗଷ୍ଟ ୪ କିମ୍ବା ଅଗଷ୍ଟ ୧୫ ସୁଦ୍ଧା ମୁକ୍ତି ମିଳିବ ବୋଲି ଆଶା କରାଯାଉଥିଲା, କିନ୍ତୁ ଭେରିଫିକେସନ୍ ଓ ଅନ୍ୟାନ୍ୟ କାରଣରୁ ଏହା ସମ୍ଭବ ହୋଇପାରିନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ରିପୋର୍ଟ ଏପର୍ଯ୍ୟନ୍ତ ଦାଖଲ ନ ହେବାରୁ କୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ମାମଲାରେ ଗୃହ ସଚିବ କିମ୍ବା ଅଧିକାରୀମାନଙ୍କୁ କାହିଁକି ତଲବ କରାଯାଉନାହିଁ ଏବଂ ଦୁଇ ବର୍ଷରୁ ଅଧିକ ସମୟ ଧରି ମାମଲା ବିଚାରଧୀନ ରହିବା ନେଇ ପ୍ରଶ୍ନ ଉଠିଛି ବୋଲି ତାଙ୍କ ଓକିଲ ଏପି ସିଂହ ସୂଚନା ଦେଇଛନ୍ତି । ଅଦାଲତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆଗାମୀ ସେପ୍ଟେମ୍ବର ୧୭ ତାରିଖ ସ୍ଥିର କରିଛନ୍ତି । ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ କୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା ରିହାତି ପ୍ରକ୍ରିୟାକୁ ଆଗକୁ ବଢ଼ାଯାଇପାରିବ

# ଭାରତ ବିଶ୍ୱ ୬-ଜି ଦୌଡ଼ରେ ସାମିଲ: ଆମେରିକା ସମେତ ୨୪ ଦେଶ ସହିତ ମିଳାଇଲା ହାତ

**ନୂଆଦିଲ୍ଲୀ,୮।୯(ଏଜେନ୍ସି):** ଆମେରିକାର ବାଣିଜ୍ୟ ବିଭାଗ କହିଛି, ଭାରତ ପରବର୍ତ୍ତୀ ପିଢ଼ିର ୬-ଜି ଦୂରସଂଚାର ନେଟୱାର୍କର ବିକାଶ ଏବଂ ନିୟୋଜନ ପାଇଁ ଏକ ବିଶ୍ୱସ୍ତରୀୟ ପଦକ୍ଷେପରେ ଆମେରିକା ଏବଂ ଅନ୍ୟ ୨୪ଟି ଦେଶ ସହିତ ଯୋଗ ଦେଇଛି । ଭାରତ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆମ ସହିତ ସାମିଲ ହୋଇଛି । ବାଣିଜ୍ୟ ବିଭାଗ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେରିକାର ଉତ୍ତର କାରୋଲିନାର ଚାପେଲ ହିଲରେ ଅନୁଷ୍ଠିତ ଜି-୨୦ ନବସୃଜନ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏବଂ ଭାରତର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଛି । ବୈଠକରେ ଭାରତ ୬-ଜି ଟେଲିକମ୍ୟୁନିକେସନ୍ ନେଟୱାର୍କ ବିକାଶ ଏବଂ ନିୟୋଜିତ କରିବା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପରେ ଯୋଗ ଦେଇଛି । ଏହି ବୈଠକ ଆମେରିକାର ବାଣିଜ୍ୟ ବିଭାଗ ଏବଂ ହ୍ୱାଇଟ୍ ହାଉସ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନୀତି କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅନୁଯାୟୀ, ଜିତିନ ପ୍ରସାଦଙ୍କ ସହିତ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଜିତ କୁମାର, ବିଜ୍ଞାନ




ଏବଂ ପ୍ରଯୁକ୍ତି ବିଭାଗ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ବରିଷ୍ଠ ଅଧିକାରୀମାନେ ତଥା ଆମେରିକାରେ ଭାରତୀୟ ଦୂତାବାସର ଅଧିକାରୀମାନେ ଉପସ୍ଥିତ ଥିଲେ । ମନ୍ତ୍ରୀସ୍ତରୀୟ ବୈଠକର ଶେଷରେ, ଜି-୨୦ ମନ୍ତ୍ରୀମାନେ ନବସୃଜନ ମନ୍ତ୍ରୀସ୍ତରୀୟ ବିବୃତି ଜାରି କରି ସ୍ୱୀକାର କରିଥିଲେ, ଆଗାମୀ ଦିନରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଆଣିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ସମସ୍ତ ଲୋକଙ୍କ ପାଇଁ ସୁଯୋଗ ବିସ୍ତାର କରିବାର ସମ୍ଭାବନା ରହିଛି । ଦ୍ୱିପାକ୍ଷିକ ଆଲୋଚନାରେ, ଉଭୟ ପକ୍ଷ ସେମିକଣ୍ଡକ୍ଟର, ଏଆଇ ଏବଂ ଡାଟା ସେଣ୍ଟରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମତ ବିନିମୟ କରିଥିଲେ । ବୈଠକରେ, ଜିତିନ ପ୍ରସାଦ ଏସଏମ-୨.୦ରେ ଅଧିକ ଆମେରିକୀୟ ନିବେଶର ସମ୍ଭାବନାକୁ ପ୍ରୋତ୍ସାହିତ କରିଥିଲେ, ଏଆଇ ପ୍ରଯୁକ୍ତି ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଏଆଇ ପାଇଁ ସୁରକ୍ଷା ପାଇଁ ଏକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିତିନ ପ୍ରସାଦ କହିଥିଲେ, ଭାରତ ପରି ଏକ ଉଦୀୟମାନ ଡିଜିଟାଲ ଅର୍ଥନୀତିର ଅତ୍ୟାବଶ୍ୟକ ନିର୍ମାଣକାରୀ ଅଂଶ ହେଉଛି ସେମିକଣ୍ଡକ୍ଟର ଏବଂ ଏଆଇ ଡାଟା ସେଣ୍ଟର । ଉଭୟ ପକ୍ଷ ବ୍ୟବହାରିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ଆଲୋଚନା କରିଛନ୍ତି ।

# ଭାରତ-ବାଂଲାଦେଶ ମଧ୍ୟରେ ପୁଣି ଗଡ଼ିବ ଟ୍ରେନ୍

**ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** ଭାରତ ଏବଂ ବାଂଲାଦେଶ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି । ଦୁଇ ଦେଶ ମଧ୍ୟରେ ପୁଣି ଥରେ ରେଳ ସେବା ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଜୋରଦାର ହେଉଛି । କେବଳ ପୁରୁଣା ଟ୍ରେନ୍ ନୁହେଁ, ବରଂ ଏକ ନୂତନ ରେଳ ସେବା ଯୋଡ଼ିବା ପାଇଁ ମଧ୍ୟ ଯୋଜନା କରାଯାଉଛି । ଏହି ପରିପ୍ରେକ୍ଷୀରେ, ମଙ୍ଗଳବାର ଦିନ ଭାରତ ଓ ବାଂଲାଦେଶର ରେଳ ଅଧିକାରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ବାଂଲାଦେଶର ରାଜଶାହୀରୁ କୋଲକାତା ମଧ୍ୟରେ ଏକ ନୂତନ ଟ୍ରେନ୍ ଚଳାଇବା ପାଇଁ ପ୍ରସ୍ତାବ ଦିଆଯାଇପାରେ । ଏଥିସହିତ, ପୂର୍ବରୁ ବନ୍ଦ ରହିଥିବା ମୈତ୍ରୀ ଏକ୍ସପ୍ରେସ, ମିତାଲୀ ଏକ୍ସପ୍ରେସ ଏବଂ ବନ୍ଧନ ଏକ୍ସପ୍ରେସକୁ ପୁଣି ଥରେ ଚଳାଇବାକୁ ନିଷ୍ପତ୍ତି ନିଆଯାଇପାରେ । ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଏହି ତିନୋଟି ଯାକ ଟ୍ରେନ୍ ଟ୍ରାକକୁ ଫେରିବା ନେଇ ଆଶା କରାଯାଉଛି । ଅନ୍ୟପଟେ, ମୈତ୍ରୀ ଏକ୍ସପ୍ରେସର ରୁଟ୍‌ରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ପୂର୍ବରୁ ଏହା ଯମୁନା ବ୍ରିଜ୍ ଦେଇ ଯାଉଥିବା ବେଳେ ଏବେ ବାଂଲାଦେଶ ଏହାକୁ ପଦ୍ମା ବ୍ରିଜ୍ ଦେଇ ଚଳାଇବାକୁ ଆଗ୍ରହ ଦେଖାଇଛି । ତେବେ ଉଭୟ ଦେଶର ସମ୍ମତି ପରେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ସୂଚନାଯୋଗ୍ୟ ଯେ, ଜୁଲାଇ ୨୦୨୪ରେ ବାଂଲାଦେଶରେ ହୋଇଥିବା ବ୍ୟାପକ ହିଂସା ଏବଂ ରାଜନୈତିକ ଅସ୍ଥିରତା କାରଣରୁ ସୁରକ୍ଷା ଦୃଷ୍ଟିରୁ ଏହି ଟ୍ରେନ୍ ସେବାକୁ ବନ୍ଦ ରଖାଯାଇଥିଲା । ଏବେ ପୁଣି ଥରେ ରେଳ ଚଳାଚଳ ଆରମ୍ଭ ହେଲେ ଦୁଇ ଦେଶ ମଧ୍ୟରେ ଯାତାୟାତ ସହଜ ହେବା ସହ ବାଣିଜ୍ୟିକ ସମ୍ପର୍କ ମଧ୍ୟ ସୁଦୃଢ଼ ହେବ । ଏହା ଦ୍ୱାରା ଦୁଇ ଦେଶର ସାଧାରଣ ଜନତା ବିଶେଷ ଭାବେ ଉପକୃତ ହେବେ ।

# ୧୨ରେ ମୋଦି-ପୁଟିନ ଦ୍ୱିପାକ୍ଷିକ ବୈଠକ

**ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** ଭାରତରେ ଆୟୋଜିତ ହେବାକୁ ଯାଉଥିବା ୧୮ତମ ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୧୨ ସେପ୍ଟେମ୍ବର (ଶୁକ୍ରବାର) ଦ୍ୱିପାକ୍ଷିକ ବୈଠକ କରିବେ । ଏନେଇ କ୍ରେମଲିନ ମୁଖପାତ୍ର ଦିମିତ୍ରି ପେସ୍କୋଭ ସୂଚନା ଦେଇଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ, ଆର୍ଥିକ ସହଯୋଗ, ଉର୍ଜା, ପରମାଣୁ ଶକ୍ତି ଏବଂ ପ୍ରତିରକ୍ଷା ଭଳି ପ୍ରମୁଖ ପ୍ରସଙ୍ଗ ଆଲୋଚନାର କେନ୍ଦ୍ର ବିନ୍ଦୁ ହେବ ବୋଲି ସେ କହିଛନ୍ତି । ସେପ୍ଟେମ୍ବର ୧୨, ୧୩ ତାରିଖରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିପାଇଁ ରାଷ୍ଟ୍ରପତି ପୁଟିନ ଭାରତ ଗସ୍ତରେ ଆସୁଛନ୍ତି । ପେସ୍କୋଭ କହିଛନ୍ତି ଯେ, ମୋଦି ଓ ପୁଟିନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ଓ ବ୍ୟବହାରିକ । ଉଭୟ ନେତା ସଂବେଦନଶୀଳ ବିଷୟ ଉପରେ ମଧ୍ୟ ଖୋଲା ଓ ଗଠନମୂଳକ ଭାବେ ଆଲୋଚନା କରିପାରନ୍ତି, ଯାହା ଦ୍ୱିପାକ୍ଷିକ ସହଯୋଗକୁ ନୂଆ ଦିଗ ଦେବ ବୋଲି ପେସ୍କୋଭ କହିଛନ୍ତି । ଏଥିସହିତ ୟୁକ୍ରେନ୍ ସହିତ ଲାଗିଥିବା ଯୁଦ୍ଧ ରୋକିବାକୁ ଭାରତର ମଧ୍ୟସ୍ଥତା ପ୍ରସ୍ତାବକୁ ମଧ୍ୟ କ୍ରେମ୍ଲିନ୍ ସ୍ୱାଗତ କରିଛି, ଏନେଇ ପେସ୍କୋଭ କହିଛନ୍ତି ଯେ, ଆଲୋଚନା ଓ କୂଟନୀତି ମାଧ୍ୟମରେ ସମାଧାନ ଖୋଜିବାରେ ଭାରତର ପ୍ରୟାସକୁ ରୁଷ ସକାରାତ୍ମକ ଭାବେ ଦେଖୁଛି । ତେଣୁ ଭାରତର ଏହି ପ୍ରସ୍ତାବକୁ ରୁଷ ସ୍ୱାଗତ କରୁଛି ବୋଲି ସେ କହିଛନ୍ତି । ସେହିପରି ଭାରତରେ ନୂଆ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ



ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନାକୁ ଆଗେଇ ନେବାକୁ ମସ୍କୋ ଚାହୁଁଛି । ଏଥିସହିତ ଭାରତକୁ ପଞ୍ଚମ ପିଢିର Su-57 ଷ୍ଟେଲ୍ଥ ଫାଇଟର୍ ଜେଟ୍ ବିକ୍ରି ପ୍ରସଙ୍ଗରେ ମଧ୍ୟ ଦ୍ୱିପାକ୍ଷିକ ବୈଠକର ଆଲୋଚନା ହୋଇପାରେ ବୋଲି ପେସ୍କୋଭ ସୂଚନା ଦେଇଛନ୍ତି । ବ୍ରିକ୍ସ ଦେଶଗୁଡିକ ମଧ୍ୟରେ କରେନ୍ସି କାରବାର ନେଇ ମଧ୍ୟ ପେସ୍କୋଭ ସୂଚନା ଦେଇଛନ୍ତି । ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ଆର୍ଥିକ ସହଯୋଗ ବର୍ତ୍ତମାନ ବହୁତ ଗୁରୁତ୍ୱପୂର୍ଣ୍ଣ । ରୁଷର ପ୍ରାୟ ୯୦ ପ୍ରତିଶତ ବ୍ରିକ୍ସ କାରବାର ବର୍ତ୍ତମାନ ଜାତୀୟ ମୁଦ୍ରାରେ ହେଉଛି । ସେ ସ୍ପଷ୍ଟ କରିଛନ୍ତି ଯେ, ଏହାର ଉଦ୍ଦେଶ୍ୟ ଡଲାର ବିରୋଧୀ ନୀତି ନୁହେଁ, ବରଂ କିଛି ଦେଶ ନିଜ ମୁଦ୍ରାକୁ ରାଜନୈତିକ ଚାପ ଓ ପ୍ରତିବନ୍ଧକର ଅସ୍ତ୍ର ଭାବେ ବ୍ୟବହାର କରୁଥିବାରୁ ବିକଳ୍ପ ଦେୟ ବ୍ୟବସ୍ଥା ଗଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି ।

# ମୋଦିଜୀଙ୍କ ରାଲି ପୂର୍ବରୁ ଦୁଇ ସନ୍ଦିଗ୍ଧ ଗିରଫ

**ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୁମ୍ବାଇ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି । ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ ସ୍ଥିତ ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟର ନିକଟରୁ ମୁମ୍ବାଇ ପୋଲିସ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିଛି । ସମୋନଙ୍କ ମଧ୍ୟରୁ ଜଣଙ୍କ ନିକଟରୁ ଏକ ନକଲି ପିଏମଓ ପରିଚୟପତ୍ର ମଧ୍ୟ ଜବତ ହୋଇଥିବା ସୂଚନା । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମଗ୍ର ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି ସମୟରେ ଘଗଇଉଉ ନିକଟରେ ସନ୍ଦିଗ୍ଧ ଭାବେ ବୁଲୁଥିବା ଦୁଇଜଣଙ୍କୁ ସୁରକ୍ଷାର୍କମୀ ଅଟକାଇ



ପଚରାଉଚରା କରିଥିଲେ । ପଚରାଉଚରା ବେଳେ ଜଣେ ବ୍ୟକ୍ତି ନିଜକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ର ଜଣେ ବରିଷ୍ଠ ଅଧିକାରୀ ବୋଲି ପରିଚୟ ଦେଇ ଏକ ଆଇଡି କାର୍ଡ ଦଖୋଇଥିଲେ । ତେବେ ଯାଞ୍ଚ ପରେ ସେହି ପରିଚୟପତ୍ରଟି ନକଲି ବୋଲି ଜଣାପଡ଼ିଥିଲା । ଏହାପରେ ପୋଲିସ ଉଭୟଙ୍କୁ ହେପାଜତକୁ ନେଇଥିଲା । ଅଟକ ଦୁଇଜଣଙ୍କୁ ସ୍ଥାନୀୟ ପୋଲିସ ଷ୍ଟେସନରେ ପଚରାଉଚରା କରାଯାଉଛି । ମୁମ୍ବାଇ ପୋଲିସ ଏବଂ ଗୁଇନ୍ଦା ସଂସ୍ଥା ମିଳିତ ଭାବେ ଘଟଣାର ତଦନ୍ତ କରୁଛନ୍ତି । ତଦନ୍ତକାରୀ ସଂସ୍ଥା ବିଶକ୍ଷେ ବିଭିନ୍ନ ଦିଗରୁ ତଦନ୍ତ କରୁଛି । ସନ୍ଦିଗ୍ଧ ଦୁଇଜଣ ଘଗଇଉଉ ଅଞ୍ଚଳକୁ କାହିଁକି ଆସିଥିଲେ ନକଲି PMO ପରିଚୟପତ୍ର କେଉଁଠାରୁ ଓ କିପରି ପ୍ରସ୍ତୁତ କରାଯାଇଥିଲା । ଏହି ଘଟଣା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର କିମ୍ବା ସଂଗଠିତ ଚକ୍ରର ସମ୍ପୃକ୍ତି ରହିଛି କି ? ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ଇକଉ ସମତେ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ପ୍ରତ୍ୟେକ ଦିଗରୁ ତଦନ୍ତ ଜାରି ରଖିଛି ।

# ରାହୁଲ ଗାନ୍ଧୀଙ୍କୁ ହାଇକୋର୍ଟରୁ ଝଟକା

**ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବମ୍ବେ ହାଇକୋର୍ଟରୁ ଏକ ବଡ଼ ଝଟକା ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମନ୍ତବ୍ୟ ପାଇଁ ଏକ ମାନହାନି ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ଦ୍ୱାରା ଜାରି ସମନକୁ ହାଇକୋର୍ଟ ଖାରଜ କରିବାକୁ ମନା କରିଦେଇଛନ୍ତି । ଅଭିଯୋଗକାରୀ ବିଜେପି କର୍ମୀ ମହେଶ ଶ୍ରୀଶ୍ରୀମଲ୍ ଅଭିଯୋଗ କରିଛନ୍ତି ଯେ, ରାହୁଲ ଗାନ୍ଧୀ ସେପ୍ଟେମ୍ବର ୨୦୧୮ରେ ରାଜସ୍ଥାନରେ ଏକ ରାଲିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମାନହାନିଜନକ ବକ୍ତବ୍ୟ ଦେଇଥିଲେ ।



ସେ ପ୍ରଧାନମନ୍ତ୍ରୀଙ୍କୁ ଚୋରଙ୍କ ସରଦ୍ଦାର ବୋଲି କହିଥିଲେ ।

ଶ୍ରୀଶ୍ରୀମଲ୍ ଗିରଗାଓଁ ମାଜିଷ୍ଟ୍ରେଟ୍ କୋର୍ଟରେ ରାହୁଲଙ୍କ ବିରୋଧରେ ମାନହାନି ମାମଲା ଦାୟର କରିଥିଲେ । ଏହା ପରେ, ମାଜିଷ୍ଟ୍ରେଟ୍ କୋର୍ଟ ଅଗଷ୍ଟ ୨୦୧୯ରେ ରାହୁଲ ଗାନ୍ଧୀଙ୍କୁ ହାଜର ହେବାକୁ ସମନ କରିଥିଲେ । ଜୁଲାଇ ୨୦୨୧ରେ ସମନ ପାଇବା ପରେ, ରାହୁଲ ଗାନ୍ଧୀ ଏହି ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ । ରାହୁଲ ଗାନ୍ଧୀ ହାଇକୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ବିଜେପି କର୍ମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଆଇନଗତ ଭାବରେ ଅବୈଧ । ସେ ଯୁକ୍ତି ଦର୍ଶାଇଥିଲେ ଯେ ଅଭିଯୋଗରେ ଦଳର ନାମ ନିଆଯାଇନାହିଁ ଏବଂ କୌଣସି ଚିହ୍ନିତ କିମ୍ବା ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଇନାହିଁ । ତେଣୁ, କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ସ୍ପଷ୍ଟ ଭାବରେ ମାନସିକ ଭାବେ ଆଘାତ ହୋଇନାହାନ୍ତି । ବମ୍ବେ ହାଇକୋର୍ଟର ବିଚାରପତି ନୀତିନ ବୋରକର ରାହୁଲ ଗାନ୍ଧୀଙ୍କ ଯୁକ୍ତିକୁ ଖାରଜ କରିଛନ୍ତି । ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କାର୍ଯ୍ୟଧାରା ଛଅ ସପ୍ତାହ ପାଇଁ ସ୍ଥଗିତ ରହିବ ।

# ସ୍ୱଦେଶୀ ବୁଲେଟ୍ ଟ୍ରେନ୍ ପ୍ରସ୍ତୁତ !
# ୨୦୨୭ ମେ'ରେ ଟ୍ରାକ୍ ଟେଷ୍ଟିଂ

**ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** ଭାରତର ପ୍ରଥମ ଘରୋଇ ଜ୍ଞାନକୌଶଳରେ ନିର୍ମିତ ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବଂ ଆସନ୍ତା ୨୦୨୭ ମେ' କିମ୍ବା ଜୁନ୍ ସୁଦ୍ଧା ଏହା ଟ୍ରାକ୍‌ରେ ପରୀକ୍ଷାମୂଳକ ଚାଲିବ । ମଙ୍ଗଳବାର ଗୁଜରାଟର ଭଦୋଦରାଠାରେ ଆୟୋଜିତ 'ନମୋ ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୫,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଛନ୍ତି । ସଭାକୁ ସମ୍ବୋଧିତ କରି ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି ଯେ, ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ନିର୍ମାଣ ଶେଷ ହେବା ପରେ ଏହାକୁ 'ସ୍ୱଇଜ୍ ଟେଷ୍ଟ' ପାଇଁ ପଠାଯାଇଛି । ଆସନ୍ତା ବର୍ଷ ମେ' କିମ୍ବା ଜୁନ୍ ମାସ ସୁଦ୍ଧା ଏହା ପରୀକ୍ଷାମୂଳକ ଭାବେ ଟ୍ରାକକୁ ଆସିବ ଏବଂ ୨ରୁ ୪ ମାସର କଠିନ ପରୀକ୍ଷଣ ପରେ ପ୍ରଧାନମନ୍ତ୍ରୀ ନିଜେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିବେ । ଏହି ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ ହେବା ପରେ ଭଦୋଦରାରୁ ମୁମ୍ବାଇ ଯାତ୍ରା ସମୟ ହ୍ରାସ ପାଇ ମାତ୍ର ୧ ଘଣ୍ଟା ୩୦ ମିନିଟରେ ପହଞ୍ଚିବ । ଏଥିସହିତ ଗୁଜରାଟର ସୁରଟରୁ ବିଲିମୋରା ମଧ୍ୟରେ ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡରର ପ୍ରଥମ ପର୍ଯ୍ୟାୟ ସେବା ଆସନ୍ତା ବର୍ଷଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ଦାଦ୍ରିରୁ ଜେଏନପିଟି ପର୍ଯ୍ୟନ୍ତ 'ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର' ସମ୍ପର୍କରେ ଆଲୋଚନା କରି ରେଳମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ



ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଏହି କରିଡରର ପରିକଳ୍ପନା କରାଯାଇଥିଲା । ମାତ୍ର ପରବର୍ତ୍ତୀ କଂଗ୍ରେସ ସରକାରଗୁଡ଼ିକ ଏହା ପ୍ରତି ଧ୍ୟାନ ଦେଇନଥିଲେ । ୨୦୧୪ରେ ପ୍ରଧାନମନ୍ତ୍ରୀ ମୋଦୀ ଦାୟିତ୍ୱ ଗ୍ରହଣ କରିବା ବେଳକୁ କରିଡରର ଗୋଟିଏ କିଲୋମିଟର କାମ ମଧ୍ୟ ଶେଷ ହୋଇନଥିଲା । ମୋଦୀ ସରକାର ଆସିବା ପରେ ପାଣ୍ଠି, ଡିଜାଇନ୍ ଏବଂ ଜମି ଅଧିଗ୍ରହଣ ଜନିତ ସମସ୍ତ ଜଟିଳ ସମସ୍ୟାର ସମାଧାନ କରି ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇଛନ୍ତି ।

# ଚୀନ୍ ସହର ଉପରେ ପରମାଣୁ ଆକ୍ରମଣ ଆଶଙ୍କା
# ଜାପାନକୁ ନେଇ 'ପିପୁଲ୍ସ ଲିବରେସନ ଆର୍ମି'ର ବଡ଼ ଚେତାବନୀ

**ନୂଆଦିଲ୍ଲୀ,୮।୯(ଏଜେନ୍ସି):** ବିଶ୍ୱ ରାଜନୀତିରେ ଏବେ ଏକ ବଡ଼ ଧରଣର ହଟଚମଟ ସୃଷ୍ଟି ହୋଇଛି । ଚୀନ୍‌ର ସହରଗୁଡ଼ିକ ଉପରେ ପରମାଣୁ ଆକ୍ରମଣର ଆଶଙ୍କା କରି ଦେଶର ସେନା 'ପିପୁଲ୍ସ ଲିବରେସନ ଆର୍ମି' ଏକ ସତର୍କ ସୂଚନା ଜାରି କରିଛି । ଚୀନ୍ ସେନାର ରକେଟ୍ ଫୋର୍ସ ପକ୍ଷରୁ କରାଯାଇଥିବା ଏକ ନୂତନ ଅଧ୍ୟୟନରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏହି ରିପୋର୍ଟରେ ଜାପାନକୁ ବିଶ୍ୱ ଶାନ୍ତି ପାଇଁ ଏକ ବଡ଼ ବିପଦ ଭାବେ ବର୍ଣ୍ଣନା କରାଯାଇଛି । ହଂକଂରୁ ପ୍ରକାଶିତ 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ' ର ରିପୋର୍ଟ ଅନୁଯାୟୀ, ଚୀନ୍ ସେନା ଏହାର ଅଧ୍ୟୟନରେ ଦର୍ଶାଇଛି ଯେ ଟୋକିଓ (ଜାପାନ) ଏପର୍ଯ୍ୟନ୍ତ ପରମାଣୁ ଅସ୍ତ୍ର ନିଷେଧ ଚୁକ୍ତିନାମାରେ ସ୍ୱାକ୍ଷର କରିନାହିଁ । ଜାପାନ ନିଜର ଦୀର୍ଘକାଳୀନ 'ଅଣ-ପରମାଣୁ ନୀତି'ରେ ପରିବର୍ତ୍ତନ କରିବାକୁ ବିଚାର କରୁଛି । ଜାପାନ ପାଖରେ ଅଳ୍ପ ସମୟ ମଧ୍ୟରେ ପରମାଣୁ ଅସ୍ତ୍ର ନିର୍ମାଣ କରିବା ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା, ଆର୍ଥିକ କ୍ଷମତା ଏବଂ ପର୍ଯ୍ୟାପ୍ତ ପ୍ଲୁଟୋନିୟମ୍ ମହଜୁଦ ଥିବା ଚୀନ୍ ଦାବି କରିଛି । ପିଏଲଏ ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, କେବଳ ଦେଶ ନୁହେଁ ବରଂ କିଛି ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ଚୀନ୍ ସହରଗୁଡ଼ିକ ଉପରେ ପରମାଣୁ ଆକ୍ରମଣ




କରିପାରନ୍ତି । ଯଦିଓ ଏକ ବଡ଼ ଧରଣର ପରମାଣୁ ଯୁଦ୍ଧର ସମ୍ଭାବନା କମ୍, କିନ୍ତୁ ଛୋଟ କିମ୍ବା ମଧ୍ୟମ ଧରଣର ଆକ୍ରମଣକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏଥିପାଇଁ ଚୀନ୍‌ର ସହରଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଏହି ଅଧ୍ୟୟନ ପାଇଁ ଚୀନ୍ ସେନା ୧୯ କଲ୍ଟଭଷ୍ୱ ୪୫ ମସିହାରେ ଜାପାନର ହିରୋସିମା ଉପରେ ହୋଇଥିବା ପରମାଣୁ ଆକ୍ରମଣର ତଥ୍ୟ ଏବଂ ସିମୁଲେସନ୍ ବ୍ୟବହାର କରିଛି । ସେହି ବିପର୍ଯ୍ୟୟର ପ୍ରଭାବକୁ ଆଧାର କରି ଚୀନ୍ ନିଜର ସହରଗୁଡ଼ିକର ସୁରକ୍ଷା ରଣନୀତି ପ୍ରସ୍ତୁତ କରୁଛି । ରିପୋର୍ଟରେ କୁହାଯାଇଛି ଯେ ଜାପାନ ଗୁପ୍ତ ଭାବରେ ପରମାଣୁ ଅସ୍ତ୍ର ଉତ୍ପାଦନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିସାରିଛି । ଚୀନ୍‌ର ଏହି ଚେତାବନୀ ପରେ ଏସିଆ ମହାଦେଶରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବା ସହ ଆଗାମୀ ଦିନରେ ଜାପାନ ଓ ଚୀନ୍ ମଧ୍ୟରେ ସମ୍ପର୍କ ଅଧିକ ଜଟିଳ ହେବାର ସଙ୍କେତ ମିଳୁଛି ।

# ଭୂମିକମ୍ପରେ ଥରିଲା ଆସାମ

**ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** ଭୂମିକମ୍ପରେ ଥରିଲା ଆସାମ । ମଙ୍ଗଳବାର ସକାଳ ୯ଟା୫୭ ମିନିଟରେ ରାଜ୍ୟର ଅନେକ ସ୍ଥାନରେ ଭୂମିକମ୍ପର ଝଟକା ଲାଗିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୧ ବୋଲି ଜଣାପଡିଛି । ରିପୋର୍ଟ ଅନୁସାରେ, ସକାଳେ ଗୌହାଟୀ ସମେତ ଆଖପାଖ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି । ଗୌହାଟୀ ସମେତ ଅନେକ ସହରରେ ଝଟକା ଲାଗିଛି । ଝଟକା ଲାଗିବା ପରେ ଲୋକେ ଭୟରୁ ଚାଲି ଆସିଥିଲେ । ତେବେ ଏହା ପ୍ରଭାବରେ କୌଣସି କ୍ଷୟକ୍ଷତିର ସୂଚନା ମିଳିପାରି ନାହିଁ । ମିଡିଆ ରିପୋର୍ଟ ଅନୁସାରେ, ଭୂମିକମ୍ପର କେନ୍ଦ୍ରସ୍ଥଳୀ ଗୌହାଟୀଠାରୁ ୮୧ କିମି ଦୂରରେ ଭୂପୃଷ୍ଠରୁ ୧୦ କିମି ତଳେ ରହିଥିଲା । ଏହାକୁ ନେଇ ଲୋକଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦିଆଯାଇଛି । ଗତ କିଛି ଦିନ ଧରି ଉତ୍ତରପୂର୍ବ ଭାରତର ଅନେକ ସ୍ଥାନରେ ଲଗାତାର ଭୂମିକମ୍ପର ଝଟକା ଲାଗୁଛି । ଗତ ମାସରେ ଭାରତର ପଡୋଶୀ ଦେଶ ନେପାଳରେ ଭୂମିକମ୍ପ ସହ ବନ୍ୟା ଆସିଥିଲା । ତିବ୍ବତରେ ମଧ୍ୟ ଝଟକା ଲାଗିଥିଲା । ଯାହା ଫଳରେ ହିମସ୍ଖଳନ ହୋଇ ବନ୍ୟା ଆସିଥିଲା । ଫଳରେ ନେପାଳରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ।

# ଦୁର୍ଗାପୂଜାରେ ବଡ଼ ନିଷ୍ପତ୍ତି: ପଶ୍ଚିମବଙ୍ଗରେ ସମ୍ପୂର୍ଣ୍ଣ ମଦ ବିକ୍ରି ନିଷେଧ

**କୋଲକାତା,ନୂଆଦିଲ୍ଲୀ,୮ ।୯(ଏଜେନ୍ସି):** ଆଗାମୀ ଦୁର୍ଗାପୂଜାକୁ ନେଇ ପଶ୍ଚିମବଙ୍ଗ ସରକାର ଏକ ବଡ଼ ନିଷ୍ପତ୍ତି ଘୋଷଣା କରିଛନ୍ତି । ମହାଅଷ୍ଟମୀ ଦିନ ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ମଦ ବିକ୍ରି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହି ଘୋଷଣା କରିଛନ୍ତି । ଅଷ୍ଟମୀ ଦିନ ମଦ ଦୋକାନ ସହ ବାର୍‌ଗୁଡ଼ିକ ମଧ୍ୟ ବନ୍ଦ ରହିବ ବୋଲି ସୂଚନା ମିଳିଛି । ସରକାରଙ୍କ ଅନୁସାରେ, ଦୁର୍ଗାପୂଜାକୁ ଧାର୍ମିକ ପରମ୍ପରା ଓ ବଙ୍ଗୀୟ ସଂସ୍କୃତି ଅନୁଯାୟୀ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯିବ । ମହାଅଷ୍ଟମୀ ଦିନ ମଦ ବିକ୍ରି ନିଷେଧ କରିବାର ନିଷ୍ପତ୍ତିକୁ ଏହି ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବେ ଦେଖାଯାଉଛି । ଏହା ପଶ୍ଚିମବଙ୍ଗରେ ଏପରି ନିଷେଧ ପ୍ରଥମ ଥର ପାଇଁ ଲାଗୁ ହେବ ବୋଲି ରିପୋର୍ଟରେ କୁହାଯାଇଛି । କେବଳ ମଦ ବିକ୍ରି ନୁହେଁ, ଦୁର୍ଗାପୂଜା ସମୟରେ ଡିଜେ ଓ ଅତ୍ୟଧିକ ଶବ୍ଦ ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି । ପୂଜା ସମୟରେ ରାସ୍ତା ଅବରୋଧ କରି କାର୍ଯ୍ୟକ୍ରମ କରିବା ଉପରେ ମଧ୍ୟ ନିୟମ ଜାରି ହୋଇଛି । ବିସର୍ଜନ ପାଇଁ ମଧ୍ୟ



ପ୍ରଶାସନ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ନିୟମ ରହିବ । ଏହା ସହିତ ରେଡ୍ ରୋଡ୍‌ରେ ହେଉଥିବା ବାର୍ଷିକ ଦୁର୍ଗାପୂଜା କାର୍ନିଭାଲକୁ ମଧ୍ୟ ଚଳିତ ବର୍ଷ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପୂଜା ଆୟୋଜନରେ ଧାର୍ମିକ ପରମ୍ପରା, ଶୃଙ୍ଖଳା ଓ ସାଧାରଣ ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦିଆଯିବ ବୋଲି ସରକାରୀ ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ, ଆର୍ଥିକ ଭାବେ ଦୁର୍ବଳ ଛୋଟ ପୂଜା କମିଟିଗୁଡ଼ିକୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ତେବେ ସାମର୍ଥ୍ୟବାନ ପୂଜା କମିଟିଗୁଡ଼ିକୁ ସରକାରୀ ଅନୁଦାନ ନନେବାକୁ ଅନୁରୋଧ କରାଯାଇଛି । ଚଳିତ ବର୍ଷର ଦୁର୍ଗାପୂଜାରେ ଏହି ନୂଆ ନିୟମଗୁଡ଼ିକ କିପରି ଲାଗୁ ହେଉଛି, ତାହା ଉପରେ ଏବେ ନଜର ରହିଛି । ମହାଅଷ୍ଟମୀ ଦିନ ମଦ ବିକ୍ରି ନିଷେଧ ସହ ଡିଜେ ଉପରେ କଟକଣା ଓ କାର୍ନିଭାଲ ବନ୍ଦ ଭଳି ପଦକ୍ଷେପ ଯୋଗୁଁ ଚଳିତ ବର୍ଷ ପଶ୍ଚିମବଙ୍ଗର ଦୁର୍ଗାପୂଜାର ରୂପରେ ପରିବର୍ତ୍ତନ ଦେଖାଯିବ । ସରକାର ଏହି ନିୟମଗୁଡ଼ିକୁ ଧାର୍ମିକ ପରମ୍ପରା, ଶୃଙ୍ଖଳା ଓ ସାଧାରଣ ଲୋକଙ୍କ ସୁବିଧା ସହ ଯୋଡ଼ିଥିବା ବେଳେ, ଏହାକୁ ନେଇ ରାଜ୍ୟରେ ରାଜନୈତିକ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି ।



# କମ୍ପାନୀ ସେକ୍ରେଟାରିଜ୍‌ର ୫୪ତମ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




**ଭୁବନେଶ୍ୱର, ୮।୯ (ନି.ପ୍ର) :** କମ୍ପାନୀ ସେକ୍ରେଟାରିଜ୍‌ର ୫୪ତମ ଜାତୀୟ ସମ୍ମିଳନୀ ୭ ସେପ୍ଟେମ୍ବର ୨୦୨୬ରେ ଐତିହାସିକ ସହର ଭୁବନେଶ୍ୱରଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିସହିତ ବ୍ୟାପକ ବିମର୍ଷ, ନବୋନ୍ମେଷୀ ଚିନ୍ତାଧାରା ଏବଂ ରଣନୈତିକ ନେଟୱର୍କିଂ ଉପରେ ଚାଲିଥିବା ତିନିଦିନ ବ୍ୟାପୀ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। 'ନେକ୍ସଟ୍‌ଜେନ୍ ସିଏସ୍- କାଟାଲିଷ୍ଟ ଅଫ୍ ଗ୍ରୋଥ୍ ଆଣ୍ଡ୍ ଗାର୍ଡିଆନ୍ ଅଫ୍ ଗଭର୍ଣ୍ଣାନ୍ସ' ଶୀର୍ଷକ ବିଷୟ ଉପରେ ଆୟୋଜିତ ଚଳିତ ବର୍ଷର ସମ୍ମିଳନୀ ପରବର୍ତ୍ତୀ ପିଢ଼ି (ନେକ୍ସଟ୍‌ଜେନ୍) କମ୍ପାନୀ ସେକ୍ରେଟାରିଜ୍ ନିମନ୍ତେ ଏକ ନିର୍ଣ୍ଣାୟକ ରୋଡମ୍ୟାପ୍ ସ୍ଥାପନ କରିବା ନିମନ୍ତେ ଆଲୋଚନା ସମ୍ମୁଖ ଭାଗକୁ ଆଣିଥିଲା। ସ୍ଥିତପ୍ରଜ୍ଞ ବୃତ୍ତିଧାରୀ, ଶିକ୍ଷ ଜଗତର ପ୍ରତିଷ୍ଠିତ ବ୍ୟକ୍ତିଗଣ, ନିୟାମକ ଏବଂ ସମଗ୍ର ଦେଶରୁ ନୀତି ବିଶାରଦମାନେ ନିମ୍ନଲିଖିତ ଅଧିବେଶନଗୁଡିକ ଜରିଆରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ, ଦୀର୍ଘସ୍ଥାୟିତା, ବଜାର ସ୍ଥାନାନ୍ତରଣ ଏବଂ ବୋର୍ଡରୁମ୍ ନୈତିକତା ଆଦି ବିଷୟ ଉପରେ ଆଲୋଚନା କରିବାକୁ ଏକତ୍ରିତ ହୋଇଥିଲେ। ଉକ୍ତ ବିଷୟଗୁଡିକ ହେଉଛି: ରେଗ୍‌ଟେକ୍ ରିଭୋଲ୍ୟୁସନ: ଡିଜିଟାଲାଇଜେସନ୍ ସହିତ ଅନୁପାଳନକୁ ମେଳ ଖୁଆଇବା। ବିଶ୍ୱାସ ଓ ସ୍ୱଚ୍ଛତା ସୃଷ୍ଟି: ଦୀର୍ଘସ୍ଥାୟିତାରେ ବିଶ୍ୱସ୍ତରୀୟ ସମନ୍ୱୟକୁ ଆଗେଇନେବା। ଶାସନ ପରିଚାଳନାର ଉପସ୍ଥିତିକୁ ସମ୍ପ୍ରସାରିତ କରିବା: ଷ୍ଟାର୍ଟଅପ୍‌ସମୂହ, ଏମଏସ୍‌ଏମ୍‌ଇ ଏବଂ ଏନ୍‌ପିଓଗୁଡିକ ନିମନ୍ତେ ସିଏସ୍। ଫ୍ୟୁଚର ପ୍ରୁଫିଂ ଦି ପ୍ରଫେସନ୍: ଇଣ୍ଡିଆ ଅ ୨୦୪୭ ନିମନ୍ତେ ସ୍କିଲ୍ ଷ୍ଟାକ୍। ପୁଞ୍ଜି ବଜାର ପରିବ୍ୟବସ୍ଥା: ନୈତିକତା ଓ ସ୍ୱଚ୍ଛତାକୁ ସୁଦୃଢ କରିବା। ବୋର୍ଡରୁମ୍ ଡାଇନାମିକ୍ସ: କାଳଜୟୀ ନୀତିସମୂହ ଏବଂ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତି। ଗ୍ରୀନ୍ ହୋରାଇଜନ୍ସ: କାର୍ବନ ବଜାରସମୂହର ପରିଚାଳନା, ନବସୃଜନକୁ ଆଗେଇନେବା। ତୃଣମୂଳ ସ୍ତରର ଶାସନ: ସମାବେଶୀ ଅଭିବୃଦ୍ଧିକୁ ସକ୍ଷମ କରିବା। ଆଇସିଏସ୍‌ଆଇ ମଧ୍ୟ ଏହି ଅବସରରେ ଏକ ସ୍ୱତନ୍ତ୍ର ଅଧିବେଶନ ଜରିଆରେ ୨୦୨୩-୨୦୨୬ ଅବଧିରେ ଏହାର ପ୍ରମୁଖ ସଂରଚନାଗତ ଉଲ୍ଲେଖନୀୟ ସଫଳତା ଏବଂ ନିୟାମକ ବ୍ୟବସ୍ଥାର ପ୍ରଗତି ସମ୍ପର୍କରେ ଉଲ୍ଲେଖ କରିଥିଲା। ଭବିଷ୍ୟତ-ମୁଖୀ ରଣନୈତିକ ଅଧିବେଶନଗୁଡିକ ଉର୍ଦ୍ଧ୍ୱରେ ସମ୍ମିଳନୀୟରେ ଯୋଗଦେଇଥିବା ବ୍ୟକ୍ତିମାନେ କିମ୍ବଦନ୍ତୀ ଗାୟିକା ପଦ୍ମ ଭୂଷଣ ଉଷା ଉଥୁପଙ୍କର ମନମୁଗ୍ଧକର ସାଂଗୀତିକ ପ୍ରଦର୍ଶନ ଏବଂ ତତ୍‌ସହିତ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ଜରିଆରେ ଆଞ୍ଚଳିକ କଳାର ସମୃଦ୍ଧ ପ୍ରଦର୍ଶନକୁ ଉପଭୋଗ କରିଥିଲେ।

# ଜଳ ସଙ୍କଟରୁ ଭରସାଯୋଗ୍ୟ ସୁବିଧା: ବେଦାନ୍ତ ପକ୍ଷରୁ ଓଡ଼ିଶାରେ ସୌର ଚାଳିତ ଜଳ ପ୍ରକଳ୍ପର ସମ୍ପ୍ରସାରଣ

**ଭୁବନେଶ୍ୱର, ୮।୯ (ନି.ପ୍ର):** ଯେଉଁ ସମୁଦାୟ ଗୁଡ଼ିକ ପାଇଁ ପାନୀୟ ଜଳର ଅଭାବ ଦୀର୍ଘ ଦିନରୁ ଏକ ନିତିଦିନିଆ ଆହ୍ୱାନ ହୋଇ ରହିଥିଲା ସେଠାରେ ପାଣିର ଏକ ନିର୍ଭରଯୋଗ୍ୟ ଉତ୍ସ ପାଇବା ଦୈନନ୍ଦିନ ଜୀବନର ଶୈଳୀକୁ ବଦଳାଇ ଦେଇଛି। ନାଡ଼ିଦିହି, ରେଙ୍ଗାଲବେଡ଼ା ଓ ଭପାଲିରେ ଭାରତ ଓ ଆଫ୍ରିକାର ପ୍ରମୁଖ ଲୁହା ଓ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର ଏକ ସୌର ଚାଳିତ ଜଳ ପ୍ରକଳ୍ପ ଏବେ ୧,୦୦୦ରୁ ଅଧିକ ଗ୍ରାମବାସୀଙ୍କୁ ନିର୍ଭରଯୋଗ୍ୟ ଜଳ ସୁବିଧା ଯୋଗାଇ ଦେଉଛି। ଏହି ସମୁଦାୟଗୁଡ଼ିକୁ ସେବା ଯୋଗାଉଥିବା କାର୍ଯ୍ୟକ୍ଷମ ଭିତିଭୂମିକୁ ଆଗକୁ ବଢ଼ାଇ, ଭିଆଇଏସଏଲ୍ ଏହାର ଆଇରନ୍ ଓର ଓଡ଼ିଶା ୟୁନିଟ୍ ମାଧ୍ୟମରେ ଚଳିତ ବର୍ଷ ଆଉ ତିନିଟି ସୌର ଚାଳିତ ନଳକୂପ ସ୍ଥାପନ କରିବାକୁ ପ୍ରସ୍ତୁତ ଯାହା ଦ୍ୱାରା ପ୍ରାୟ ୧,୦୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। କମ୍ପାନିର ସିଏସଆର ପ୍ରକଳ୍ପ 'ନିର୍ମଳ' ଅଧୀନରେ



କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ତିନିଟି ଗ୍ରାମରେ ୫ଟି ସୌରଚାଳିତ ନଳକୂପ ଓ ୨୬ଟି ଜଳ ଷ୍ଟାଣ୍ଡପୋଷ୍ଟ ସ୍ଥାପନ କରାଯାଇଥିଲା। ଏହି ଭିତିଭୂମି ଏକ ନିର୍ଭରଯୋଗ୍ୟ ଓ ସ୍ଥାୟୀ ସମାଧାନ ମାଧ୍ୟମରେ ଜଳ ସଙ୍କଟର ଆହ୍ୱାନକୁ ସମାଧାନ କରି ଏହି ଦୁର୍ଗମ ଅଂଚଳଗୁଡ଼ିକରେ ଗ୍ରାମବାସୀଙ୍କ ଦୈନନ୍ଦିନ ସଂଘର୍ଷକୁ ଯଥେଷ୍ଟ କମ୍ କରିବାରେ ଯୋଗଦାନ ଦେଇଛି। ଏହି ଅଭିଯାନ ସମ୍ପର୍କରେ ଭିଆଇଏସଏଲ୍-ଆଇଓଓର ଡେପୁଟି ସିଇଓ ବିଶ୍ୱନାଥ ସାହୁ କହିଛନ୍ତି ଯେ, 'ଜଳର ନିର୍ଭରଯୋଗ୍ୟ ସୁବିଧା ଏକ ସମୁଦାୟର କଲ୍ୟାଣ ଓ ମର୍ଯ୍ୟାଦା ପାଇଁ ମୌଳିକ ଅଟେ। ଆମର ସୌର ଚାଳିତ ଜଳ ଭିତିଭୂମିର କ୍ରମାଗତ ବ୍ୟବହାର ଏବଂ ଏହାର ଯୋଜନାବଦ୍ଧ ସମ୍ପ୍ରସାରଣ ଶେଷରେ ତିନିଟି ଗ୍ରାମର ୨୦୦୦ରୁ ଅଧିକ ଗ୍ରାମବାସୀଙ୍କୁ ଉପକୃତ କରିବ। ଆମେ ଗ୍ରାମବାସୀଙ୍କ ସହ ମିଶି ସେହି ଆବଶ୍ୟକତାଗୁଡ଼ିକୁ ଚିହ୍ନଟ ଓ ସମାଧାନ କରିବା ପାଇଁ କାର୍ଯ୍ୟ ଜାରି ରଖିବୁ ଯାହା ସ୍ଥାୟୀ ପ୍ରଭାବ ସୃଷ୍ଟି କରିପାରିବ ଏବଂ ସମଗ୍ର ପ୍ରଗତିକୁ ପ୍ରୋତ୍ସାହିତ କରିବା ପାଇଁ ଅର୍ଥପୂର୍ଣ୍ଣ ଭାବରେ 'ସମାଜକୁ ଫେରାଇ' ଦେଇପାରିବ।' ଏହି ପ୍ରକଳ୍ପ କେବଳ ଜଳର ଉତ୍ସ ସୃଷ୍ଟି କରିବାରେ ସୀମିତ ନୁହେଁ। ସୌର ଶକ୍ତି ଦ୍ୱାରା ନଳକୂପଗୁଡ଼ିକୁ ସଂଚାଳିତ କରି ଏହି ଅଭିଯାନ ଅତ୍ୟାବଶ୍ୟକ ସାମୁଦାୟିକ ଭିତିଭୂମି ମଧ୍ୟକୁ ଅକ୍ଷୟ ଶକ୍ତି ଆଣିଛି ଯାହା ପାରମ୍ପରିକ ବିଦ୍ୟୁତ୍ ଉପରେ ନିର୍ଭରଶୀଳତା କମାଇବାରେ ସାହାଯ୍ୟ କରୁଛି। ଏହା ଏପରି ଏକ ଆଭିମୁଖ୍ୟ ଯାହା ଗ୍ରାମବାସୀଙ୍କ ଏକ ମୌଳିକ ଆବଶ୍ୟକତାକୁ ତାହା ଯୋଗାଇବାର ଏକ ସ୍ୱଚ୍ଛ, ଅଧିକ ସ୍ଥାୟୀ ଉପାୟ ସହିତ ଯୋଡ଼ିଛି। ଏହି ଅଭିଯାନ ବିଷୟରେ କୋଇଡ଼ା ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଶ୍ରୀମତୀ ରଶ୍ମିରେଖା ପାତ୍ର କହିଛନ୍ତି ଯେ, 'ସମୁଦାୟର କଲ୍ୟାଣ ପାଇଁ ନିର୍ଭରଯୋଗ୍ୟ ଜଳ ସୁବିଧା ଅତ୍ୟାବଶ୍ୟକ। ବେଦାନ୍ତର ସୌର ଚାଳିତ ନଳକୂପଗୁଡ଼ିକ ଆମ ଗାଁଗୁଡ଼ିକରେ ଜଳ ସଙ୍କଟର ସମାଧାନ କରିବାରେ ସାହାଯ୍ୟ କରୁଛି ଏବଂ ଯୋଜନାବଦ୍ଧ ସମ୍ପ୍ରସାରଣ ଏହି ସୁବିଧାକୁ ଆଉ ପ୍ରାୟ ୧,୦୦୦ ଲୋକଙ୍କ ପର୍ଯ୍ୟ' ବିସ୍ତାର କରିବ। ସ୍ଥାୟୀ ସାମୁଦାୟିକ ବିକାଶ ଦିଗରେ ବେଦାନ୍ତର ନିରନ୍ତର ପ୍ରଚେଷ୍ଟାକୁ ଆମେ ପ୍ରଶଂସା କରୁଛୁ।' ଏହି ଅଭିଯାନର ସମ୍ପ୍ରସାରଣ ସହିତ ଏହା ଆଶାତୀତ ଭାବେ ଆଉ ୧,୦୦୦ରୁ ଅଧିକ ଗ୍ରାମବାସୀଙ୍କୁ ଉପକୃତ କରିବ ଯାହା ଦୀର୍ଘମିଆଦୀ ସ୍ଥାୟୀ ସମାଧାନର ବିକାଶ ସହ ଅତ୍ୟାବଶ୍ୟକ ସମ୍ବଳର ସୁବିଧାକୁ ସୁଦୃଢ଼ କରିବା ପାଇଁ ଭିଆଇଏସଏଲ୍ ଆଇଓଓର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି। ପ୍ରକଳ୍ପ 'ନିର୍ମଳ' କମ୍ପାନିର ବ୍ୟାପକ ସାମୁଦାୟିକ ବିକାଶ ଅଭିଯାନର ଏକ ଅଂଶ ଯାହାର ଲକ୍ଷ୍ୟ ହେଉଛି ଅତ୍ୟାବଶ୍ୟକ ସେବା ସୁବିଧାରେ ସୁଧାର ଆଣିବା ଏବଂ ସମୁଦାୟର କଲ୍ୟାଣକୁ ବୃଦ୍ଧି କରିବା। ସାମୁଦାୟିକ ଭିତିଭୂମିରେ ଅକ୍ଷୟ ଶକ୍ତିର ଏକତ୍ରୀକରଣ ମାଧ୍ୟମରେ ଏହି ଅଭିଯାନ ଅଧିକ ସହନଶୀଳ ଓ ସ୍ଥାୟୀ ସମୁଦାୟ ଗଠନ ପାଇଁ ଭିଆଇଏସଏଲ୍‌ର ବ୍ୟାପକ ପ୍ରତିଶ୍ରୁତିରେ ମଧ୍ୟ ଯୋଗଦାନ ଦେଉଛି।

# ଭାରତୀୟ କଳାରୁ ଗ୍ଲୋବାଲ ଶୋ ପର୍ଯ୍ୟନ୍ତ ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟର ପାଲଟିଛି ଏକ ବିଶାଳ ସାଂସ୍କୃତିକ କେନ୍ଦ୍ର

**ମୁମ୍ବାଇ,୮।୯ (ନି.ପ୍ର) :** ଭାରତୀୟ କଳା ଏବଂ ବିଶ୍ୱର ପ୍ରମୁଖ ସାଂସ୍କୃତିକ ଶୋ ଗୁଡ଼ିକୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ ଗତ ତିନି ବର୍ଷ ମଧ୍ୟରେ ବଡ ଆକାର ନେଇଛି। ମାର୍ଚ୍ଚ ୨୦୨୩ରେ ଏହାର ଉଦଘାଟନ ପରଠାରୁ, ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟର (ଏନଏମଏସିସି) ୩,୫୦୦ ରୁ ଅଧିକ ଶୋ' ଆୟୋଜନ କରିଛି, ପ୍ରାୟ ୨୫ ଲକ୍ଷ ଦର୍ଶକଙ୍କୁ ସ୍ୱାଗତ କରିଛି ଏବଂ ୧୦,୫୦୦ ରୁ ଅଧିକ କଳାକାର ୧୫ ରୁ ଅଧିକ ଭାଷାରେ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏନଏମଏସିସି ମଞ୍ଚରେ ଭାରତୀୟ କାହାଣୀଗୁଡ଼ିକୁ ମଧ୍ୟ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବଡ଼ ଆକାରରେ ଉପସ୍ଥାପିତ କରାଯାଇଛି। ଉଲ୍ଲେଖନୀୟ ଉଦାହରଣଗୁଡ଼ିକ ମଧ୍ୟରେ ରହିଛି ମୁଗଲ-ଏ-ଆଜମ: ଦି ମ୍ୟୁଜିକାଲ, ରାଜାଧିରାଜ: ଲଭ୍, ଲାଇଫ୍, ଲୀଲା, ଏବଂ ଏନଏମଏସିସିର ନିଜସ୍ୱ ପ୍ରସ୍ତୁତି - ଦି ଗ୍ରେଟ୍ ଇଣ୍ଡିଆନ୍ ମ୍ୟୁଜିକାଲ୍: ସିଭିଲାଇଜେସନ ଟୁ ନେସନ। ସେହିଭଳି ଷ୍ଟୁଡିଓ ଥିଏଟର ଏବଂ 'ଦି କ୍ୟୁବ୍' ରେ ହିନ୍ଦୀ, ଗୁଜୁରାଟୀ, ମରାଠୀ ଏବଂ ବଙ୍ଗଳା ସମେତ ବିଭିନ୍ନ ଭାଷାରେ ଥିଏଟର, ସଙ୍ଗୀତ, କମେଡି ଏବଂ ନୃତ୍ୟ ଭଳି ସଂକ୍ଷିପ୍ତ ଏବଂ ପ୍ରୟୋଗଧର୍ମୀ କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ ହୋଇଆସୁଛି। ଅନ୍ୟପକ୍ଷରେ ଭାରତୀୟ ଦର୍ଶକଙ୍କୁ ବିଶ୍ୱର ପ୍ରମୁଖ ମଞ୍ଚଗୁଡିକର ଉଚ୍ଚ ପ୍ରଶଂସିତ ଓ ଚର୍ଚ୍ଚିତ ପ୍ରସ୍ତୁତିଗୁଡିକୁ ମୁମ୍ବାଇରେ ଦେଖିବାର ସୁଯୋଗ ମିଳିଛି। ଦି ସାଉଣ୍ଡ ଅଫ୍ ମ୍ୟୁଜିକ୍, ୱେଷ୍ଟ ସାଇଡ୍ ଷ୍ଟୋରୀ, ମାମା ମିୟା !, ଦି ଫ୍ୟାଣ୍ଟମ୍ ଅଫ୍ ଦି ଅପେରା, ଏବଂ ୱିକେଡ୍ ଭଳି ଆ'ର୍ଜାତୀୟ ଶୋ'ଗୁଡ଼ିକ ଏନଏମଏସିସି ରେ ପ୍ରଦର୍ଶିତ ହୋଇଛି। ଏନଏମଏସିସିର ପ୍ରତିଷ୍ଠା ସମୟରେ ନୀତା ଅମ୍ବାନୀଙ୍କ ଭାରତର ସର୍ବୋତ୍ତମକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବା ଏବଂ ବିଶ୍ୱର ସର୍ବୋତ୍ତମକୁ ଭାରତକୁ ଆଣିବା ଦୃଷ୍ଟିକୋଣକୁ ଏହା ପ୍ରତିଫଳିତ କରିଛି। ସଂସ୍କୃତିକୁ ଏଭଳି ବିଶାଳ ଭାବରେ ପ୍ରଦର୍ଶିତ କରିବା ପଛରେ ବିଶ୍ୱସ୍ତରୀୟ ଭିତିଭୂମି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏନଏମଏସିସିରେ ୨,୦୦୦ ଆସନ ବିଶିଷ୍ଟ ଗ୍ରାଣ୍ଡ ଥିଏଟର, ୧୯୮ ଆସନ ବିଶିଷ୍ଟ ଷ୍ଟୁଡିଓ ଥିଏଟର, ୮୦ ଆସନ ବିଶିଷ୍ଟ 'ଦି କ୍ୟୁବ୍' ଏବଂ ଚାରି



ମହଲା ବିଶିଷ୍ଟ ଏକ ଆର୍ଟ ହାଉସ୍ ରହିଛି। ଅନ୍ୟ ଶବ୍ଦରେ, ବଡ ମ୍ୟୁଜିକାଲ ଶୋ ଓ ଥିଏଟରଠାରୁ ଆରମ୍ଭ କରି ଛୋଟ ପ୍ରୟୋଗ ଓ ଭିଜୁଆଲ ଆର୍ଟ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକାରର ପ୍ରଦର୍ଶନ ପାଇଁ ବର୍ଷସାରା ଉତ୍ସର୍ଗୀକୃତ ଭିନ୍ନ ଭିନ୍ନ ସ୍ଥାନ ଉପଲବ୍ଧ ରହିଛି। ଏଠାରେ କଳା ଥିଏଟର କିମ୍ବା ଗ୍ୟାଲେରୀ କାନ୍ଥ ମଧ୍ୟରେ ସୀମିତ ରହି ନାହିଁ। ଏହି କେନ୍ଦ୍ରର ସାର୍ବଜନିକ ସ୍ଥାନରେ ୫୬ ଫୁଟ ଉଚ୍ଚ କମଳ (ପଦ୍ମ) କୁ, ଛୋଟ ଘୁଙ୍ଗୁରୁ ଗୁଡିକରେ ନିର୍ମିତ ମୁମ୍ବାଇ ପରିଦୃଶ୍ୟ ବା ସ୍କାଏଲାଇନର ଚିତ୍ରଣ ଏବଂ ଜାପାନୀ କଳାକାର ୟାୟୋଇ କୁସମାଙ୍କ 'କ୍ଲାଉଡ୍' ଭଳି କଳାକୃତି ପ୍ରଦର୍ଶିତ ହୋଇଛି। ଓଡ଼ିଶା ଜନ୍ମିତ ଚିତ୍ରଶିଳ୍ପୀ ଜଗନ୍ନାଥ ପଣ୍ଡା ପୃଥିବୀର ଗୁରଣ (ଆର୍ଥସ ହ୍ୱିସପର) ସହିତ ଏହି ଫ୍ରେମକୁ ସମ୍ପ୍ରସାରିତ କରିଛନ୍ତି, ଯେଉଁଥିରେ ସେ ପୃଥିବୀକୁ ପରସ୍ପର ସହିତ ଯୋଡି ହୋଇ ରହିଥିବା ଅନେକ ବିଶ୍ୱର ଏକ ଶୃଙ୍ଖଳା ଭାବରେ ଉପସ୍ଥାପନ କରିଛନ୍ତି ଏବଂ ଆମେ ରହୁଥିବା ଏକ ବୃହତ୍ତର ପରିବେଶ ସହିତ ଆମର ସମ୍ପର୍କର ପ୍ରତିଫଳନକୁ ଆମନ୍ତ୍ରିତ କରିଛନ୍ତି। ଏହା ସହିତ, ରିଲାଏନ୍ସ ଫାଉଣ୍ଡେସନର ସ୍ୱଦେଶ ପ୍ରୟାସ ଭାରତୀୟ କାରିଗରୀ ଏବଂ ପାରମ୍ପରିକ ଶିଳ୍ପ କଳାକୁ ପ୍ରଦର୍ଶିତ କରୁଛି। ଏହା ସୁନିଶ୍ଚିତ କରୁଛି ଯେ ଆଧୁନିକ ଏବଂ ବିଶ୍ୱସ୍ତରୀୟ କଳା ମଧ୍ୟରେ ଭାରତୀୟ ଶିଳ୍ପ କଳା ଓ କାରିଗରୀ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏନଏମଏସିସି ଏବେ ମୁମ୍ବାଇ ବାହାରକୁ ମଧ୍ୟ ଏହାର ବିସ୍ତାର ଆରମ୍ଭ କରିଛି। ୬୧ତମ ଭେନିସ୍ ବିଏନଲେରେ ଇଣ୍ଡିଆ ପାଭିଲିୟନ୍‌ରେ ଏହାର ଅଂଶଗ୍ରହଣ ଭାରତୀୟ କଳାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ଏହି ନିରନ୍ତର ପ୍ରୟାସର ଏକ ଅଂଶ। ଚତୁର୍ଥ ବର୍ଷରେ 'ଦି ଗ୍ରେଟ୍ ଇଣ୍ଡିଆନ୍ ମ୍ୟୁଜିକାଲ୍'ର ପ୍ରତ୍ୟାବର୍ତ୍ତନ, 'ଚିକାଗୋ' ଏବଂ ଓସ୍କାର-ମନୋନୀତ ସଂଗୀତକାର ମ୍ୟାକ୍ସ ରିକ୍ଟରଙ୍କ ଦ୍ୱାରା ଭାରତରେ ପ୍ରଥମ ପ୍ରଦର୍ଶନ ମଧ୍ୟ ପ୍ରସ୍ତାବିତ ରହିଛି। ଏହି ତିନି ବର୍ଷର ସଂଖ୍ୟା କେବଳ କାର୍ଯ୍ୟକ୍ରମଗୁଡ଼ିକର ସଂଖ୍ୟା ଦର୍ଶାଉଛି ତାହା ନୁହେଁ; ଏଗୁଡିକ ଦର୍ଶାଉଛି ଯେ ଭାରତରେ କଳା ଏବଂ ସଂସ୍କୃତି ପାଇଁ ଏବେ ଏଭଳି ଏକ ସ୍ଥାୟୀ ମଞ୍ଚ ସୃଷ୍ଟି ହୋଇଛି ଯେଉଁଠାରେ ଭାରତୀୟ ପରମ୍ପରା, ନୂଆ ତଥା ସମସାମୟିକ କଳା ଏବଂ ବିଶ୍ୱର ପ୍ରମୁଖ ଶୋ ଓ କାର୍ଯ୍ୟକ୍ରମ ଗୁଡିକୁ ଗୋଟିଏ ସାଂସ୍କୃତିକ ଛାତ ତଳେ ସ୍ଥାନ ପାଉଛନ୍ତି।

# ଶିକ୍ଷା ଓ ଜ୍ଞାନ ମାଧ୍ୟମରେ ଉପଭୋକ୍ତା ସଂପ୍ରଦାୟକୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର, ୮।୯ (ନି.ପ୍ର):** ଦକ୍ଷିଣ ଓଡ଼ିଶାରେ ଡିଜିଟାଲ ସାକ୍ଷରତାକୁ ବଢ଼ାଇବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ଡିଜିଟାଲ ସଶକ୍ତିକରଣ ପଦକ୍ଷେପମାନ ଗ୍ରହଣ କରାଯାଇଛି । ଏହି ଯୋଜନା ଅଧିନରେ ଟିପିଏସ୍‌ଓଡିଏଲ୍ କାର୍ଯ୍ୟକ୍ଷେତ୍ର ଅଧିନରେ ଆସୁଥିବା ୮ ଜିଲ୍ଲାର ୪୦ଟି ଗ୍ରାମପଞ୍ଚାୟତ ଅଧିନରେ ୮୦ ହଜାର ପରିବାରଙ୍କ ନିକଟରେ ପହଞ୍ଚିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ଘରକୁ ଘର ଯାଇ ସଚେତନତା ସୃଷ୍ଟି, ଗ୍ରାମସ୍ତରୀୟ ବୈଠକ ଏବଂ ସଚେତନତା ଶିବିର ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଡିଜିଟାଲ ସେବା ଓ ପ୍ରଯୁକ୍ତି ସହିତ ଲୋକଙ୍କୁ ଅଧିକ ପରିଚିତ ଏବଂ ସହଜ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏହି ପଦକ୍ଷେପରେ ବିଶେଷ ଭାବେ ଯୁବକଯୁବତୀ, କୃଷକ, ଗୃହିଣୀ, କ୍ଷୁଦ୍ର ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରାଯାଉଛି । ହିତାଧିକାରୀମାନଙ୍କୁ ଅନଲାଇନ୍ ସେବା, ଡିଜିଟାଲ ପ୍ଲାଟଫର୍ମ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନାର ସୁବିଧା ନେବା ପାଇଁ ସଶକ୍ତ କରାଯାଉଛି। ଏଥିସହିତ ପିଏମ୍-କିଷାନ୍, ସିଏମ୍-କିଷାନ୍, ପିଏମ୍-ସୂର୍ଯ୍ୟଘର ମୁଫତ୍ ବିଜଳି ଯୋଜନା, ପିଏମଜେଜେବିୱାଇ ଓ ଆୟୁଷ୍ମାନ ଭାରତ ଭଳି ପ୍ରମୁଖ ଯୋଜନାକୁ ପ୍ରାଧାନ୍ୟ ଦିଆଯାଉଛି।

ଏହି ପଦକ୍ଷେପରେ ଚାରିଟି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଉଛି-ଡିଜିଟାଲ




ସାକ୍ଷରତା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନତା, ସାଇବର ସୁରକ୍ଷା ଓ ଆର୍ଥିକ ସାକ୍ଷରତା, ସୌର ଶକ୍ତି ସମ୍ପର୍କରେ ସଚେତନତା ଏବଂ ଇ-ବିଲିଂ ଓ ଡିଜିଟାଲ ପେମେଣ୍ଟ ସମ୍ପର୍କରେ ସଚେତନତା । ଆଲୋଚନା ଓ ବାର୍ତ୍ତାଳାପ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ସୁରକ୍ଷିତ ଭାବେ ଇଣ୍ଟରନେଟ୍ ବ୍ୟବହାର, ଠକେଇରୁ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହିତ ଅକ୍ଷୟ ଶକ୍ତି, ଡିଜିଟାଲ କାରବାର, ଅନଲାଇନ୍ ବିଦ୍ୟୁତ ବିଲ୍ ପେମେଣ୍ଟ ଏବଂ ଡିଜିଟାଲ ଆଲର୍ଟ, ନୋଟିଫିକେସନ୍ ଓ ପପ୍-ଅପ୍‌ର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି। ଏହି କାର୍ଯ୍ୟକ୍ରମ ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ଏପର୍ଯ୍ୟନ୍ତ ପ୍ରାୟ ୫,୦୦୦ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିଛି । ଜିଲ୍ଲାୱାରୀ ଭାବେ ଗାମରେ ୧,୨୩୦, ଗଜପତିରେ ୫୫୫, କନ୍ଧମାଳରେ ୫୧୨, ବୌଦ୍ଧରେ ୪୮୭, କୋରାପୁଟରେ ୭୯୫, ମାଲକାନଗିରିରେ ୫୨୧, ରାୟଗଡ଼ାରେ ୩୬୬ ଏବଂ ନବରଙ୍ଗପୁରରେ ୪୫୧ ଜଣ ହିତାଧିକାରୀ ଏହାର ସୁବିଧା ପାଇଛନ୍ତି। ଏହି ପ୍ରୟାସ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ଡିଜିଟାଲ ସଚେତନତା ବଢ଼ାଇବା ସହିତ ସରକାରୀ କଲ୍ୟାଣମୂଳକ ଯୋଜନା ଓ ଅନଲାଇନ୍ ସେବାର ଉତ୍ତମ ବ୍ୟବହାର ପାଇଁ ସମୁଦାୟକୁ ସକ୍ଷମ କରୁଛି। ଏଥିସହିତ ସାଇବର ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ସହିତ ସ୍ୱଚ୍ଛ ଶକ୍ତି, ଇ-ବିଲିଂ ଏବଂ ଡିଜିଟାଲ ପେମେଣ୍ଟ ଗ୍ରହଣକୁ ମଧ୍ୟ ଉତ୍ସାହିତ କରାଯାଉଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଆଜିର ଦିନରେ ସାକ୍ଷରତା କେବଳ ପଢ଼ିବା ଓ ଲେଖିବାରେ ସୀମିତ ନୁହେଁ।

# ବିପୁଳ ପରିମାଣର ଦେଶୀ ମଦ ଜବତ : ମହିଳା ବ୍ୟବସାୟୀ ଗିରଫ

**ବଲାଙ୍ଗୀ, ୮।୯ (ନି.ପ୍ର):** ବଲାଙ୍ଗୀ ଥାନା ଅନ୍ତର୍ଗତ ଗୋଡ଼ିମାଳ ଛକରେ ବଲାଙ୍ଗୀ ପୋଲିସ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମହିଳା ଜଣଙ୍କ ହେଲେ ଗୋଡ଼ିମାଳ ଗ୍ରାମର ପ୍ରକାଶ ସାହାଣୀଙ୍କ ପତ୍ନୀ ନମିତା ସାହାଣୀ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଆଜି ସନ୍ଧ୍ୟାରେ ନମିତା ନିଜ ଘରେ ବିପୁଳ ପରିମାଣର ଦେଶୀ ମଦ ରଖି ଚୋରା କାରବାର କରୁଥିବା ନେଇ ବଲାଙ୍ଗୀ ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଥାନା ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ଉ କରି ନମିତାକୁ ଗିରଫ କରି ତା ନିକଟରୁ ୩୦ଲିଟର ଦେଶୀ ମଦ ଜବତ କରିଥିଲା।

# ୪୧ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

**ରାଉରକେଲା, ୮।୯ (ନି.ପ୍ର) :** ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରାୟୋଜିତ ତଥା ରାଉରକେଲା ସରକାରୀ ଡାକ୍ତରଖାନା ର ଚକ୍ଷୁ ବିଭାଗ ଓ ଇସ୍ପାତ ଜେନେରାଲ ହସ୍ପିଟାଲର ଚକ୍ଷୁ ବିଭାଗର ମିଳିତ ଆନୁକୂଲ୍ୟରେ ୪୧ ତମ ଜାତୀୟ ଚକ୍ଷୁଦାନ ପକ୍ଷ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ୱନ୍ଦରେ ଚକ୍ଷୁ ଦାନ କରନ୍ତୁ, ମୃତ୍ୟୁ ପରେ ମଧ୍ୟ ଆପଣଙ୍କ ଚକ୍ଷୁ ଦୁନିଆକୁ ଦେଖୁଥିବ ଥିମ୍ କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଆରଜିଏଚ ର ଡେପୁଟି ସୁପରିଟେଣ୍ଡେଣ୍ଟ ଡାକ୍ତର ପଣ୍ଡିତ ସାହୁ,ଆଇଜିଏଚ ର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଜୟନ୍ତ ଆଚାର୍ଯ୍ୟ,ଆଇଏମଏ ର ସଭାପତି ଡାକ୍ତର ଅମିତ ମହାପାତ୍ର,ଆରଜିଏଚ ଚକ୍ଷୁ ବିଭାଗର ମୁଖ୍ୟ ଡାକ୍ତର ସମୀର ପାତ୍ର ଓ ଆଇଜିଏଚ ର ଚକ୍ଷୁ ବିଭାଗର ମୁଖ୍ୟ ଡାକ୍ତର ଅନିମା ଟିଗା ପ୍ରମୁଖ ଯୋଗଦେଇ ଚକ୍ଷୁ ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଏହି ଅବସରରେ କହିଲେ ଯେ ସେ ଜିଲ୍ଲାର ବହୁ ଉପାନ୍ତ ଅଞ୍ଚଳ ବୁଲି ସେଠାରେ ଚକ୍ଷୁ ଶିବିର କରିଛନ୍ତି। ଯେତେବେଳେ ଶିବିରରେ ଜଣେ ବ୍ୟକ୍ତି କୁ ଚଷମା ଟେ ଦିଆଯାଏ ସେତେବେଳେ ସେମାନଙ୍କ ଖୁସି ଦେଖି



ମନରେ ଆତ୍ମସନ୍ତୋଷ ମିଳିଥାଏ। ତେବେ ସେ ଏଥିପାଇଁ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥି ଡାକ୍ତର ସାହୁ ତାଙ୍କ ବକ୍ତବ୍ୟରେ କହିଲେ ଯେ ଆରଜିଏଚ ରେ ୩୭ ଜଣଙ୍କର କର୍ଣ୍ଣିଆ ପ୍ରତ୍ୟାରୋପଣ କରାଯାଇଛି। ସେଥି ମଧ୍ୟରୁ ଜଣଙ୍କର ଅସଫଳ ହୋଇଛି।

ତେବେ ସରକାର ଅନ୍ଧତ୍ୱ ଦୂର କରିବା ପାଇଁ ବହୁ ଯୋଜନା କରିଛନ୍ତି। ଅନ୍ୟତମ ଅତିଥି ଡାକ୍ତର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଲେ ଯେ ଚକ୍ଷୁ ଦାନ ଏକ ସମ୍ବେଦନଶୀଳ ନିଷ୍ପତ୍ତି। ଜଣେ ଚକ୍ଷୁଦାନ କଲେ ଦୁଇଜଣ ଦୁନିଆକୁ ଦେଖିପାରିବେ। ଅତିଥି ଡାକ୍ତର ମହାପାତ୍ର ତାଙ୍କ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ଏକ ଭଲ ପଦକ୍ଷେପ। ସେମାନଙ୍କ ମାଧ୍ୟମରେ ଏ ସମ୍ପର୍କରେ ସଚେତନତା ବାର୍ତ୍ତା ସମାଜରେ ପହଞ୍ଚି ପାରିବ ବୋଲି ମତ ରଖିଥିଲେ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ ଅନୁଷ୍ଠିତ

# ନିରକ୍ଷରତାର ଅନ୍ଧକାର ଦୂର କରୁଛି 'ଉଲ୍ଲାସ'



**କୋଇଡା ୮/୯(ନି.ପ୍ର):** ନିରକ୍ଷରତା ଦୂରୀକରଣ ସହ ସମାଜର ପ୍ରତ୍ୟେକ ମଣିଷଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାର ଆହ୍ୱାନ ଦେଇ କୋଇଡାରେ ଆନ୍ତର୍ଜାତିକ ସାକ୍ଷରତା ଦିବସ କୋଇଡାସ୍ଥିତ ଭଞ୍ଜପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ଉଲ୍ଲାସ କାର୍ଯ୍ୟକ୍ରମ ମାଧ୍ୟମ ରେ କୋଇଡା ବ୍ଲକ ର ପାଞ୍ଚ ହଜାର ରୁ ଉର୍ଦ୍ଧ ନିରକ୍ଷର ଜନସାଧାରଣଙ୍କୁ ସାକ୍ଷର କରାଯାଇଥିବା ସୂଚନା ମିଳିଛି। ଏହି ଅବସରରେ କୋଇଡା ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରୁ ଏକ ବିରାଟ ଶୋଭାଯାତ୍ରା ବାହାରି କୋଇଡା ବସ ଷ୍ଟାଣ୍ଡ, ମୁଖ୍ୟ ବଜାର ପରିକ୍ରମା କରି ଭଞ୍ଜପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପହଂଚି ଥିଲା ଓ ଏହି ଶୋଭାଯାତ୍ରା ରେ ଭଞ୍ଜପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ଓ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନେ ହାତରେ ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମ ଜନସାଧାରଣ ଙ୍କୁ ଶିକ୍ଷିତ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଭଞ୍ଜପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭା ଗୃହ ଠାରେ ଏକ ସଭା ଆୟୋଜିତ କରାଯାଇଥିଲା। ସହାୟକ ଗୋଷ୍ଠି ଅଧିକାରୀ କୋଇଡା ଭରତ ରଞ୍ଜନ ମହାନ୍ତି ଙ୍କ ଅଧକ୍ଷତା ରେ ଆୟୋଜିତ ଏହି ସଭା ରେ କୋଇଡା ବ୍ଲକ ର ବିଭିନ୍ନ ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୁ ଆସିଥିବା ଶତାଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯୋଗଦାନ କରିଥିଲେ। ସ୍ୱେଚ୍ଛାକୃତ ଭାବରେ ଉଲ୍ଲାସ କାର୍ଯ୍ୟକ୍ରମ ମାଧ୍ୟମ ରେ ଉପାନ୍ତ ଅଞ୍ଚଳ ର ହଜାର ହଜାର ନିରକ୍ଷର ଜନସାଧାରଣ ମାନଙ୍କୁ ନିରକ୍ଷର ରୂପି ଅନ୍ଧକାର ରୁ ମୁକ୍ତ କରି ଶିକ୍ଷା ରୂପକ ଆଲୋକ ପ୍ରଦାନ ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସହାୟକ ଗୋଷ୍ଠି ଶିକ୍ଷା ଅଧିକାରୀ ଭରତ ରଞ୍ଜନ ମହାନ୍ତି ସଭାରେ ଉପସ୍ଥିତ ଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ସାଧୁବାଦ ଅର୍ପଣ କରିଥିଲେ। ଆଗାମୀ ବର୍ଷ କିପରି ଭାବେ କୋଇଡା ବ୍ଲକ ରେ ଚଳିତ ବର୍ଷ ଠାରୁ ଅଧିକାଂଶ ନିରକ୍ଷର ଲୋକ ମାନଙ୍କୁ ଶିକ୍ଷା ଦାନ କରାଯାଇ ପାରିବ ସେଥି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ପରିଶେଷରେ ପ୍ରଶାନ୍ତ ପରିଡା ସଭାରେ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସାଧୁ ବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

## ୩୨ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟା

# ଡକ୍ଟର ପିୟାଲ ଭଟ୍ଟାଚାର୍ଯ୍ୟଙ୍କ ଚିଦାକାଶ କଲାଳୟ ମାର୍ଗନାଟ୍ୟ "ସୌଗନ୍ଧିକାହରଣମ୍"କୁ ଜୀବନ୍ତ କଲା

**ଭୁବନେଶ୍ୱର , ୮।୯ (ନି.ପ୍ର) :** ସୃଜନ - ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟାରେ ଡ. ପିୟାଲ ଭଟ୍ଟାଚାର୍ଯ୍ୟଙ୍କ ନୃତ୍ୟନାଟ୍ୟ ରଚନା "ସୌଗନ୍ଧିକା ହରଣମ୍"ର ଏକ ମାର୍ଗନାଟ୍ୟ ପ୍ରଦର୍ଶନ ସହିତ ଶାସ୍ତ୍ରୀୟ କଳାର ହୃଦୟସ୍ପର୍ଶୀ ଉତ୍ସବକୁ ଜାରି ରଖିଥିଲା।

ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀଗୁରୁ ଡକ୍ଟର ଅରୁଣା ମହାନ୍ତି, ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀଗୁରୁ ଶ୍ରୀମତୀ କୁମକୁମ ମହାନ୍ତି, ଖ୍ୟାତନାମା ମର୍ଦ୍ଦଳ ବାଦକଗୁରୁ ଧନେଶ୍ୱର ସ୍ୱାଇଁ,ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱଶ୍ରୀ ପ୍ରବୋଧ ରଥ, ସୃଜନରନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ଙ୍କରୁ ରତିକାନ୍ତ ମହାପାତ୍ର।

ସନ୍ଧ୍ୟାର ମୁଖ୍ୟ ପ୍ରସ୍ତୁତି ଓଡ଼ିଶାରେ ପ୍ରଥମଥର ପାଇଁ ମାର୍ଗନାଟ୍ୟର ଅନୁଭବ ଆଣିଥିଲା - ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରର ପ୍ରାଚୀନ ମାର୍ଗ ପରମ୍ପରାର ନାଟ୍ୟର ଏକ ପୁନରୁଜ୍ଜୀବନ। ଚିଦାକାଶ କଲାଳୟ-ସେଣ୍ଟର ଅଫ୍ ଆର୍ଟ ଆଣ୍ଡ ଡିଭିନିଟି ଦ୍ୱାରା ପ୍ରସ୍ତୁତସଂସ୍କୃତ ନାଟକ ସୌଗନ୍ଧିକାହରଣମ୍



କୁ ଦର୍ଶକମାନେ ଦେଖିଥିଲେ। ସୌଗନ୍ଧିକାହରଣମ୍ ଦ୍ରୌପଦୀଙ୍କ ଇଚ୍ଛା ପୂରଣ କରିବା ପାଇଁ ଦିବ୍ୟ ସୌଗନ୍ଧିକା ପୁଷ୍ପ ଆଣିବାରେ ଭୀମଙ୍କ ଅନ୍ୱେଷଣକୁ ଉନ୍ମୋଚିତ କରିଥିଲା। ଭୀମଙ୍କ ଅନିୟନ୍ତ୍ରିତ ଶକ୍ତି ପବିତ୍ର ଗନ୍ଧମାଦନ ବନକୁ ବିଚଳିତ କରିବାରୁ, ହନୁମାନ ଜଣେ ବୃଦ୍ଧ ବାନର ରୂପରେ ହସ୍ତକ୍ଷେପ କରିଥିଲେ, ଚତୁରତା, ପ୍ରଜ୍ଞା ଏବଂ ତାଙ୍କ ବିସ୍ମୟଜନକ ବିଶ୍ୱରୂପର ପ୍ରକାଶ ମାଧ୍ୟମରେ ଭୀମଙ୍କ ଗର୍ବକୁ ବିନମ୍ର କରିଥିଲେ। ହନୁମାନଙ୍କ ଆଶୀର୍ବାଦ ଏବଂ କୁବେରଙ୍କ ଅନୁମତି ପାଇ ଭୀମ ସୌଗନ୍ଧିକା ପୁଷ୍ପ ନେଇ ଫେରିଥିଲେ, ଯଦିଓ, ଜଣେ ପରିବର୍ତ୍ତିତ ବ୍ୟକ୍ତି ଭାବେ - ସଂଯମ, ବିନମ୍ରତା ଏବଂ ପ୍ରକୃତ ଶକ୍ତିର ଶିକ୍ଷା ଲାଭ କରି।ପ୍ରଦର୍ଶନୀ ଦଳରେ ହନୁମାନ ଭୂମିକାରେ ସାୟକ ମିତ୍ର; ଭୀମ ଭୂମିକାରେ ଇନ୍ଦରପାଲ ସିଂହ; କୁବେର ଏବଂ ଜଣେ ଯୁବ ବାନର ଭୂମିକାରେ ସୁଭେନ୍ଦୁ ଘୋଷ; ଜଣେ ଅପସରା ଏବଂ ଜଣେ ଯୁବ ବାନର ଭୂମିକାରେ ଅମୃତା ଦତ୍ତା; ସୌଗନ୍ଧିକପୁଷ୍ପ ଭୂମିକାରେ ନିଖିଲ ବୋରା; ଏବଂ ଅପସରା ଭୂମିକାରେ ଅମୃତା ଅଧିକାରୀ, ସୃଜନୀ ବିଶ୍ୱାସ, ମୌମିତା ଧର, ଏବଂ ସ୍ମୃତି ମଜୁମଦାର ଥିଲେ। ପ୍ରଦର୍ଶନୀ ପାଇଁ ସୁନ୍ଦର ଆଲୋକସଜ୍ଜା ଶ୍ରୀ ଦିନେଶ ପୋଦାରଙ୍କ ଦ୍ୱାରା ପରିକଳ୍ପିତ ଏବଂ କାର୍ଯ୍ୟକାରୀ କରାଯାଇଥିଲା, ଯେଉଁଥିରେ ଶ୍ରୀ ସୁଭାଷ ଦାସ ସହଯୋଗ କରିଥିଲେ, ନିର୍ଦ୍ଦେଶନା ଆଚାର୍ଯ୍ୟ ପିୟାଲ ଭଟ୍ଟାଚାର୍ଯ୍ୟକରିଥିଲେ ଏବଂ ଏଥିରେ ଶ୍ରୀ ସାୟକ ମିତ୍ରଙ୍କ ରଚିତ ସଙ୍ଗୀତ ପରିବେଷିତ ହୋଇଥିଲା।ଏହି ପ୍ରସ୍ତୁତି ଏହାର ସୂକ୍ଷ୍ମତା ପ୍ରତି ଧ୍ୟାନ ପାଇଁ ବିଶେଷ ଭାବେ ଉଲ୍ଲେଖନୀୟ ହୋଇଥିଲା, ଶାସ୍ତ୍ରୀୟ ଭାଷା ଏବଂ ପ୍ରତୀକାତ୍ମକ ମଞ୍ଚ ସାମଗ୍ରୀର ବ୍ୟବହାରଠାରୁ ଆରମ୍ଭ କରି ପ୍ରାଚୀନ ବାଦ୍ୟବୃନ୍ଦ ପର୍ଯ୍ୟନ୍ତ। ଅଭିନେତାମାନେ ନିଜ ନିଜ ଚରିତ୍ରର ସୂକ୍ଷ୍ମ ଚିତ୍ରଣ ପ୍ରଦାନ କରିବା ସହିତ ଆକର୍ଷଣ ଏବଂ ଉପସ୍ଥିତିରେ ମଞ୍ଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଚିଦାକାଶ କଲାଳୟର ଅଭିନେତା-କେନ୍ଦ୍ରିକ ପ୍ରଦର୍ଶନ ରବୀନ୍ଦ୍ର ମଣ୍ଡପର ମଞ୍ଚକୁ ରୂପାନ୍ତରିତ କରି, ନୃତ୍ତ, ଗୀତ, ବାଦ୍ୟ ଏବଂ ଅଭିନୟକୁ ସମନ୍ୱିତ କରି ଗଭୀର ଆଧ୍ୟାତ୍ମିକ ଭାବଧାରା ସହିତ ଦର୍ଶକମାନଙ୍କୁ ଏକ ଅନନ୍ୟ ଇନ୍ଦ୍ରିୟଗତ ଅନୁଭବ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମଟିକୁଡକ୍ଟର ମୃତ୍ୟୁଞ୍ଜୟ ରଥ ସୁନ୍ଦର ଭାବେ ପରିଚାଳନା କରିଥିଲେ।



## ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ୪୩ନଂ ୱାର୍ଡ ଶୀର୍ଷରେ କର୍ପୋରେଟର ଓ ସଫେଇ ସଂସ୍ଥା 'ପ୍ରତ୍ୟୁଷ'ର ଭୂମିକା ପ୍ରଶଂସନୀୟ

**କଟକ, ୮।୯ (ନି.ପ୍ର) :** କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ–୨୦୨୬ରେ କଟକ ମହାନଗର ନିଗମ (କେଏମସି) ଉଲ୍ଲେଖନୀୟ ସଫଳତା ହାସଲ କରିଛି। କେଏମସିର ୫୯ଟି ୱାର୍ଡ ମଧ୍ୟରୁ ୪୩ନଂ ୱାର୍ଡକୁ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଦୃଷ୍ଟିରୁ ଶ୍ରେଷ୍ଠ ୱାର୍ଡ ଭାବେ ମନୋନୀତ କରାଯାଇଛି।

ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ସ୍ୱଚ୍ଛ ବାୟୁ ଦିବସ ଅବସରରେ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ୪୩ନଂ ୱାର୍ଡର ନାମ ଘୋଷଣା କରାଯାଇଛି। ଖୁବ୍‌ଶୀଘ୍ର ପ୍ରଶାସନ ପକ୍ଷରୁ ଏହି ୱାର୍ଡକୁ ସମ୍ମାନିତ କରାଯିବ। ୪୩ନଂ ୱାର୍ଡର ଏହି ସଫଳତା ପଛରେ ସ୍ଥାନୀୟ ୱାର୍ଡବାସୀଙ୍କ ସହଯୋଗ ସହିତ ୱାର୍ଡର କର୍ପୋରେଟରଙ୍କ ନିରନ୍ତର ପ୍ରୟାସ ଏବଂ ସଫେଇ ସଂସ୍ଥା 'ପ୍ରତ୍ୟୁଷ'ର ଭୂମିକା ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଶେଷକରି ଘରକୁ ଘର ଯାଇ ଆବର୍ଜନା ସଂଗ୍ରହ କରିବା, ରାସ୍ତାଘାଟରେ ଜମୁଥିବା ଆବର୍ଜନାକୁ ନିୟମିତ ସଫା କରିବା, ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳିକନ୍ଦିକୁ ପରିଷ୍କାର ରଖିବା ଏବଂ ସାଧାରଣ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ 'ପ୍ରତ୍ୟୁଷ'ର କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ରହିଥିବା କୁହାଯାଇଛି । ସ୍ୱଚ୍ଛ ପରିବେଶ ପଛରେ କର୍ପୋରେଟରଙ୍କ ପ୍ରୟାସ ସହ ସଫେଇ କର୍ମଚାରୀଙ୍କୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଉଥିବା ବେଳେ ଆଗାମୀ ଦିନରେ ୪୩ନଂ ୱାର୍ଡକୁ ପୁରସ୍କୃତ କରିବା ସହ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଫେଇ ସଂସ୍ଥା 'ପ୍ରତ୍ୟୁଷ'କୁ ମଧ୍ୟ ସମ୍ମାନିତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ମହାନଦୀ ବନ୍ଧ ନିକଟ ହରିଣ ପାର୍କ ପରିଦର୍ଶନ କଲେ ମେୟର ସୁବାସ ସିଂହ

## ହରିଣଙ୍କ ସୁରକ୍ଷା, ପାର୍କର ପରିବେଶ ଓ ଭିତ୍ତିଭୂମି ବ୍ୟବସ୍ଥାର ସମୀକ୍ଷା

**କଟକ, ୮।୯ (ନି.ପ୍ର):** କଟକ ମହାନଗର ନିଗମ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ପଦ, ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ଆଜି ମହାନଦୀ ବନ୍ଧ କଡ଼ରେ ଅବସ୍ଥିତ ହରିଣ ପାର୍କ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ କର୍ପୋରେଟର ଶ୍ରୀ ବିକାଶ ବେହେରା ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ମେୟର ଶ୍ରୀ ସିଂହ ପାର୍କରେ ଥିବା ହରିଣମାନଙ୍କ ଅବସ୍ଥା, ସେମାନଙ୍କ ପାଇଁ ଉପଲବ୍ଧ ପରିବେଶ, ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ହରିଣମାନଙ୍କ ସ୍ୱାଭାବିକ ଚଳପ୍ରଚଳ ଓ ସୁରକ୍ଷିତ ପରିବେଶ ନିଶ୍ଚିତ କରିବା ଉପରେ ସେ ବିଶେଷ ଧ୍ୟାନ ଦେଇଥିଲେ। ପାର୍କ ପରିସରରେ ଥିବା ବୃକ୍ଷଲତା, ହରିତ ପରିବେଶ, ହରିଣମାନଙ୍କ ଆଶ୍ରୟସ୍ଥଳ, ପାନୀୟ ଜଳ ବ୍ୟବସ୍ଥା ଓ ପାର୍କର ଅନ୍ୟାନ୍ୟ



ଭିତ୍ତିଭୂମି ମଧ୍ୟ ମେୟର ଅନୁଧ୍ୟାନ କରିଥିଲେ। ପାର୍କକୁ ଏକ ସୁନ୍ଦର, ସବୁଜ ଓ ପରିବେଶ ଅନୁକୂଳ ସ୍ଥାନ ଭାବେ ଅଧିକ ବିକଶିତ କରିବା ସହିତ ଜୀବଜନ୍ତୁଙ୍କ ଯତ୍ନ ଓ ସୁରକ୍ଷାକୁ ପ୍ରାଥମିକତା ଦେବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ମେୟର ଶ୍ରୀ ସୁବାସ ସିଂହ କହିଥିଲେ ଯେ, କଟକ ସହରର ବିକାଶ କେବଳ ରାସ୍ତାଘାଟ ଓ ଭିତ୍ତିଭୂମି ନିର୍ମାଣରେ ସୀମିତ ନୁହେଁ; ସହରର ସବୁଜିମା, ପ୍ରାକୃତିକ ପରିବେଶ ଓ ଜୀବଜନ୍ତୁଙ୍କ ସୁରକ୍ଷା ମଧ୍ୟ ସହର ବିକାଶର ଏକ ଅବିଚ୍ଛିନ୍ନ ଅଂଶ। ତେଣୁ ଏଭଳି ପ୍ରାକୃତିକ ସ୍ଥାନଗୁଡ଼ିକର ସୁରକ୍ଷା ସହିତ ଏହାର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି କହିଥିଲେ ଯେ, ହରିଣ ପାର୍କ କେବଳ ଏକ ଜୀବଜନ୍ତୁ ଆଶ୍ରୟସ୍ଥଳ ନୁହେଁ, ଏହା କଟକବାସୀଙ୍କ ପାଇଁ ପ୍ରକୃତି ଓ ଜୀବଜଗତ ସହିତ ଯୋଡ଼ି ହେବାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଶିଶୁ, ଯୁବପିଢ଼ି ଓ ସାଧାରଣ ଲୋକଙ୍କ ମଧ୍ୟରେ ଜୀବଜନ୍ତୁ ସୁରକ୍ଷା ଓ ପରିବେଶ ସଚେତନତା ବୃଦ୍ଧି କରିବାରେ ଏହି ପାର୍କର ଗୁରୁତ୍ୱ ରହିଛି। ପରିଦର୍ଶନ ସମୟରେ କର୍ପୋରେଟର ଶ୍ରୀ ବିକାଶ ବେହେରା ପାର୍କ ସମ୍ପର୍କିତ ବିଭିନ୍ନ ବିଷୟ ମେୟରଙ୍କ ଦୃଷ୍ଟିକୁ ଆଣିଥିଲେ। ପାର୍କର ସୌନ୍ଦର୍ଯ୍ୟକରଣ, ପରିଷ୍କାର ପରିଚ୍ଛନ୍ନତା, ହରିଣମାନଙ୍କ ଯତ୍ନ ଏବଂ ପରିଦର୍ଶକମାନଙ୍କ ପାଇଁ ଆବଶ୍ୟକ ସୁବିଧା ବୃଦ୍ଧି ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ମେୟରଙ୍କ ଏହି ପରିଦର୍ଶନ ମାଧ୍ୟମରେ ସହରର ପରିବେଶ ସୁରକ୍ଷା, ଓ ଜୀବଜନ୍ତୁଙ୍କ ପ୍ରତି ସମ୍ବେଦନଶୀଳତା ପ୍ରତି କଟକ ମହାନଗର ନିଗମର ଗୁରୁତ୍ୱ ସ୍ପଷ୍ଟ ହୋଇଛି। କଟକକୁ ଏକ ସ୍ୱଚ୍ଛ, ସବୁଜ, ସୁସ୍ଥ ଓ ପରିବେଶ ଅନୁକୂଳ ମହାନଗର ଭାବେ ଗଢ଼ି ତୋଳିବା ପାଇଁ ନାଗରିକଙ୍କ ସହଯୋଗ ସହ ଏଭଳି ପଦକ୍ଷେପ ଜାରି ରହିବ ବୋଲି ମେୟର ଶ୍ରୀ ସୁବାସ ସିଂହ ପ୍ରକାଶ କରିଥିଲେ।

## ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣୀ

**ଧର୍ମଶାଳା,୮ ।୯(ନି.ପ୍ର):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁମାରୀସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଧାୟକ ହିମାଂଶୁ ଶେଖର ସାହୁ ଆଜି ନିଜ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ଅଭିଯୋଗ ଓ ଆପତି ଶୁଣି ସମସ୍ୟାର ସମାଧାନ କରିଛନ୍ତି । ବିଧାୟକ ଶ୍ରୀ ସାହୁ ନିଜର କର୍ମୀମାନଙ୍କ ସହ ଉପସ୍ଥିତ ରହି କାର୍ଯ୍ୟାଳୟକୁ ବିଭିନ୍ନ ସ୍ଥାନରୁ ଆସିଥିବା ଲୋକମାନଙ୍କ ସମସ୍ୟା ଶୁଣି ତୁରନ୍ତ ସମସ୍ୟାର ସମାଧାନ କରିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଦୁରଦୁରାନ୍ତ ସ୍ଥାନରୁ ଆଜି ଶହ ଶହ ସଂଖ୍ୟାରେ ଲୋକମାନେ ଆସି ବିଧାୟକଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ବିଧାୟକ ତୁରନ୍ତ ଅନେକ ସମସ୍ୟାର ସମାଧାନ କରିବା ସହିତ ସମୟ ସାପେକ୍ଷ ସମସ୍ୟା ଗୁଡିକ ଯଥାଶିଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗ ଦାୟିତ୍ୱରେ ଥିବା ବିଜେପି କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜନ ଅଭିଯୋଗ ଶୁଣାଣୀରେ ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକମାନଙ୍କ ବିଜେପି କାର୍ଯ୍ୟାଳୟରେ



ଭିଡ ଲାଗିରହିଥିଲା । ଜଣକ ପରେ ଜଣଙ୍କର ସମସ୍ୟାକୁ ବିଧାୟକ ଶୁଣି ତାହାର ସମାଧାନ କରିଥିଲେ । ବିଧାୟକ ଶ୍ରୀ ସାହୁ ଲୋକମାନଙ୍କ ଠାରୁ ସେମାନଙ୍କର ଅଭିଯୋଗ ଶୁଣୀ ଏହାର ସମାଧାନ କରିବା ସହିତ ନିଜ ନିର୍ବାଚନ ମଣ୍ଡଳୀର ସାଧାରଣ ଲୋକମାନଙ୍କ ସହିତ ମିଶିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେକରିଛନ୍ତି । ବିଧାୟକ ଶ୍ରୀ ସାହୁ ନିଜ କାର୍ଯ୍ୟାଳୟରେ ସାଧାରଣ ଲୋକମାନଙ୍କ ଅଭିଯୋଗ ଓ ଆପତି ଶୁଣି ଏହାର ସମାଧାନ ଉଦ୍ୟମ କରାଯିବାକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି ।

## ପରିବେଶ ସୁରକ୍ଷା ନିମନ୍ତେ ସ୍ୱଚ୍ଛତା ଓ ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗିତା



**ଯାଜପୁର, ୮।୯ (ନି.ପ୍ର):** ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ ଇଂଗ୍ଲିଶ ମିଡିୟମ ସ୍କୁଲ ସିନିୟର ସେକେଣ୍ଡାରୀ ସ୍କୁଲ ପରିସରରେ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆନୁକୂଲ୍ୟରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା , ଯେପରିକି ତର୍କ ପ୍ରତିଯୋଗିତା ଓ ଗଠନମୂଳକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଅଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ବିଷୟ ଯଥା – ସ୍ୱଚ୍ଛତା ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ , ସ୍ୱଚ୍ଛ ଭବିଷ୍ୟତ ପାଇଁ ବୃକ୍ଷରୋପଣ , ଅର୍ଥନୀତି ଓ ପରିବେଶ – ଏହି ପରି ବିଭିନ୍ନ ସଚେତନତା ମୂଳକ ବିଷୟର ମହତ୍ତ୍ୱ ଉପରେ ଛାତ୍ରଛାତ୍ରୀ ମାନେ ନିଜର ମତ ରଖିଥିଲେ। ପରିବେଶ ବିଜ୍ଞାନୀ ହିମାଂଶୁ ଶେଖର ସାହୁ ଓ ରାକେଶ ବାରିକ , ଗୀତାଞ୍ଜଳି ମଲ୍ଲିକ , ଅନୁପମା ଜେନା ଆଦି ଆଞ୍ଚଳିକ ପ୍ରଦୂଷଣ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଏଥିରେ ଗ୍ଲୋରିୟସ ଇଂଗ୍ଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ସାହୁ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସୁପରିଚାଳନା କରିଥିଲେ। ଅନୁଷ୍ଠିତ ତର୍କ ପ୍ରତିଯୋଗିତାରେ ସିନିୟର ବିଭାଗରେ ସ୍ୱୟମ ସମ୍ଭବ ସାହୁ ପ୍ରଥମ , ଦେବାଙ୍ଗି ସେନାପତି ଦ୍ୱିତୀୟ ଓ ବଂଶୀତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ସିନିୟର ଚିତ୍ରାଙ୍କନ ପ୍ରତିଯୋଗିତାରେ ବୈଷ୍ଣବୀ ନାୟକ ପ୍ରଥମ , ସୁହାନା ସାହୁ ଦ୍ୱିତୀୟ ଓ ମନୋସ୍ମିତା ସାମଲ ତୃତୀୟ ସ୍ଥାନ ହାସଲ କରିଥିଲେ। ଜୁନିୟର ବିଭାଗରେ ତର୍କ ପ୍ରତିଯୋଗିତାରେ ସୋନାକ୍ଷୀ ବୈଶାଖ ପ୍ରଥମ , ତେଜସ୍ୱିନୀ ନାୟକ ଦ୍ୱିତୀୟ ଓ ଅଙ୍କିତା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ ଏବଂ ଜୁନିୟର ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଶିଷ ସିଂ ପ୍ରଥମ , ସୋନାଦ୍ରି ତନୟା ସାହୁ ଦ୍ୱିତୀୟ ଓ ଲିପ୍ସା ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ଶେଷରେ ସମସ୍ତ ବିଭାଗର କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପୁରସ୍କୃତ କରାଯାଇଥିଲା ଓ ଉକ୍ତ କାର୍ଯ୍ୟକ୍ରମଟି ଅତି ଉଚ୍ଚକୋଟିର ଓ ସରସ ସୁନ୍ଦର ହୋଇଥିବାରୁ ବିଦ୍ୟାଳୟର ସେକ୍ରେଟାରୀ ଡକ୍ଟର ଅଭୟ ପତି ଓ ସଭାପତି ଆଡଭୋକେଟ ଅସ୍ମିତା ପତି ସମସ୍ତଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ମାଲକାନଗିରି, ୮।୯(ନି.ପ୍ର):** ଗଞ୍ଜେଇ ଚୋରାଚାଲାଣ ମାମଲାରେ ବିଚାରାଧୀନ କୈଦିଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଉତ୍ତେଜନା ଦେଖା ଦେଇଛି। ମୃତ କୈଦିଙ୍କ ପରିବାର ଲୋକେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ମୃତଦେହକୁ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣାରେ ବସିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ବେଗୁଣିଆପଡ଼ା ଗ୍ରାମର କବିରାଜ ରାଉତ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇ ମାଲକାନଗିରି ଉପକାରାଗାରରେ ବିଚାରାଧୀନ କୈଦି ଭାବେ ରହୁଥିଲେ। ତେବେ



ଗତକାଲି ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ମେଡିକାଲକୁ ଆଣିବା ସମୟରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ, ମୃତ କୈଦିଙ୍କ ପରିବାର ଏହାକୁ ସହଜରେ ଗ୍ରହଣ କରିନାହାନ୍ତି। ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରି ସେମାନେ ମୃତଦେହକୁ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ମେଡିକାଲ ପରିସରରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଦେଇଥିଲା। ଘଟଣାର ଖବର ପାଇ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ପରିସ୍ଥିତିକୁ ଶାନ୍ତ କରାଯାଇ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପୋଲିସ ଓ ଡାକ୍ତରଙ୍କ ଉପସ୍ଥିତିରେ ଶବବାହକ ଗାଡ଼ି ଯୋଗେ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଛି। ତେବେ ବିଚାରାଧୀନ ଏକଦୀଦିଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ? ଚିକିତ୍ସାରେ ପ୍ରକୃତରେ ଅବହେଳା ହୋଇଥିଲା କି? ନା ଅନ୍ୟ କୌଣସି କାରଣରୁ ଘଟିଛି ମୃତ୍ୟୁ। ଏହାର ଉତ୍ତର ଏବେ ପୋଷ୍ଟମର୍ଟମ ରିପୋର୍ଟ ଉପରେ ନିର୍ଭର କରୁଛି। ପୋଷ୍ଟମର୍ଟମ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ତେଣୁ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବା ନେଇ ଅପେକ୍ଷା ରହିଛି।

### ମିଲେନିୟମ୍ ସିଟି ମାର୍କେଟ୍ ଓ ସେନ୍‌ସୋରିଆଲ୍ ପାର୍କ ଉଦ୍‌ଘାଟିତ

## ଅଟଳ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ନଗର ଉନ୍ନୟନ ମନ୍ତ୍ରୀ

**କଟକ, ୮।୯ (ନି.ପ୍ର):** କଟକ ସହରରେ ନାଗରିକ ସୁବିଧା ଓ ଆଧୁନିକ ସାର୍ବଜନୀନ ସ୍ଥାନର ବିକାଶ ଦିଗରେ ଆଉ ଏକ ପଦକ୍ଷେପ ନିଆଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ) ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କଟକ ସେକ୍ଟର–୯ରେ 'ମିଲେନିୟମ୍ ସିଟି ମାର୍କେଟ୍ କମ୍ପ୍ଲେକ୍ସ' ଏବଂ ଇନ୍ଦ୍ରିୟ ବିକାଶ ଓ ବିଜ୍ଞାନ ଉଦ୍ୟାନ (ସେନ୍‌ସୋରିଆଲ୍ ପାର୍କ) ଉଦ୍ ?ଘାଟନ କରିଛନ୍ତି। ଏଥିସହ ସେକ୍ଟର–୧୩ରେ ପ୍ରସ୍ତାବିତ 'ଅଟଳ ପାର୍କ' ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। 'ମିଲେନିୟମ୍ ସିଟି ମାର୍କେଟ୍ କମ୍ପ୍ଲେକ୍ସ' ମାଧ୍ୟମରେ ସହରବାସୀଙ୍କ ପାଇଁ ଅଧିକ ସୁସଂଗଠିତ ଓ ଉନ୍ନତ ବାଣିଜ୍ୟିକ ଭିତ୍ତିଭୂମି ଉପଲବ୍ଧ ହେବ। ଏହା ନାଗରିକଙ୍କ ଆବଶ୍ୟକତା ପୂରଣ ସହ ସହରର ବାଣିଜ୍ୟିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ସେହିପରି, ସେନ୍‌ସୋରିଆଲ୍ ପାର୍କକୁ ବିଜ୍ଞାନଭିତ୍ତିକ ଓ ଶିକ୍ଷଣୀୟ ପାର୍କ ଭାବେ ବିକଶିତ କରାଯାଇଛି। ବିଭିନ୍ନ ବୈଜ୍ଞାନିକ ଧାରଣାକୁ ଇଣ୍ଟରଆକ୍ଟିଭ୍ ଓ ମନୋରଞ୍ଜନଧର୍ମୀ ଢଙ୍ଗରେ ଜାଣିବାର ସୁଯୋଗ ଏଠାରେ ମିଳିବ। ବିଶେଷକରି ଶିଶୁ ଓ ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ାଇବା ସହ ବିଜ୍ଞାନକୁ ସହଜ, ଆକର୍ଷଣୀୟ ଓ ଆନନ୍ଦଦାୟକ ଭାବେ ବୁଝାଇବା ଏହି ପାର୍କର ମୁଖ୍ୟ ଉଦ୍ଦେଶ୍ୟ। ଶିକ୍ଷା, ମନୋରଞ୍ଜନ ଓ ପ୍ରାକ୍ଟିକାଲ୍ ଅନୁଭୂତିର ସମନ୍ୱୟରେ ଏହାକୁ ଏକ ଖୋଲା ସାର୍ବଜନୀନ ସ୍ଥାନ ଭାବେ ବିକଶିତ କରାଯାଇଛି। ଅନ୍ୟପକ୍ଷରେ, ସେକ୍ଟର–୧୩ରେ 'ଅଟଳ ପାର୍କ' ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଏହି



ପାର୍କ କଟକ ସହରର ସାର୍ବଜନୀନ ମନୋରଞ୍ଜନ ଭିତ୍ତିଭୂମିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ। ଏଠାରେ ନାଗରିକଙ୍କ ପାଇଁ ଆଧୁନିକ ସବୁଜ ପରିବେଶ ସହ ସାମାଜିକ ମିଳନସ୍ଥଳ ଉପଲବ୍ଧ ହେବ। ଏହି ଅବସରରେ ଡ. ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାର କଟକ ସହରର ବିକାଶକୁ ପ୍ରାଥମିକତା ଦେଇଛନ୍ତି। କଟକ ଏକ ଐତିହାସିକ ଓ ଐତିହ୍ୟସମ୍ପନ୍ନ ସହର ହୋଇଥିବାରୁ ଏହାର ସାମଗ୍ରିକ ବିକାଶ ଦିଗରେ ଆଗାମୀ ଦିନରେ ଏକାଧିକ ପ୍ରକଳ୍ପ ହାତକୁ ନିଆଯିବ। ଯୋଜନାବଦ୍ଧ ନଗରୀୟ ବିକାଶ ସହ ନାଗରିକ ସୁବିଧାରେ ଉନ୍ନତି ଏବଂ ଉତ୍ତମ ସାର୍ବଜନୀନ ସ୍ଥାନ ସୃଷ୍ଟି ଉପରେ ସରକାରଙ୍କ ଫୋକସ୍ ରହିଛି ବୋଲି ସେ କହିଥିଲେ। ମନ୍ତ୍ରୀ ଆହୁରି କହିଥିଲେ ଯେ, ଆଧୁନିକ ଭିତ୍ତିଭୂମି, ମନୋରଞ୍ଜନ ସୁବିଧା ଓ ସୁସଂଗଠିତ ବାଣିଜ୍ୟିକ ସ୍ଥାନର ବିକାଶ ନାଗରିକଙ୍କ ଜୀବନଧାରଣର ମାନକୁ ଆହୁରି ଉନ୍ନତ କରିବ। ଏଥିସହ କଟକର ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ପରିଚୟକୁ ମଧ୍ୟ ଏହା ଆହୁରି ସମୃଦ୍ଧ କରିବ। ଏହି ପ୍ରକଳ୍ପଗୁଡ଼ିକ କଟକରେ ଯୋଜନାବଦ୍ଧ ନଗରୀୟ ବିକାଶ ସହ ସମସ୍ତଙ୍କ ପାଇଁ ସୁଗମ, ସ୍ଥାୟୀ ଓ ନାଗରିକ–କେନ୍ଦ୍ରିକ ଭିତ୍ତିଭୂମି ନିର୍ମାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର–କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, କେଡିଏର ଉପାଧ୍ୟକ୍ଷା କିରଣଦୀପ କୌର ସହୋତାଙ୍କ ସମେତ କେଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟର ଶ୍ରେଷ୍ଠ ମାଧ୍ୟମିକ ଶିକ୍ଷାନୁଷ୍ଠାନ ତାଲିକାରେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନିତ

**କାକଟପୁର, ୮/୯ (ନି.ପ୍ର):** ଶିକ୍ଷା, ଶୃଙ୍ଖଳା, ସହ ଶୈକ୍ଷିକ କାର୍ଯ୍ୟକ୍ରମ ଓ ବିଦ୍ୟାଳୟର ସାମଗ୍ରିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରରେ ଗୌରବ ଅର୍ଜନ କରିଛି। ୨୦୨୫ ମସିହା ପାଇଁ ରାଜ୍ୟର ଶ୍ରେଷ୍ଠ ମାଧ୍ୟମିକ ଶିକ୍ଷାନୁଷ୍ଠାନ ତାଲିକାରେ ସ୍ଥାନ ପାଇବା ସହିତ ଏହି ବିଦ୍ୟାଳୟ ପୁରୀ ଜିଲ୍ଲାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ମାନ୍ୟତା ହାସଲ କରିଛି। ଏହି ସଫଳତା ପାଇଁ ବିଦ୍ୟାଳୟକୁ ସମ୍ମାନଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ। କାକଟପୁର ଅଞ୍ଚଳର ଏହି ପୁରାତନ ଶିକ୍ଷାନୁଷ୍ଠାନ ଦୀର୍ଘବର୍ଷ ଧରି ଗୁଣାତ୍ମକ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ପ୍ରୟାସ କରିଆସୁଛି। ଶିକ୍ଷାଦାନରେ ସାମଗ୍ରିକ କୃତିତ୍ୱ, ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟକ୍ରମର ସଫଳ ପରିଚାଳନା, ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା, ବିଦ୍ୟାଳୟର ଭିତ୍ତିଭୂମି ଓ ସାମଗ୍ରିକ ବିକାଶ ଆଦିକୁ ବିଚାରକୁ ନେଇ ଏହି ସମ୍ମାନ ପାଇଁ ବିଦ୍ୟାଳୟ



ମନୋନୀତ ହୋଇଛି। ବିଦ୍ୟାଳୟର ଏହି ସଫଳତା ପଛରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱ ଓ ଦକ୍ଷ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏଥିପାଇଁ ତାଙ୍କୁ ସମ୍ମାନିତ କରାଯିବ। ସେହିପରି ବିଦ୍ୟାଳୟର ବିକାଶ, ପରିଚାଳନା ଓ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସକ୍ରିୟ ଭୂମିକା ଓ ଦୃଢ଼ ପଦକ୍ଷେପ ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ରୀନାଲତା ପରିଡ଼ା ମଧ୍ୟ ପୁରସ୍କୃତ ହେବେ। ଏଥିସହିତ ୨୦୨୪ ମସିହାର ସାମଗ୍ରିକ ସଫଳତା ପାଇଁ ବିଦ୍ୟାଳୟକୁ ଜିଲ୍ଲାସ୍ତରରେ ମଧ୍ୟ ପୁରସ୍କୃତ କରାଯିବ। ଦକ୍ଷ ଆଲୁମୁନି କମିଟି ଭାବେ ବିଦ୍ୟାଳୟର ଆଲୁମୁନି କମିଟିକୁ ସମ୍ମାନିତ କରାଯିବା ସହିତ ଏହାର ପ୍ରତିନିଧି ତଥା ବିଶିଷ୍ଟ ଶିକ୍ଷାବିତ୍ ପୀତବାସ ଦୀକ୍ଷିତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ବିଦ୍ୟାଳୟର ଏହି ଐତିହାସିକ ସଫଳତା ପଛରେ ମା' ମଙ୍ଗଳାଙ୍କ ଆଶୀର୍ବାଦ ସହିତ ଜିଲ୍ଲା ଶିକ୍ଷା ପ୍ରଶାସନର ସହଯୋଗ, ଶୁଭେଚ୍ଛା ଓ ନିରପେକ୍ଷ ବିଚାର ପ୍ରକ୍ରିୟାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ବିଦ୍ୟାଳୟର ବରିଷ୍ଠ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ପ୍ରତାପ ରାଉତ ପ୍ରକାଶ କରିଛନ୍ତି। ଏହି ଗୌରବମୟ ସଫଳତା ପାଇଁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ସରୋଜିନୀ ହାନସ୍‌ଦା ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମଦ୍ୟପାନ କରି ବାଇକ ଚଳାଇବା ଅଭିଯୋଗ : ବାଇକ ଜବତ

**ବଳଙ୍ଗା, ୮।୯ (ନି.ପ୍ର) :** ମଦ୍ୟପାନ କରି ବାଇକ ଚଳାଇବା ଅଭିଯୋଗରେ ବଳଙ୍ଗା ପୋଲିସ ବାଇକ ଚାଳକ ବିରୁଦ୍ଧରେ ଥାନାରେ ମାମଲା ରୁଜୁ କରିବା ସହ ବାଇକକୁ ଜବତ କରିଛି। ସୋମବାର ରାତିରେ ବଳଙ୍ଗା ଥାନା ଏସ ଆଇ ଅତଶି ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଏହି ଥାନା ଅନ୍ତର୍ଗତ ବଳଙ୍ଗା - ସାତଶଙ୍ଖ ରାସ୍ତାର ରଥପୁରୁଷୋତ୍ତମ ପୁର ଛକରେ ରାତ୍ର କାଳୀନ ପାଟ୍ରୋଲିଂ କରୁଥିଲେ । ଏହି ଥାନା ଅନ୍ତର୍ଗତ ସାନ ଗାଁର ପିଣ୍ଟୁ ବଢେଇ ନାମକ ଜଣେ ଯୁବକ ସାତଶଙ୍ଖ ପଟୁ ବେପରୁଆ ଭାବେ ଅତ୍ୟନ୍ତ ଦୃତ ଗତିରେ ଆସୁଥିବା ବେଳେ ପୋଲିସ ଟିମ୍ ଅଟକାଇ ଥିଲା । ପୋଲିସ ଟିମ ପିଣ୍ଟୁ କୁ ଯାଞ୍ଚ କରିବାରେ ସେ ଅତ୍ୟନ୍ତ ମଦ୍ୟ ପାନ କରିଥିବା ଜଣା ପଡିଥିଲା। ପରେ ପୋଲିସ ଟିମ ପିଣ୍ଟୁ ସହ ବାଇକକୁ ଜବତ କରି ଥାନାକୁ ଆଣିଥିଲା।

## ଏସଆଇଆର ରୋଲ ପର୍ଯ୍ୟବେକ୍ଷକଙ୍କ ପୁରୀ ଜିଲ୍ଲା ଗସ୍ତ

**ପିପିଲି,୮।୯ (ନି.ପ୍ର):** ଏସ ଆଇ ଆର କାର୍ଯ୍ୟ ପାଇଁ ନିଯୁକ୍ତ ରୋଲ ପର୍ଯ୍ୟବେକ୍ଷକ ତଥା ଏମ ଏସ ଏମ ଇ ବିଭାଗର କମିଶନର-କମ୍-ସଚିବ ଶ୍ରୀମତୀ ରଶ୍ମିତା ପଣ୍ଡା, ଦ୍ୱିତୀୟ ଥର ପାଇଁ ପୁରୀ ଜିଲ୍ଲା ଗସ୍ତ କରିଥିଲେ । ସେ ୧୧୦- ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପରିଦର୍ଶନ କରି ଏସ ଆଇ ଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ସର୍ବାଧିକ ଯୋଗ ଓ ବିୟୋଗ ରିପୋର୍ଟ କରିଥିବା ବୁଥଗୁଡ଼ିକର ସୁପର୍-ଚେକିଂ କରିଥିଲେ। ପୁରୀ ଜିଲ୍ଲାରେ ଏସ ଆଇ ଆର କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ।ଏହି



ଗସ୍ତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ବିଡ଼ିଓ ସରୋଜ କୁମାର ରାଉତ ପ୍ରମୁଖ ଙ୍କ ସହ ବିଏଲଓ,ବିଏଲଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

## ୮୩ତମ ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

**ରାୟଗଡ଼,୮/୯ (ନି.ପ୍ର):** ରାୟଗଡ଼ ଜିଲ୍ଲା ପରିଷଦର ୮୩ତମ ଜିଲ୍ଲା ପରିଷଦ ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯିବା ସହ ଶିକ୍ଷା, ରାସ୍ତା ଓ ସେତୁ, ପାନୀୟଜଳ, ଛାତ୍ରାବାସ, ପରିମଳ ଓ ଜନସେବା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ମାନ୍ୟବର ବିଧାୟକ ରାୟଗଡ ଶ୍ରୀ କାଡ୍ରାକା ଆପାଲା ସ୍ୱାମୀ, ମାନ୍ୟବର ବିଧାୟକ ବିଷମକଟକ ଶ୍ରୀ ନୀଳମାଧବ ହିକକା, ମାନ୍ୟବର ବିଧାୟକ ଗୁଣପୁର ଶ୍ରୀ ସତ୍ୟଜିତ ଗମାଙ୍ଗୋ, ମାନ୍ୟବର ସାଂସଦ ପ୍ରତିନିଧି ଶ୍ରୀ ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ଜନପ୍ରତିନିଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିକାଶ କାର୍ଯ୍ୟର ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ମତବିନିମୟ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ସମୟରେ ଜିଲ୍ଲାରେ ଲୋକଙ୍କୁ ଉନ୍ନତ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗରେ ମାନବ ସମ୍ବଳ/କର୍ମଚାରୀ ନିଯୁକ୍ତି ଏବଂ ରୋଗୀଙ୍କୁ ଅନାବଶ୍ୟକ ଭାବେ ଅନ୍ୟ ଜିଲ୍ଲାକୁ ରେଫର୍ ? ନକରି, ଜିଲ୍ଲା ମଧ୍ୟରେ ସମ୍ଭବ ସମସ୍ତ ଚିକିତ୍ସାସେବା ଯୋଗାଇବା ଉପରେ ଆଲୋଚନା ହୋଇଥିଲା। ଏଥିସହ ଖାଦ୍ୟ ନିରୀକ୍ଷଣ (Food Inspection) କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ଏବଂ ଜନସାଧାରଣଙ୍କୁ ନିରାପଦ ଓ ଗୁଣାତ୍ମକ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସର ଉପଲବ୍ଧତା




ଓ ତ୍ୱରିତ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା, CHCଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆବଶ୍ୟକ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସମୟୋପଯୋଗୀ କରିବା ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଟିକା ସମୟୋପଯୋଗୀ ଭାବେ ପହଞ୍ଚାଇବା ଓ ବଣ୍ଟନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ରାୟଗଡ଼ R&B ବିଭାଗ ଅଧୀନରେ ରାସ୍ତା ଓ ସେତୁ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପିତ ହୋଇଥିଲା। R&B Division-II ଅଧୀନରେ ମୋଟ ୫୧୧.୫୮୦ କି.ମି. ରାସ୍ତା ରହିଥିବା ବେଳେ R&B Division-I ଅଧୀନରେ ମୋଟ ୪୪୧.୨୦୯ କି.ମି. ରାସ୍ତା ରହିଛି। ବୈଠକରେ ଗୁଣୁପୁର–ପୁଟସିଂ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ, ପାରଳାଖେମୁଣ୍ଡି ବର୍ଡର–ବାଙ୍ଗି ଜଙ୍କସନ ରାସ୍ତାର ୪-ଲେନ୍ କାର୍ଯ୍ୟ, ବିଷମକଟକ–କୁଟ୍ରାଗଡ଼ ରାସ୍ତା ଏବଂ ଡୁକୁମ–ଦୁର୍ଗୀ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ବିଭାଗର ସମୀକ୍ଷା ସମୟରେ ଆଗାମୀ ବୋର୍ଡ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ A1A2 ଗ୍ରେଡ୍‌ରେ ସଫଳ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନରେ ଉନ୍ନତି ପାଇଁ ବିଦ୍ୟାଳୟସ୍ତରରେ ଅତିରିକ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ବିଶେଷକରି ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଅତିରିକ୍ତ କ୍ଲାସ୍ ଆୟୋଜନ କରାଯାଉଥିବା ନେଇ ବୈଠକରେ ଅବଗତ କରାଯାଇଥିଲା। ବିଦ୍ୟାଳୟ ଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ସଚେତନତା ଅଭିଯାନ, CCTV ସ୍ଥାପନ, ଛାତ୍ରାବାସର ସୁରକ୍ଷା ଏବଂ ନିୟମିତ Parent-Teacher Meeting ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପୁରୁଷ ଛାତ୍ରାବାସଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ୱାର୍ଡେନ୍ ନିଯୁକ୍ତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ NGO ସହଯୋଗରେ କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରାବାସରେ ଶୌଚାଳୟ ଓ ପରିମଳ ବ୍ୟବସ୍ଥାର ଉନ୍ନତି, ଆବଶ୍ୟକ ମରାମତି ଓ ଭିତ୍ତିଭୂମିର ସୁଧାର ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଥିଲା। ଜଡ଼ଫଡ଼ ବିଭାଗର କାର୍ଯ୍ୟ ସମୀକ୍ଷା ସମୟରେ ବିଭିନ୍ନ ଅଞ୍ଚଳରେ ପାନୀୟଜଳ ସମସ୍ୟା ଓ ଏହାର ତୁରନ୍ତ ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜଳସଙ୍କଟ ଦେଖାଦେଉଥିବା ଅଞ୍ଚଳରେ ତ୍ୱରିତ ପଦକ୍ଷେପ, ଆବଶ୍ୟକସ୍ଥଳରେ ବୋରୱେଲ୍ ସ୍ଥାପନ ଏବଂ ନିରନ୍ତର ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ଉପରେ ବିଭାଗକୁ ପ୍ରାଥମିକତା ଦେବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ, ଗୁଣବତ୍ତା ସହିତ ସମ୍ପନ୍ନ କରିବା ସହ ସରକାରୀ ଯୋଜନା ଓ ଜନକଲ୍ୟାଣମୂଳକ ସେବାର ସୁଫଳ ଜିଲ୍ଲାର ଶେଷ ସୀମାରେ ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ପାରାଦୀପ ପୌରପାଳିକା ପକ୍ଷରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ଜୋରଦାର ଚଢ଼ାଉ

**ପାରାଦୀପ,୮/୯ (ନି.ପ୍ର):** ପାରାଦୀପ ପୌରପାଳିକା ପକ୍ଷରୁ ପାରାଦୀପ ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ



ନିୟନ୍ତ୍ରଣ ବୋର୍ଡ ସହଯୋଗରେ ମଙ୍ଗଳବାର ଦିନ ବଡପଡ଼ିଆ ମାର୍କେଟ ରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ, ଥର୍ମକଲ, ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ର ବ୍ୟବହାର, ବିକ୍ରୟ ଓ ବଣ୍ଟନ ବିରୋଧରେ ଏକ ଜୋରଦାର ପ୍ରବର୍ତ୍ତନମୂଳକ ଚଢ଼ାଉ କରାଯାଇଥିଲା। ଏହି ଅଭିଯାନ ସମୟରେ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ର ବିତରକ ଓ ଯୋଗାଣକାରୀ ମାନଙ୍କ ଉପରେ ବିଶେଷ ନଜର ଦିଆଯାଇଥିଲା କ୍ଷ ଚଢ଼ାଉ ସମୟରେ ବଡପଡ଼ିଆ ମାର୍କେଟର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ପ୍ରାୟ ୪୫୦ କେଜି ପଲିଥିନ, ଥର୍ମକଲ ଓ ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଜବତ କରାଯାଇଥିଲା। ନିଷିଦ୍ଧ ସାମଗ୍ରୀ ର ବ୍ୟବହାର ଓ ଯୋଗାଣ କରୁଥିବା ଉଲ୍ଲଙ୍ଘନକାରି ମାନଙ୍କ ଠାରୁ ବିଶେଷକରି ବିତରକ ମାନଙ୍କ ଠାରୁ ୧୬.୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ତେବେ ପରିବେଶ ସୁରକ୍ଷା ନିୟମର କଡାକଡି ପ୍ରବର୍ତ୍ତନ, ସ୍ୱଚ୍ଛତା ବଜାୟ ରଖିବା ଏବଂ ପ୍ଲାଷ୍ଟିକମୁକ୍ତ, ପରିଷ୍କାର ଓ ପରିବେଶ ଅନୁକୂଳ ପାରାଦୀପ ଗଠନ ନିମନ୍ତେ ପୌରପାଳିକା ଓ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ର ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସୂଚନା ଦେଇଛନ୍ତି।

# ଛେଣ୍ଡିପଦା : ବୈତରଣୀ ୱେଷ୍ଟ କୋଇଲା ଖଣି ଖନନ କାର୍ଯ୍ୟ ନେଇ ଉତ୍ତେଜନା

## ପ୍ରକଳ୍ପ ଅଧିନ ୬ ଟି ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାଙ୍କ ବିରୋଧ, ଖଣି ଖନନ କାର୍ଯ୍ୟ ବନ୍ଦ କଲେ ଆନ୍ଦୋଳନକାରୀ

ଛେଣ୍ଡିପଦା(ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ମାଛକୁଟା ଜଙ୍ଗଲ ଗ୍ରାମ ଚାରିବାଟି ଛକ ଠାରେ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ଆଠଟା ବେଳେ ପ୍ରସ୍ତାବିତ ବୈତରଣୀ ୱେଷ୍ଟ କୋଲ୍ ପ୍ରୋଜେକ୍ଟ ସକାଶେ ଜମି ଅଧିଗ୍ରହଣ ହୋଇଥିବା ଜାଗା ଉପରେ କୋଇଲା ଖଣି ଖନନ କାର୍ଯ୍ୟ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଆରମ୍ଭ କରିଥିଲେ । ଦାୟିତ୍ୱରେ ଥିବା କମ୍ପାନୀ ଅଧିକାରୀ ଏବଂ କର୍ମଚାରୀ ମାନେ ମାଟି ଖୋଳା ମେସିନ, କୋଇଲା ଖନନ ମେସିନ ,ଗଛ କଟା ମେସିନ, ଜଙ୍ଗଲ ସଫା କରିବା ପାଇଁ ବ୍ୟବହୃତ ବିଭିନ୍ନ ପ୍ରକାର ମେସିନ ଓ ଯନ୍ତ୍ରପାତି ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏ ସଂମ୍ପର୍କରେ ଖବର ପାଇ ଉପରୋକ୍ତ ପ୍ରକଳ୍ପ ଯୋଗୁଁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜା ମାନେ ଘଟଣା ସ୍ଥଳକୁ ପହଞ୍ଚିଥିଲେ । ଅଞ୍ଚଳ ବାସୀ ଙ୍କ କୌଣସି ମତାମତ ଓ ପରାମର୍ଶ ନନେଇ କମ୍ପାନୀ କର୍ତ୍ତୃପକ୍ଷ ମନୋମାନି କାର୍ଯ୍ୟ ସାଙ୍ଗକୁ ଅଯାଇ ଜବରଦସ୍ତ ଖଣି କାର୍ଯ୍ୟ କରିବା ଯୋଗୁଁ ତୀବ୍ର ଉତ୍ତ ?ଜନା ଦେଖାଦେଇଥିଲା । ଶହ ଶହ ସଂଖ୍ୟକ ଅଞ୍ଚଳ ବାସୀ ତୀବ୍ର ପ୍ରତିବାଦ କରିବା ସହ ଆନ୍ଦୋଳନ ଜୋରଦାର କରିଥିଲେ । ଏପରିକି ସେଠାରୁ ଅବିଲମ୍ବେ ମେସିନ ଓ ଯନ୍ତ୍ରପାତି ହଟାଇବା ପାଇଁ ଲୋକେ ଜିଦ୍ କରିଥିଲେ ।ଏ ନେଇ ଦୀର୍ଘ ସମୟ ଧରି କମ୍ପାନୀ ପଦାଧିକାରୀ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତି ତର୍କ ସାଙ୍ଗକୁ ଉତ୍ତ ?ଜନା ପରିସ୍ଥିତି ଦେଖାଦେଇଥିଲା । ଖବର ପାଇ ଛେଣ୍ଡିପଦା ଥାନା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଉପସ୍ଥିତ ଥିବା ଆନ୍ଦୋଳନକାରୀ ମାନଙ୍କୁ ବୁଝାସୁଝା କରିଥିଲେ । ତେବେ ଅଞ୍ଚଳ ବାସୀ ଙ୍କ ଦୃଢ଼ ଦାବି



ମୁତାବକ ମାଛକୁଟା ଗ୍ରାମ ପଞ୍ଚାୟତ ସରପଞ୍ଚ ଲିଖିତ ଭାବେ ଏହି ପ୍ରକଳ୍ପ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଏଗଉଉ କମ୍ପାନୀ କର୍ତ୍ତୃପକ୍ଷ ଓ ଥାନା ଅଧିକାରୀ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । କମ୍ପାନୀ ଓ ପୋଲିସ ପ୍ରଶାସନ ପକ୍ଷରୁ ଭରଶା ଯୋଗ୍ୟ ପ୍ରତିଶ୍ରୁତି ମିଳିଲା ପରେ ଯାଇ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ସୂଚନା ଯୋଗ୍ୟ ଯେ, ବୈତରଣୀ ୱେଷ୍ଟ କୋଲ୍ ବ୍ଲକ୍ ପରିଚାଳନା ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁଜୁରାଟ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥା ଗୁଜୁରାଟ ମିନେରାଲ୍ସ ଡେଭେଲପ ମେଣ୍ଟ କର୍ପୋରେସନ କମ୍ପାନୀକୁ ଗଡଉ ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ଯୋଗୁଁ ଛେଣ୍ଡିପଦା ଜଙ୍ଗଲ, ମାଛକୁଟା ଜଙ୍ଗଲ, ତେନ୍ତୁଲୋଇ କୋଡାସାହି, ହାଣ୍ଡିଗୋଡା, ପୋଡପଡା, ଖୁଣ୍ଟାନାଳୀ, ଜାମୁନାଳୀ ଗ୍ରାମର ପ୍ରାୟ ୧୧୯୬ ହେକ୍ଟର ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଜାରୀ ରହିଛି । ମାତ୍ର ଅଦ୍ୟାବଧି କମ୍ପାନୀ ପ୍ରଶାସନ ପକ୍ଷରୁ ଉପଯୁକ୍ତ କ୍ଷତି ପୂରଣ ରାଶି ପ୍ରଦାନ, ବିସ୍ଥାପନ ଥଇଥାନ, ସ୍ଥାୟୀ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନୟନ ଆଦି ସମସ୍ୟା ସମାଧାନ ନକରି କମ୍ପାନୀ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ଭୟଭୀତ କରି ଜୋରଜବରଦସ୍ତ କୋଇଲା ଖଣି ଖନନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅପଚେଷ୍ଟା କରୁଥିବା ଯୋଗୁଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ଦିଗରେ ଜନ ଜୀବନ ମାରଣ ନୀତି ଅବଲମ୍ବନ କରାଗଲେ ଆଗାମୀ ଦିନରେ କମ୍ପାନୀ ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜା ସଂଘ ପକ୍ଷରୁ ଏକ ପ୍ରେସ ବିବୃତିରେ କଡା ଚେତାବନୀ ଦିଆଯାଇଛି ।

# ନୂଆଁଖାଇ ପାଇଁ ୩ ଦିନ ଛୁଟି, କେନ୍ଦ୍ରୀୟ ବିଦ୍ୟାଳୟ ଚୟନ ପରୀକ୍ଷା ତାରିଖ ଘୁଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗିର,୦୮/୯ - ନୂଆଁଖାଇ ପାଇଁ ପଶ୍ଚିମ ଓଡିଶା ସାରା ଚଳଚଞ୍ଚଳ ହେଉଥିବା ବେଳେ, ଆଉ କିଛି ଦିନ ପରେ ନୂଆଁଖାଇ ପାଳିତ ହେ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କ ଜରିଆରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ନିମ୍ନ ରେ ଦାବି ଉପସ୍ଥାପନ କରିଛନ୍ତି । ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ନୂଆଁଖାଇ ଉପଲକ୍ଷେ ଆଲୋକ ସଜ୍ଜା, ସ୍ୱତନ୍ତ ପ୍ୟାକେଜ ଘୋଷଣା କରିବା, ଆଗାମୀ ସେପ୍ଟେମ୍ବର ୧୫ ନୂଆଁଖାଇ ପର୍ବ ଅନୁଷ୍ଠିତ ହେବାକୁ ଯାଉଛି । କେବଳ ବଲାଙ୍ଗିର ନୁହେଁ ବିଭିନ୍ନ ମନ୍ଦିର ମାନଙ୍କୁ ଆଲୋକସଜ୍ଜା କରିବା ପାଇଁ ଦେବାଳୟ ସୁରକ୍ଷା କମିଟି ଦାବି କରୁଛି । ରାଜ୍ୟ ବାହାରୁ ବିଭିନ୍ନ କାର୍ଯ୍ୟକର୍ମରେ ସରକାରୀ ବା ବେସରକାରୀ କର୍ମଚାରୀ କାର୍ଯ୍ୟରେ ରହୁଥିବା ବେଳେ ଏ ମାନଙ୍କ



ସୁବିଧା ପାଇଁ ତିନି ଦିନ ଛୁଟି ଘୋଷଣା କରିବା ପାଇଁ ଦାବି । ଆଗାମୀ ୧୫ ତାରିଖ ଦିନ ଗଣପର୍ବ ନୂଆଁଖାଇ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏ ଦିନ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ରେ ଚୟନ ପ୍ରକ୍ରିୟା ରଖାଯାଇଛି । ଏ ବାବଦକୁ ରାଜ୍ୟ ସରକାର ଗମ୍ଭିର ସହ ବିଚାର କରି ତାରିଖ ଘୁଂଚାଇବା ପାଇଁ ଦାବି । ଯେଭଳି ପଶ୍ଚିମ ଓଡିଶାର ଶିତଳ ଷଷ୍ଠୀ ପାଇଁ ପ୍ୟାକେଜ ଘୋଷଣା କରାଯାଉଛି ସେଭଳି ନୂଆଁଖାଇ ପାଇଁ ବିଭିନ୍ନ ଦେବାଦେବୀ ମନ୍ଦିରକୁ ସ୍ୱତନ୍ତ୍ର ପ୍ୟାକେଜ ଅନୁଦାନ ଦେବା ପାଇଁ ଦାବି । ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି କରିଛନ୍ତି । ଆଜିର ଏହି ଦାବିପତ୍ର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧକ୍ଷ ଭବାନୀ ଶଙ୍କର ଭୋଇ, ବିଭୁ କଲ୍ୟାଣ ଗଡତ୍ୟା, ଶୁଶାନ୍ତ କୁମାର ପ୍ରଧାନ, ଅଶୋକ ମେହେର ପ୍ରମୁଖ ସାମିଲ ଥିଲେ ।

# ସାଇବର ଠକେଇରେ ପୋଲିସର ତତ୍ପରତା : ୫ ଲକ୍ଷ ଫେରି ପାଇଲେ ନାଲକୋ ଅବସରପ୍ରାପ୍ତ କର୍ମଚାରୀ

ଅନୁଗୋଳ : ଯେତେ ସଚେତନ କଲେବି ସାଇବର ଲୁଟେରା ଲୋକଙ୍କୁ ଲୁଟି କଲବଲ କରୁଛନ୍ତି । ସ୍ଥାନୀୟ ଜିଲ୍ଲା ପୋଲିସ ପାଇଁ ଏହା ଏକ ମସ୍ତ ବଡ଼ ଆହ୍ୱାନ ହୋଇ ରହିଛି । ତଥାପି ପୋଲିସ ସାଇବର ଲୁଟେରା ମାନଙ୍କୁ ଧରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ଗତ ୭.୬.୨୦୨୬ ରେ ନାଲକୋ ର ଅବସରପ୍ରାପ୍ତ କର୍ମଚାରୀ ପ୍ରଶାନ୍ତ କୁମାର ନାୟକ ମୋବାଇଲ୍ ଦେଖୁଥିବା ବେଳେ ଏକ କଲ୍ ଆସିଲା । ଲୁଟେରା ଜଣକ ନିଜକୁ ଫାଷ୍ଟ ଟ୍ୟାଗ ସଂସ୍ଥା ର ପ୍ରତିନିଧି କହି

ବାର୍ଷିକ ଯୋଜନାରେ କିଭଳି ରିହାତି ମିଳିବ ସେଥିନେଇ ଶ୍ରୀ ନାୟକଙ୍କୁ ପ୍ରଲୋଭିତ କଲା । ଶ୍ରୀ ନାୟକ ଙ୍କୁ ଠକ ଜଣକ ଏକ ନିର୍ଦ୍ଦିଷ୍ଟ ଆପ ଇନଷ୍ଟଲ କରିବାକୁ କହି ଫସେଇ ଥିଲା ।ଶ୍ରୀ ନାୟକ ଏହା କରିବାରୁ ଯନୋ ଫଣ୍ଡ ଟ୍ରାନସ୍ଫର ଜରିଆରେ ଟଙ୍କା ଆକାଉଣ୍ଟ ରୁ ୧୫ ଲକ୍ଷ ଟଙ୍କା ଚାଲିଗଲା । ଏ ମାମଲାରେ ଥାନାରେ ଅଭିଯୋଗ ପହଞ୍ଚିବା କ୍ଷଣି ସାଇବର ସେଲ୍ ପକ୍ଷରୁ ତନାଘନା କରାଯାଇ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ଟଙ୍କା ତାଙ୍କ ଆକାଉଣ୍ଟ କୁ ଫେରାଇ ଅଣାଯାଇଛି ଏବଂ ଅବଶିଷ୍ଟ ଟଙ୍କା ଆଣିବାପାଇଁ ଚେଷ୍ଟା ଚାଲିଛି । ଅଭିଯୁକ୍ତ ଠକ କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ପୋଲିସ ବାରମ୍ବାର ସଚେତନ କଲେ ମଧ୍ୟ ଲୋକଙ୍କ ଅସାବଧାନତା ହେତୁ ଠକାମି ରେ ପଡୁଥିବା ପୋଲିସ ପ୍ରକାଶ କରିଛି । ସାଇବର୍ ଠକେଇ ପ୍ରତି ସତର୍କ ରହିବାକୁ ପୋଲିସ ଜନସାଧାରଣ ଙ୍କୁ ବାରମ୍ବାର ସଚେତନ କରି ଆସୁଛି ।

# ଅନୁଗୋଳ ପୋଲିସ ହଜି ଯାଇଥିବା ୧୬୦ ମୋବାଇଲ ଫେରାଇବା ସହ ବରିଷ୍ଠ ନାଗରିକମାନଙ୍କୁ ଆଇ କାର୍ଡ ବଣ୍ଟନ

ଅନୁଗୋଳ(ମନ୍ଥନ) : ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ସହ ଚୋରି ଛିନ୍ତାଇ ଆଦି କୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଛି ଅନୁଗୋଳ ପୋଲିସ । ସେହିଭଳି ବସଷ୍ଟାଣ୍ଡ , ବଜାର , ରେଳ ଷ୍ଟେସନ୍ , ହାଟ ଆଦି ରେ ମୋବାଇଲ ଚୋରି ହେଲେ କିମ୍ବା ହଜି ଯାଇଥିଲେ ସେଗୁଡ଼ିକୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଠାବ କରାଯାଇ ଅସଲ ମାଲିକ ମାନଙ୍କୁ ହସ୍ତାନ୍ତର କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଗତ ଜୁନ୍,୨୦୨୫ ରେ ୨୫ ଲକ୍ଷ ଟଙ୍କା ମୂଲ୍ୟର ୧୨୫ ଟି ମୋବାଇଲ ଫେରସ୍ତ କରାଯାଇଥିବା ବେଳେ, ଅକ୍ଟୋବର ରେ ୨୦ ଲକ୍ଷ ଟଙ୍କା ମୂଲ୍ୟର ୧୦୧ ଟି ମୋବାଇଲ, ଜାନୁୟାରୀ ୨୦୨୬ ରେ ୪୦ ଲକ୍ଷ ଟଙ୍କା ମୂଲ୍ୟର ୨୩୦ଟି ମୋବାଇଲ୍, ଏପ୍ରିଲ ୨୦୨୬ ରେ ୨୪ ଲକ୍ଷ ଟଙ୍କା ମୂଲ୍ୟର ୧୨୦ ଟି ମୋବାଇଲ୍, ଜୁଲାଇ ୨୦୨୬ ରେ ୨୧ ଲକ୍ଷ ଟଙ୍କା ମୂଲ୍ୟର ୧୦୫ ଟି ମୋବାଇଲ୍ ଏବଂ ଆଜି ୪୦ ଲକ୍ଷ ଟଙ୍କା ମୂଲ୍ୟର ୧୬୦ ଟି ମୋବାଇଲ୍ ଫେରସ୍ତ କରାଯାଇଥିଲା । ଏହିଭଳି ବର୍ତ୍ତମାନ ସୁଦ୍ଧା ମୋଟ ୮୪୧ ଟି ମୋବାଇଲ୍ ଲୋକଙ୍କୁ ଫେରସ୍ତ କରାଯାଇଛି ଯାହାର ମୂଲ୍ୟ ୧.୭୦ କୋଟି ହେବ । ଏହି ମେଳା ଦ୍ୱାରା ପୋଲିସ ସଂସ୍ଥା ଉପରେ ଲୋକଙ୍କ ଭରସା ବଢ଼ିଥିବା ଦେଖିବାକୁ ମିଳୁଛି ।ଆଜିର ଏହି ମୋବାଇଲ୍ ଫେରସ୍ତ ମେଳା ସହ ବରିଷ୍ଠ ନାଗରିକମାନଙ୍କୁ ଆଇ କାର୍ଡ ବଣ୍ଟନ



କରାଯାଇଥିଲା । ଏହି ଅବସରରେ ଆୟୋଜିତ ସମାରୋହରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହଜି ଯାଇଥିବା ମୋବାଇଲ୍ ଏବଂ ବରିଷ୍ଠ ନାଗରିକମାନଙ୍କୁ ଆଇ କାର୍ଡ ବଣ୍ଟନ କରିଥିଲେ । ଏହି ମେଳାରେ ଅନୁଗୋଳ ଏସପି ରାହୁଲ ଜୈନଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବସ୍ ରେ ଯାତ୍ରା କଲେ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ଗୋରିଶଙ୍କର ମାଝୀ

ନବରଙ୍ଗପୁର : ସାଧାରଣ ଲୋକଙ୍କ ସହ ଯୋଡ଼ି ହେବା ଓ ଜନସାଧାରଣଙ୍କ ଯାତାୟାତର ଅନୁଭୂତିକୁ ନିକଟରୁ ଜାଣିବା ପାଇଁ ଏକ ନିଆରା ପଦକ୍ଷେପ ନେଇଛନ୍ତି ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ



ଅଧକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ । ଭୁବନେଶ୍ୱରରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଙ୍ଫଜଞ୍ଚଉ) ଦ୍ୱାରା ପରିଚାଳିତ 'ଜଗନ୍ନାଥ ଏକ୍ସପ୍ରେସ' ବସ୍ ?ରେ ଯାତ୍ରା କରି ସେ ଆଜି ନବରଙ୍ଗପୁର ରେ ପହଞ୍ଚିଛନ୍ତି ।ବ୍ୟକ୍ତିଗତ ଯାନ କିମ୍ବା ଅନ୍ୟ ବିକଳ୍ପ ପରିବହନ ବ୍ୟବସ୍ଥା ପରିବର୍ତ୍ତ ? ସାଧାରଣ ପରିବହନ ରେ ଯାତ୍ରା କରି ଶ୍ରୀ ମାଝୀ ସାଧାରଣ ଯାତ୍ରୀଙ୍କ ଯାତାୟାତ ସମ୍ପର୍କିତ ଅନୁଭୂତିକୁ ନିକଟରୁ ଜାଣିବାର ସୁଯୋଗ ପାଇଛନ୍ତି । ଯାତ୍ରା ସମୟରେ ସେ ସହଯାତ୍ରୀ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିବା ଜଣାପଡ଼ିଛି ।ଜଣେ ଲୋକ ପ୍ରତିନିଧି ହୋଇ ସାଧାରଣ ଯାତ୍ରୀଙ୍କ ସହ ଏଭଳି ଯାତ୍ରା କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । 'ଜନତାଙ୍କ ପାଖରେ ନେତା, ଜନତାଙ୍କ ସହ ଯାତ୍ରା'—ବିଧାୟକଙ୍କ ଏହି ପଦକ୍ଷେପ ସାଧାରଣ ଲୋକଙ୍କ ସହ ତାଙ୍କର ସମ୍ପର୍କକୁ ଆହୁରି ନିକଟତର କରିବାର ଏକ ପ୍ରୟାସ ବୋଲି ଚର୍ଚ୍ଚା ହେଉଛି ।

# ରାଜନୈତିକ ଆକ୍ରୋଶ ଏବଂ ଆକ୍ରମଣ ଘଟଣାରେ ଜଣେ ଗିରଫ

କୁକୁଡାଖଣ୍ଡି,୮/୯ :ଗତ ମଙ୍ଗଳବାର ସନ୍ଧ୍ୟା ୮.୩୦ ଟା ସମୟରେ ଶିବ ଗୌଡ ନିଜ ବାସଭବନରେ ଥିବା ସମୟରେ ଚିରଞ୍ଜିବି ଓରଫ ବରାହ ଭେଙ୍କଟ ସଂଗ୍ରାମ ସିଂ(୩୬) ସେଠାରେ ପହଂଚି ଶିବ ଗୌଡକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମୁଥ ମାରିବା ସହ ଥୁଡିକୁ କାମୁଡି ଦେଇଥିଲେ । ଏନେଇ ଶିବ ଗୌଡ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା କେସ୍ ନଂ ୫୬୨/୨୦୨୬ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ଏସଂକ୍ରାନ୍ତରେ ପୁଲିସ ନଳିହାଡ ଗ୍ରାମର ଚିରଞ୍ଜିବ ଓରଫ ବରାହ ଭେଙ୍କଟ ସଂଗ୍ରାମ ସିଂକୁ ଗିରଫ କରି କୋର୍ଟ ଚାଲାଣ କରିଛି । ରାଜନୈତିକ ତିକ୍ତତା ଯୋଗୁଁ ଏଭଳି ଆକ୍ରମଣ କରାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି ।

# ବଲାଙ୍ଗୀରରେ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର: ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍' ବଲାଙ୍ଗୀର ଶାଖା ପକ୍ଷରୁ ସ୍ଥାନୀୟ ସୁଦପଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଲଳିତ କୁମାର ନାୟକ ଙ୍କ ସ୍ମୃତି ଉଚ୍ଚାରଣ କରାଯାଇଥିବା ବେଳେ, ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଙ୍ଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବଲାଙ୍ଗୀର ଜିଲ୍ଲାର କୋଣ-ଅନୁକୋଣରେ ଗରିବ, ଅସହାୟ ଲୋକଙ୍କ ସହାୟତା ପାଇଁ ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ।

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭବ୍ୟ 'ନୂଆଁଖାଇ ଭେଟଘାଟ' କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପ୍ରସ୍ତୁତି ସମୀକ୍ଷା କରାଯାଇଛି । ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ଆମ ଅଞ୍ଚଳ ର ଯୁବ କଳାକାର ମାନଙ୍କୁ ସ୍ୱର୍ଗତ ଲଳିତ ନାୟକ ସ୍ମୃତି ସମ୍ମାନ ସହ ଆର୍ଥିକ ଅନଟନ ରେ ଥିବା କଳାକାର ମାନଙ୍କ ପାଇଁ ଜନ ଅର୍ଥଦାନ ଭଳି ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଥିଲା ।

ଏହି ବୈଠକରେ ବଲାଙ୍ଗୀର ପୌରପରିଷଦ ରାଜ୍ୟ ସ୍ତରରେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇ ସହର ପାଇଁ ଗୌରବ ଆଣିଥିବାରୁ ପୌରାଧକ୍ଷା ତଥା ଫାଉଣ୍ଡେସନର ମହିଳା ଶାଖା ଉପଦେଷ୍ଟା ଶ୍ରୀମତୀ ଲିକା ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, ତାସହ ଅନୁଷ୍ଠାନ ର ମୁଖ ଉପଦେଷ୍ଟା ଲୋଟସ ଷଡ଼ଙ୍ଗୀ, ଜିଲ୍ଲା ଓକିଲ ସଂଘ ର ସଭାପତି ତଥା ଆଇନ ପରାମର୍ଶଦାତା ବାସୁ ରଥ, ଶିକ୍ଷାବିତ ମଶକୁର ରସୁଲ ଖାନ, ସୁଧୀର ଅମାତ, ଅମରେଶ ଖେତୀ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ ଦେଇଥିଲେ ଥିଲେ... ଏହି ଅବସରରେ ଅନୁଷ୍ଠାନ ର ମହିଳା ଶାଖା ସହ ବଲାଙ୍ଗୀର ଜିଲ୍ଲାର ୧୪ ଟି ବ୍ଲକ ଏବଂ ସୋନପୁର ଜିଲ୍ଲାର ୬ ଟି ବ୍ଲକ ର ସଂଯୋଜକ ମାନେ ଯୋଗଦେଇଥିଲେ । ଉକ୍ତ ବୈଠକରେ ଫାଉଣ୍ଡେସନର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିବା ସହ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ ।

# ପୂଜା ପାଇବେ ୨୨ଫୁଟ୍ ର ମୂର୍ତ୍ତି, ପ୍ରସ୍ତୁତ ହେଉଛି ୧୫୦ ଫୁଟ ପେଣ୍ଡାଲ

ରାଉରକେଲା: ସିଭିଲ ଟାଉନସିପ୍ ସ୍ଥିତ ସିଭିଲ ଚାର୍ଜର୍ସ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ୨୨ଫୁଟ ର ଶ୍ରୀ ଗଣେଶଙ୍କ ମୂର୍ତ୍ତି ଓ ୧୫୦ ଫୁଟ ପେଣ୍ଡାଲ ପ୍ରସ୍ତୁତ କରାଯାଉଛି । ଏନେଇ ସ୍ଥାନୀୟ ମଡର୍ଣ୍ଣ ପଡିଆ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କୁହାଯାଇଛି ଯେ ଚଳିତ ବର୍ଷ କ୍ଲବ ତରଫରୁ ୧୯ ବର୍ଷରେ ପୂଜା ପଦାର୍ପଣ କରିଥିବା ବେଳେ ଏହାକୁ ଅଧିକ ଜାକଜମକରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । କଲିକତା ରୁ ଆସିଥିବା ପେଣ୍ଡାଲ ଓ ମୂର୍ତ୍ତି କାରିଗର ଦିନରାତି ଏକ କରି କାମରେ ଲାଗିଛନ୍ତି । ଚଳିତ ବର୍ଷ କାଚରେ ମୂର୍ତ୍ତି ଓ ପ୍ୟାରିସ ର ଡିଜିନିଓ୍ୱାଲ୍ଡ ଡିଜାଇନର ତୋରଣ ପ୍ରସ୍ତୁତ କରାଯାଉଛି ଯାହା ଶ୍ରଦ୍ଧାଳୁ ଙ୍କ ପାଇଁ ଶ୍ରେଷ୍ଠ ଆକର୍ଷଣ ହେବ । ଆସନ୍ତା ୧୪ ତାରିଖ ରୁ ଆରମ୍ଭ ହୋଇ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦିନ ନୃତ୍ୟ, ଡ୍ରଇଂ ପ୍ରତିଯୋଗିତା , ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ପ୍ରାୟ ୪୦ ରୁ ୫୦ ଲକ୍ଷ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ବିଶ୍ୱଜିତ ତ୍ରିପାଠୀ ଙ୍କ ସଂଯୋଜନାରେ କ୍ଲବର ଅଧକ୍ଷ ପ୍ରମୋଦ ପ୍ରଧାନ, ସଭାପତି ପ୍ରତାପ ସାହୁ, ସାଧାରଣ ସଂପାଦକ ଦିପ୍ତି ରଞ୍ଜନ ପରିଡା,କାର୍ଯ୍ୟକାରୀ ସଭାପତି ପିଙ୍କୁ ଜୟସ୍ୱାଲ, ଉପଦେଷ୍ଟା ଅଜୟ




ସିଂହଲ, ପ୍ରମୋଦ ନାୟକ,ପୁଷ୍ପା ଲେଙ୍କା, ସୁବାସ ପଣ୍ଡା, ଶ୍ରୀଧର ମଲ୍ଲିକ୍, ପ୍ରଦୀପ ଗୁପ୍ତା, ମନୋଜ ଜୈନ, ପ୍ରମୋଦ ଜୟସ୍ୱାଲ, ରମେନ୍ଦ୍ର ନାରାୟଣ ନାୟକ, ଦିଲ୍ଲିପ ମହାନ୍ତି, ବିଜୟ ଯୋଶୀ ପ୍ରମୁଖ ମଞ୍ଚାସୀନ ରହି ଏ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ରାଜେଶ ମଲ୍ଲିକ୍,ଆଶିର୍ବାଦ ଦାସ, ସୁଭମ ନାୟକ, ଆୟୁଷ ଅଭିନନ୍ଦନ, ଅଂଶୁମାନ ସୁତାର, ସତ୍ୟ ମହାପାତ୍ର, ସ୍ମୃତି ମହାପାତ୍ର, ବୁବୁନ ପ୍ରଧାନ,ସନତ ଜେନା,ମ ?ତଞ୍ଜୟ ମାହନ୍ତ ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ବନବିଭାଗ ତଦନ୍ତ ବାଟବଣା : ନିଜ କର୍ମଚାରୀ ଙ୍କୁ ବଞ୍ଚାଇବାକୁ ବନବିଭାଗର ପ୍ରୟାସ

ଅସ୍ତରଙ୍ଗ,୮।୯: ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର 'ସବୁଜିମା ନାଁରେ ଲୁଟ୍' ର ତଦନ୍ତ ତଥ୍ୟ କୁ ନେଇ ଉଠିଛି ପ୍ରଶ୍ନ । ସୂଚନା ଅନୁସାରେ ସହନ ବନାଞ୍ଚଳ ର ୩୨ ହେକ୍ଟର ରେ ସରକାରଙ୍କ କାମ୍ପା ଓ ମନରେଗା ଯୋଜନା ରେ ପ୍ରାୟ ୮୦ ହଜାର ଚାରା ରୋପଣ କରାଯାଇଥିଲା । କିନ୍ତୁ ବାସ୍ତବ ରେ କିଛି ଅଞ୍ଚଳ ରେ ପାଣି ଜମି ରହିବା ଯୋଗୁ ଗଛ ନାହିଁ , ଯେଉଁଠି ଅଛି ତାହା ଅଗ ଭାଗ ହରିଣ ଓ ଅନ୍ୟାନ୍ୟ ବନ୍ୟଜନ୍ତୁ ଙ୍କ ଦ୍ୱାରା ଭାଙ୍ଗିଯାଇ ଥୁଣ୍ଟା ଅବସ୍ଥାରେ ଅଛି । ଗଛ ନଥିବା ଖବର ପ୍ରଥମେ ସମାଜିକ ଗଣମାଧ୍ୟମ ରେ ଗ୍ରାମବାସୀଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରସାର ହେବା ପରେ ବନବିଭାଗ ର ବନାଞ୍ଚଳ ଅଧିକାରିଣୀ ୫ ତାରିଖରେ ଗଣମାଧ୍ୟମ ରେ ପାଣି ଜମିବା ଯୋଗୁ ଗଛ ବଞ୍ଚି ନାହିଁ । ଆମେ ୬ ଥର ଗଛ ଲଗାଇ ସାରିଲୁଣି ବୋଲି ବକ୍ତବ୍ୟ ରଖିଲେ । କିନ୍ତୁ ତା ପର ଦିନ ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ସ୍ଥାନରେ ୬ ତାରିଖ ରାତିରେ ଝାଉଁ ଗଛ ବୁହା ହୋଇ ଆସିଲା ଓ ୭ ତାରିଖ ସକାଳୁ ଗଛ ଲାଗିବା ଆରମ୍ଭ ହେଲା । ସାମାଜିକ କର୍ମୀ ରୁଦ୍ରପ୍ରସାଦ ଲେଙ୍କା ଏହି ଦୁର୍ନୀତି ଖବରକୁ ଏକ୍ସ ମାଧ୍ୟମରେ ବିଭାଗୀୟ ଅଧିକାରୀ ସମେତ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରାଇଲେ । ଏହାକୁ ଭିତିକରି ତଦନ୍ତ ନିର୍ଦ୍ଦେଶ ଆସିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ପୁରୀ ଡ଼ିଏଫଓ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଗଛ ଥିଲା ତେବେ ପୁଣି କଣ ପାଇଁ ଓ କାହିଁକି ଗଛ ଲାଗିଲା । ତଦନ୍ତକାରୀ ଅଧିକାରୀ ଏସିଏଫ ନୀଳମାଧବ ସାହୁ, କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ସମେତ ଫରେଷ୍ଟର ମଧ୍ୟ ସାମିଲ ହୋଇଥିଲେ । ଗତ ୨୧ ତାରିଖ ଠାରୁ ୩ ଦିନ ପର୍ଯ୍ୟନ୍ତ ଡ୍ରୋନ କ୍ୟାମେରା ଓ ବିଭିନ୍ନ ବୈଷୟିକ ପଦ୍ଧତିରେ ଚାରା ରୋପଣ ଦୁର୍ନତିର ତଦନ୍ତ କଲେ । ଏବଂ ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀ ମାନେ ଅଭିଯୋଗକାରୀ ମାନଙ୍କୁ ଘଟଣାସ୍ଥଳ ଡାକି ନ ଥିଲେ । ଯେଉଁ ବନାଞ୍ଚଳ ଅଧିକାରିଣୀ ଓ ବନପାଳ ଚାରା ରୋପଣରେ ନିୟୋଜିତ ଥିଲେ ସେହି ମାନଙ୍କୁ ଧରି ତଦନ୍ତକାରୀ ଅଧିକାରୀ ମାନେ ତଦନ୍ତ କରୁଛନ୍ତି ଯାହା ସନ୍ଦେହଜନକ ବୋଲି ଫିଲୁ ବେହେରା ଗଣମାଧ୍ୟମ କୁ କହିଥିଲେ । ଏବେ ତଦନ୍ତ ତଥ୍ୟ ସାମ୍ନାକୁ ଆସିବାପରେ ତଦନ୍ତ ତଥ୍ୟ କୁନେଇ ଅଭିଯୋଗ କାରି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ତଦନ୍ତ ରେ କୁହାଯାଇଛି ଉକ୍ତ ଏରିଆକୁ ୮ ଗୋଟି ବିଭାଗ କରାଯାଇ ପ୍ରାୟ ୧୦ ହଜାର ଲେଖାଏଁ ଗଛ ଲାଗିଥିବା ତଦନ୍ତ ରେ କୁହାଯାଇଛି । ଏବଂ ସେଥିରୁ ୧୧ ହେକ୍ଟର ଜମିରେ ରେ ଅଧିକ ପାଣି ଜମିରହୁଛି । କିନ୍ତୁ ଶତକଡା ୮୪ ଭାଗରୁ ଅଧିକ ଗଛ ଅଛି ଯାହା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ଅଗଷ୍ଟ ୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୧ ହଜାରରୁ ଉର୍ଦ୍ଧ ଝାଉଁ ଚାରା ରୋପଣ କରାଗଲା ଯାହା ସୂଚନା ମିଳିଛି । ଏବଂ ସେହି ଗଛ କୁ ଗଣନା କରି ରିପୋର୍ଟ ପ୍ରସ୍ତୁତ ହୋଇଥିବା ସ୍ପଷ୍ଟ ଜଣାପଡୁଥିବା ଅଭିଯୋଗ ହୋଇଛି । ପୂର୍ବ ଗଛ ଉଚତା ୧୦ ଫୁଟ ରୁ ୧୨ ଫୁଟ ଓ ୭ ଥର କୁ ନୂତନ ଗଛ ଲାଗିଛି ଯାହାର ଉଚତା ପାଞ୍ଚ ଛଅ ଫୁଟ ହୋଇଛି । ତେବେ ଏଠାରେ ଗଛ ଯଦି ପାଣି ଜମିବା ଯୋଗୁ ବଞ୍ଚୁ ନ ଥିଲା ତେବେ ସେହିସ୍ଥାନରେ ବାରମ୍ବାର କଣ ପାଇଁ ଗଛ ଲଗାଯାଉଥିଲା ?। ନିୟମ ଅନୁସାରେ ପାଣି ଜାମୁଥିବା ସ୍ଥାନରେ ବାଲି ଠୁଳ କରି କିମ୍ବା ପାଣି ନିଷ୍କାସନ ର ବାଟ ତିଆରି କରି ଗଛ ଲାଗି ପାରିବ ? ଏବଂ ଥୁଣ୍ଟା ଗଛ ବଦଳରେ ନୂଆ ଗଛ ଲାଗିଥାନ୍ତା, ତାହା ନ ହୋଇ ବାରମ୍ବାର ଗଛ ଲାଗିବା ଯୋଗୁ କିମ୍ବା ପାଣି ଆଳରେ ଜମାରୁ ଗଛ ନ ଲାଗି ଶ୍ରମିକ ମାନଙ୍କ ଦ୍ୱାରା ବ୍ୟାପକ ଅର୍ଥ ଲୁଟ୍ ଏବଂ ଚାରି ଜଣ ଜଙ୍ଗଲ ରକ୍ଷକ ୱାଚର ନିଯୁକ୍ତି ଥିବା ରିପୋର୍ଟ ରେ ଦର୍ଶାଯାଇଛି । କିନ୍ତୁ ବାସ୍ତବ ରେ ଜଣେ ଥିବା ସ୍ଥଳେ ଆଉ ତିନି ଜଣ କିଏ ବୋଲି ପ୍ରଶ୍ନ କରିବା ସହ ବହୁ ଅର୍ଥ ଦୁର୍ନୀତି ହୋଇଥିବା ଅଭିଯୋଗ କାରି ଶ୍ରୀଯୁକ୍ତ ବେହେରା କହିଛନ୍ତି । ଯଦି ନିରପେକ୍ଷ ତଦନ୍ତ ସରକାର ଚାହୁଁଛନ୍ତି ତେବେ ଅଭିଯୋଗ ଥିବା ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରି ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟା ସତ୍ୟ ସାମ୍ନାକୁ ଆସିବ ବୋଲି ଅଭିଯୋଗ କାରି ଶ୍ରୀଯୁକ୍ତ ବେହେରା କହିଛନ୍ତି କହିଛନ୍ତି ।



# କଂଗ୍ରେସର ଏସ୍‌ଆଇଆର ବିଏଲଏ -୨ ସମ୍ବର୍ଦ୍ଧନା ସଭା

କୁକୁଡାଖଣ୍ଡି, ୮/୯ : କଂଗ୍ରେସ ପକ୍ଷରୁ ଏସଆଇଆର ବିଏଲଏ-୨ ବୁଥ୍ କୁକୁଡାଖଣ୍ଡି ବ୍ଲକର ୮୫ ପ୍ରତିନିଧିଙ୍କୁ ଉପଢୌକନ ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଧାନ କରାଯାଇଛି । ବ୍ରହ୍ମପୁର ଉପକଣ୍ଠ ମାଁ ମହୁରୀ କାଳୁଆ ପୀଠରେ ରବିବାର ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶାକା ସୁଜିତ କୁମାରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିବା ବେଳେ ଏସଆଇଆର ବୁଥ୍ ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ରବି ରଥ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ଉପରେ ଉଦବେଗ ପ୍ରକାଶ କରାଯାଇଥିଲା । ଏହା ସହ ବିଜେଡି ନେତା ଅଦୃଶ୍ୟ ଥିବା ବେଳେ ସ୍ଥାନୀୟ ନେତା ଙ୍କ ଇଚ୍ଛାଶକ୍ତି ଅଭାବ ରୁ ଦିଗପହଣ୍ଡି ଅଞ୍ଚଳରେ ବିକାଶ ନିମ୍ନ ସ୍ତରରେ ପହଞ୍ଚିଛି ବୋଲି କଂଗ୍ରେସ ନେତା ଏସ. ସୁଜିତ କୁମାର କହିଛନ୍ତି । ନିର୍ବାଚନ ମଣ୍ଡଳୀର ନେତା ଗୀତ ଗାଇ ଲୋକଙ୍କୁ ଭୁଲାଇ ସମୟ ବିତାଉଛନ୍ତି ବୋଲି ସେ କଟାକ୍ଷ କରିଛନ୍ତି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ କିଭଳି ବାଜିମାତ କରିବ ସେ ନେଇ ମଧ୍ୟ ଏହି ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଥିଲା । ଏଥିରେ ମଞ୍ଚାସିନ ଥିବା କଂଗ୍ରେସର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଗୌଡ଼, ବିକ୍ରମ ପଣ୍ଡା, ମହେଶ୍ୱର ପାତ୍ର, ଆର.ଦିନବନ୍ଧୁ, ଶଙ୍କର ଅଧିକାରୀ, କୃଷ୍ଣ ସ୍ୱାଇଁ, ସାଗର ମହାରଣା, ମୃତ୍ୟୁଞ୍ଜୟ ପାତ୍ର, ପ୍ରମୁଖ ମଞ୍ଚାସିନ ଥିବା ବେଳେ ଉତ୍ତମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହା ସହ ବହୁ ସଂଖ୍ୟା ରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ